ନୂଆ ପାର୍ଟି ଘୋଷଣା କଲେ ଦିବ୍ୟା

ପୃଷ୍ଠା ୫

ସଞ୍ଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 205 ଭାଗ ୩୪ | ସଂଖ୍ୟା ୨୦୫ | Friday 16 October 2026 | Page 8 Rs. 5.00 | ଭୁବନେଶ୍ୱର ଶୁକ୍ରବାର, ୧୬ ଅକ୍ଟୋବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ସୁପ୍ରିମ୍‌କୋର୍ଟରେ ସିଜେପି ଆନ୍ଦୋଳନ ବେଳେ କଟକଣା ପ୍ରସଙ୍ଗ

କେନ୍ଦ୍ର ସରକାର ଓ ଦିଲ୍ଲୀ ପୁଲିସ୍‌କୁ ଭର୍ତ୍ସନା

ନୂଆଦିଲ୍ଲୀ,୧୫।୧୦: ମୁଖ୍ୟ ନିର୍ବାଚନ ଆୟୁକ୍ତ (ସିଇସି) ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ ଗତ ୧୦ ତାରିଖରେ ଯନ୍ତରମନ୍ତରଠାରେ 'କଙ୍ଗ୍ରେସ୍ ଜନତା ପାର୍ଟି' (ସିଜେପି) ଦ୍ୱାରା ଆୟୋଜିତ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ପରିପ୍ରେକ୍ଷୀରେ ଦିଲ୍ଲୀ ପୁଲିସର ମନମୁଖୀ ତଥା ଅଗଣତାନ୍ତ୍ରିକ ଦମନଲୀଳାକୁ ନେଇ ରୁଜୁ ହୋଇଥିବା ସମସ୍ତ ଜନସ୍ୱାର୍ଥ ମାମଲାର ଆଜି ସୁପ୍ରିମ୍‌କୋର୍ଟ ଶୁଣାଣି କରିଛନ୍ତି। ଦିଲ୍ଲୀରେ ଇଣ୍ଟରନେଟ୍ ସେବା ବନ୍ଦ କରିବା ତଥା ସହରରେ ଅଘୋଷିତ କର୍ଫ୍ୟୁ ଭଳି ପରିସ୍ଥିତି ସୃଷ୍ଟି କରିବା ଅଭିଯୋଗରେ ସର୍ବୋଚ୍ଚ ଅଦାଲତ ଦିଲ୍ଲୀ ପୁଲିସ ଉପରେ ଅଦାଲତ ଅବମାନନା ଭଳି ସଙ୍ଗୀନ ଆରୋପ ଲଗାଇଛନ୍ତି। ସେହିପରି ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ଅନିୟମିତତା ନେଇ କଂଗ୍ରେସ ସାଂସଦ ରାହୁଲ ଗାନ୍ଧିଙ୍କ ସମେତ ବିରୋଧୀ ଦଳ ନେତାଙ୍କ ଦ୍ୱାରା ଦାଏର ଯାଚିକା ଉପରେ ଅଦାଲତ ନିର୍ବାଚନ ଆୟୋଗଙ୍କୁ ନୋଟିସ୍ ଜାରି କରିଛନ୍ତି।

ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ପ୍ରଥମରୁ ଭଣ୍ଡୁର କରିବା ପାଇଁ ଦିଲ୍ଲୀ ପୁଲିସ ସହରର ଏକାଧିକ ମେଟ୍ରୋ ଷ୍ଟେସନକୁ ବନ୍ଦ କରିବା, ଟ୍ରେନ ଚଳାଚଳରେ କଟକଣା ଲଗାଇବା ଭଳି ପଦକ୍ଷେପସବୁ ନେଇ ସମଗ୍ର ଦିଲ୍ଲୀକୁ ପୃଷ୍ଠା-୬

ଦିଲ୍ଲୀ ପୁଲିସ୍‌କୁ ହାଇକୋର୍ଟଙ୍କ ତାଗିଦା

ସିଜେପି ଆନ୍ଦୋଳନରେ ବାଧା ଦିଅନି

ଦିଲ୍ଲୀର କନ୍ନଟ ପ୍ଲେସ୍‌ରେ ତ୍ରିରଙ୍ଗା ଉଡ଼ାଇବା ପାଇଁ ସିଜେପି ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆହ୍ୱାନ ଦେଇଛନ୍ତି। ତ୍ରିରଙ୍ଗା ଉଡ଼ାଉଥିବା ବେଳେ ସିଜେପିର ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କୁ ଦିଲ୍ଲୀ ପୁଲିସ୍ ଗିରଫ କରିଛି। ତେବେ ତ୍ରିରଙ୍ଗା ଉଡ଼ାଇ ଆମେ ଦେଖାଇଦେବୁ ଯେ ଏହା ଅପରାଧ ନୁହେଁ ବୋଲି ଅଭିଜିତ୍ ଦୀପକେ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ କହିଛନ୍ତି। ସେ କହିଛନ୍ତି ଯେ ତ୍ରିରଙ୍ଗା ଉଡ଼ାଉଥିବା ବେଳେ ଦିଲ୍ଲୀ ପୁଲିସ୍ ତାଙ୍କୁ ମଧ୍ୟ ଗିରଫ କରିପାରେ। ମାତ୍ର ସେ ସେଥିଲାଗି ଚିନ୍ତିତ ନୁହନ୍ତି। ଅନ୍ୟ ଏକ ଘଟଣାକ୍ରମରେ କନ୍ନଟ ପ୍ଲେସରେ ସିଜେପିକୁ ଆନ୍ଦୋଳନ କରିବା ପାଇଁ ଅନୁମତି ନ ଦେବାକୁ ଦାବିକରି ରୁଜୁ ହୋଇଥିବା ମାମଲାକୁ ଦିଲ୍ଲୀ ହାଇକୋର୍ଟ ଖାରଜ କରିଦେଇଛନ୍ତି। ସିଜେପିର ଆନ୍ଦୋଳନରେ ବାଧା ନ ଦେବାକୁ ହାଇକୋର୍ଟ ଦିଲ୍ଲୀ ପୁଲିସକୁ ନିର୍ଦ୍ଦେଶ ଦେଇଛନ୍ତି।

ବଢ଼ିଲା ଅନ୍ତ୍ୟୋଦୟ ଗୃହ ଯୋଜନା କାର୍ଯ୍ୟକାଳ

- ନିର୍ମାଣ ହେବ ଅଧିକ ୨,୯୧,୬୬୬ ନୂଆ ଘର
- ପ୍ରୋତ୍ସାହନ ରାଶି ୩୫ ହଜାର ଓ ୨୦ ହଜାରକୁ ବୃଦ୍ଧି
- ସମସ୍ତଙ୍କ ପାଇଁ ଘର ଯୋଜନାର ଲକ୍ଷ୍ୟ ଶୀଘ୍ର ପୂରଣ ହେବ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୫।୧୦(ସଂଚାର ବ୍ୟୁରୋ): ଅନ୍ତ୍ୟୋଦୟ ଗୃହ ଯୋଜନାରେ ଆଉ ୨,୯୧,୬୬୬ ନୂଆ ଘର ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ଏଥିସହ ଏହି ଯୋଜନାର କାର୍ଯ୍ୟକାଳ ମଧ୍ୟ ୨ ବର୍ଷ ବୃଦ୍ଧି ପାଇଛି। ୨୦୨୬ ପରିବର୍ତ୍ତେ ୨୦୨୯ ପର୍ଯ୍ୟନ୍ତ ଏହାର ଅବଧି ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ନେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ସମସ୍ତଙ୍କ ପାଇଁ ଘର ଯୋଗାଇ ଦେବାର ଲକ୍ଷ୍ୟ ଖୁବ୍‌ଶୀଘ୍ର ହାସଲ କରାଯିବ।

ସୂଚନାଯୋଗ୍ୟ ଯେ ଏହି ଯୋଜନାର ସମୁଦାୟ ପ୍ରକଳ୍ପ ଖର୍ଚ୍ଚ ୭,୫୫୦ କୋଟି ଟଙ୍କା ପୂର୍ବ ପରି ଅପରିବର୍ତ୍ତିତ ରହିବ। ତେବେ ଏହି ପ୍ରକଳ୍ପର ୩,୫୦୦ କୋଟି ଟଙ୍କା ରିପେୟାରିଂ କଣ୍ଟୋନେଣ୍ଟକୁ ନୂଆ ଘର ନିର୍ମାଣ ପାଇଁ ନିଷ୍ପତ୍ତି କରାଯାଇଛି। ଏହି ଯୋଜନାରେ ଯେଉଁ ହିତାଧିକାରୀମାନେ ୪୮,୫୦୦ ଟଙ୍କା କିମ୍ବା ତା'ଠାରୁ କମ ପାଇଥିବେ ଓ ଅନ୍ୟ ଯୋଗ୍ୟ ହିତାଧିକାରୀ ଏଥିରେ ସାମିଲ ହେବେ। ଏଥିପାଇଁ ନୂଆ ହିତାଧିକାରୀ ଚିହ୍ନଟ କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗକୁ ପୃଷ୍ଠା-୬

ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ସମ୍ବଲପୁର ସାଂସଦ

ରାଜପଥରେ ବେଆଇନ ଗାଡ଼ି ପାର୍କିଂ ରୋକ

- ରାଜପଥ ଓ ଶିଳ୍ପାଞ୍ଚଳରେ ବଢୁଥିବା ସଡ଼କ ଦୁର୍ଘଟଣା ନେଇ ଚିନ୍ତା
- ଶିଳ୍ প ଓ ଖଣି କମ୍ପାନୀ ଉପରେ କର୍ପୋରେଟ୍ ଲାୟାବିଲିଟି ଲାଗୁ ହେଉ



ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ପ୍ରମୁଖ ଖଣି ଓ ଶିଳ୍ପାଞ୍ଚଳର ଜାତୀୟ ତଥା ରାଜ୍ୟ ରାଜପଥଗୁଡ଼ିକରେ ବାଣିଜ୍ୟିକ ଓ ବଡ଼ ବଡ଼ ଯାନଗୁଡ଼ିକର ବେଆଇନ ତଥା ବିପଜ୍ଜନକ ପାର୍କିଂ ଯୋଗୁଁ ବୃଦ୍ଧି ପାଉଥିବା ସଡ଼କ ଦୁର୍ଘଟଣାକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ର ଲେଖିଛନ୍ତି ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନ। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଖଣି ଓ ଶିଳ୍ପ କରିଡରଗୁଡ଼ିକରେ ଟ୍ରକଗୁଡ଼ିକ କିଲୋମିଟର କିଲୋମିଟର ପର୍ଯ୍ୟନ୍ତ ଧାଡ଼ି କରି ରାସ୍ତା ଉପରେ ବେଆଇନ ଓ ବିପଜ୍ଜନକ ପାର୍କିଂ କରୁଥିବାରୁ ସଡ଼କ ଦୁର୍ଘଟଣା ଦିନକୁ ଦିନ ବୃଦ୍ଧି ପାଉଛି। ବିଶେଷ ଭାବେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥରେ ଏଭଳି ଘଟଣା ଦେଖିବାକୁ ମିଳୁଥିବା ବେଳେ ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଲଜିଷ୍ଟିକ୍ସ ଶୃଙ୍ଖଳାର ଅଭାବ ଓ କିମ୍ବା ନିର୍ଦ୍ଦିଷ୍ଟ ପାର୍କିଂ ନ ଥିବାରୁ ସଡ଼କ ସୁରକ୍ଷା ପ୍ରତି ଏକ ଗୁରୁତର ବିପଦ ସୃଷ୍ଟି କରୁଛି। ତେବେ ଏହାର ନିରାକରଣ ପାଇଁ ରାଜ୍ୟ ସରକାରଙ୍କ ପାଖରେ ସିଧାସଳଖ ସାମ୍ବିଧାନିକ ଆଦେଶ ଓ ଦୃଢ଼ ଆଇନଗତ କ୍ଷମତା ରହିଛି।

ପ୍ରଥମତଃ ପୃଷ୍ଠା-୬

ରାଜ୍ୟ ରାଜନୀତିକୁ ହଲଚଲ କଲା କ୍ୟାମ୍ପସ ତାତି

ଏବିଭିପି ଦଖଲରେ ଜିଏମ, ବିଜେବି ଓ ରାଜଧାନୀ

- ଉତ୍କଳ ଓ ରମାଦେବୀକୁ ନେଇ ସସ୍ପେନ୍ସ ଜାରି
- ନୟାଗଡ, କେନ୍ଦ୍ରାପଡ଼ାରେ ପୋଛିନେଲା ବିସିଜେଡି
- ଶୌଳବାଲା, ଖ୍ରୀଷ୍ଟ, ଖଲିକୋଟରେ ସ୍ୱାର୍ଥୀନ ବିଜୟୀ

ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ): ମାତ୍ର ୭ ଦିନର କଥା, ହେଲେ ଛାତ୍ର ସଂସଦ ନିର୍ବାଚନକୁ ନେଇ ରାଜ୍ୟ ରାଜନୀତିରେ ଯେଉଁ ତାତି ଦେଖିବାକୁ ମିଳିଥିଲା, ତାହା ଅନ୍ୟ ନିର୍ବାଚନକୁ ବି ପଛରେ ପକାଇ ଦେଇଛି। ରାଜନୈତିକ ଦଳ, କଲେଜ ବା ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ପ୍ରଶାସନର ସିଧାସଳଖ ସଂପୃକ୍ତି ଦୀର୍ଘ ୮ ବର୍ଷ ପରେ ହେଉଥିବା ଛାତ୍ର ସଂସଦ ନିର୍ବାଚନରେ ରାଜନୈତିକ ଦଳଗୁଡ଼ିକ ନିଜର ପତିଆରା ପ୍ରଦର୍ଶନର ସୁଯୋଗ ଦେଇଥିଲା। ଫଳରେ କଲେଜ କ୍ୟାମ୍ପସ ପାଲଟିଥିଲା ରାଜନୈତିକ ଦଙ୍ଗଲ। ନିଜ ମନପସନ୍ଦର ଛାତ୍ରନେତା ବାଛିବା ପାଇଁ ବିଦ୍ୟାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିଲେ ସୁଦ୍ଧା ଭୋଟିଂ ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି ଏହି ଉତ୍ସାହ ହିଂସାର ରୂପ ନେଇଥିଲା। କେନ୍ଦୁଝରରୁ କେନ୍ଦ୍ରାପଡ଼ା ଓ ବ୍ରହ୍ମପୁରରୁ ବାରିପଦା ପର୍ଯ୍ୟନ୍ତ ଏକାଧିକ ଶିକ୍ଷାନୁଷ୍ଠାନରେ ଏବିଭିପି ଓ ବିସିଜେଡି ସମର୍ଥକମାନେ ପରସ୍ପର ସହ ମୁହାଁମୁହିଁ ହୋଇଥିଲେ।

ମୁଖ୍ୟତଃ ଏହି ଲଢ଼େଇ ହେଉଥିଲା ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ଓ ଏବିଭିପି ମଧ୍ୟରେ। କିଛି ସ୍ଥାନରେ ସ୍ୱାଧୀନ ପ୍ରାର୍ଥୀ ବି ଦୁଇ ପ୍ରମୁଖ ଛାତ୍ର ସଂଗଠନକୁ ମାତ ଦେଇଛନ୍ତି। କଟକ ଶୌଳବାଲା କଲେଜରେ ସଭାପତି ପଦ ଜିତିଛନ୍ତି ସ୍ୱାଧୀନ ପ୍ରାର୍ଥୀ ପ୍ରଜ୍ଞା ପରମିତା ନାୟକ। ଖ୍ରୀଷ୍ଟ ପୃଷ୍ଠା-୬



ବିବୃତି ବଦଳାଇଲେ ନୂଆ ରାଜ୍ୟପାଳ

'ହମ୍ ସବ୍ କେ ହୈ, ସବ୍ ହମାରେ ହୈ'

- ସାମ୍ବିଧାନିକ ଗରିମା ବଜାୟ ରଖନ୍ତୁ ରାଜ୍ୟପାଳ: ନବୀନ
- ନୂଆ ରାଜ୍ୟପାଳଙ୍କ ପ୍ରତ୍ୟାହାର ଦାବିକଲା କଂଗ୍ରେସ

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ମୁଖ୍ୟ ବିରୋଧୀ ଦଳ ବିଜେଡି ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମଙ୍କ କଥିତ ବୟାନକୁ ନେଇ ନିରାଶା ବ୍ୟକ୍ତ କରିଛି। ଏକ ଗଣମାଧ୍ୟମ ସଂସ୍ଥାକୁ ବ୍ରଜମୋହନ ଦେଇଥିବା ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ବେଳେ ଏହାକୁ ନେଇ ଓଡ଼ିଶା ରାଜନୀତି ଏବେ ସରଗରମ। ବିରୋଧୀ ଭୂମିକାରେ ଥିବା ବିଜେଡି ଓ କଂଗ୍ରେସ ନବନିଯୁକ୍ତ ରାଜ୍ୟପାଳଙ୍କ ବୟାନରେ ବିସ୍ମିତ ଓ ପ୍ରତିକ୍ରିୟାଶୀଳ ହୋଇଛନ୍ତି। ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଏକ ଭିଡିଓରେ ବ୍ରଜମୋହନ ରାମ କହିଥିଲେ, 'ଦାୟିତ୍ୱ ଗ୍ରହଣ କରିବା ପରେ ରାଜ୍ୟରେ ବିଜେପିକୁ ମଜବୁତ କରିବାକୁ ସେ କାର୍ଯ୍ୟ କରିବେ'। ଏହାପରେ ତାଙ୍କୁ ପ୍ରତ୍ୟାହାର କରିବା ଦାବି ମଧ୍ୟ ଉଠିଛି। ତେବେ ଏକ ପରିବର୍ତ୍ତିତ ବିବୃତିରେ ବ୍ରଜମୋହନ ରାମ କହିଛନ୍ତି ଯେ ସେ ଏପରି କିଛି ଅସାମ୍ବିଧାନିକ କଥା କହିନାହାନ୍ତି। ସେ କହିଛନ୍ତି ଯେ ମୁଁ କେବଳ ପୃଷ୍ଠା-୬

୧୮ରେ ନୂଆ ରାଜ୍ୟପାଳଙ୍କ ଶପଥ!

ଆସନ୍ତା ୧୮ ତାରିଖରେ ନବନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ଓଡ଼ିଶାର ରାଜ୍ୟପାଳ ଭାବେ ପଦ ଓ ଗୋପନୀୟତାର ଶପଥ ଗ୍ରହଣ କରିବେ ବୋଲି ସୂଚନା ମିଳିଛି। ପୂର୍ବାହ୍ନ ୧୧ଟାରେ ଲୋକଭବନର ନୂଆ ଅଭିଷେକ ହଲ୍‌ରେ ଶପଥ ଉତ୍ସବ ଅନୁଷ୍ଠିତ ହେବ ବୋଲି ଜଣାପଡିଛି। ହାଇକୋର୍ଟର ମୁଖ୍ୟ ବିଚାରପତି ନୂଆ ରାଜ୍ୟପାଳଙ୍କୁ ଶପଥ ପାଠ କରାଇବେ। ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୩ ଶହ ଅତିଥି ଯୋଗଦେବେ। ଏନେଇ ଓଡ଼ିଶା ଲୋକଭବନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାପଡ଼ିଛି।

ଡ୍ୱରାନ୍ୱିତ ହେବ ଜନପ୍ରତିନିଧିଙ୍କ ବିରୋଧରେ ଥିବା ମାମଲା

ଖୋଲିବ ୧୪ କୋର୍ଟ, ୧୩୬ ନୂଆ ପଦବୀ ମଞ୍ଜୁର

ସେପ୍ଟେମ୍ବର ସୁଦ୍ଧା ବିଚାର ଅପେକ୍ଷାରେ ୪୧୯ ମାମଲା

ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ): ରାଜ୍ୟରେ ପୂର୍ବତନ ଓ ବର୍ତ୍ତମାନର ବିଧାୟକ-ସାଂସଦମାନଙ୍କ ବିରୋଧରେ ବର୍ଷ ବର୍ଷ ଧରି ପଡ଼ିରହିଥିବା ଅପରାଧ ମାମଲାଗୁଡ଼ିକର ତ୍ୱରିତ ଫଇସଲା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ବିଧାୟକ ଓ ସାଂସଦମାନଙ୍କ ସହ ଜଡ଼ିତ ମାମଲାର ବିଚାର ପ୍ରକ୍ରିୟାକୁ ତ୍ୱରିତ ଶୁଣାଣି କରିବା ଲକ୍ଷ୍ୟରେ ରାଜ୍ୟ ସରକାର ୧୪ଟି ସ୍ୱତନ୍ତ୍ର କୋର୍ଟ ଖୋଲିବାକୁ ମଞ୍ଜୁରୀ ଦେଇଛନ୍ତି। ଏଥିରେ ଜିଲ୍ଲା ଜଜ୍ କ୍ୟାଡର୍‌ର ୩ଟି ଦୌରାଜଜ୍ ଅଦାଲତ ଓ ସିଭିଲ୍ ଜଜ୍ କ୍ୟାଡର୍‌ର ୧୧ଟି ମାଜିଷ୍ଟ୍ରେଟ୍ ଅଦାଲତ ସାମିଲ ରହିଛି। ଏହି କୋର୍ଟ କାର୍ଯ୍ୟକ୍ଷମ ହେବା ପାଇଁ ବିଚାରପତି ଓ ଆନୁଷଙ୍ଗିକ କର୍ମଚାରୀଙ୍କୁ ମିଶାଇ ମୋଟ ୧୩୬ଟି ନୂଆ ପଦବୀ ସୃଷ୍ଟିକୁ ଗୃହ ବିଭାଗ ମଞ୍ଜୁରୀ ଦେଇଛି। ଏନେଇ ମଙ୍ଗଳବାର ବିଧିବଦ୍ଧ ବିଜ୍ଞପ୍ତି ଗୃହ ବିଭାଗ ପକ୍ଷରୁ ଜାରି ହୋଇଛି। ଅନ୍ୟପକ୍ଷରେ ରାଜ୍ୟରେ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଏ ସଂକ୍ରାନ୍ତୀୟ ମୋଟ ୪୧୯ଟି ମାମଲା ବିଚାରାଧୀନ ରହିଥିବା ସୂଚନା ମିଳିଛି।

ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ଅନୁସାରେ, ୩ଟି ଜିଲ୍ଲା ଜଜସ୍ତରୀୟ ସ୍ୱତନ୍ତ୍ର ପୃଷ୍ଠା-୬

କୃଷ୍ଣସାଗରରେ ଭୟଙ୍କର ବିସ୍ଫୋରଣ

ଦୁଇ ଟ୍ୟାଙ୍କରରେ ନିଆଁ, ୭ ନାବିକ ନିଖୋଜ

ବୁକାରେଷ୍ଟ,୧୫।୧୦: କୃଷ୍ଣସାଗରର ରୋମାନିଆ ଜଳସୀମାରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଡାନୁବ ନଦୀର ସୁଲିନା କେନାଲ ମୁହାଣ ନିକଟରେ ଲଙ୍ଗର ପକାଇ ଅପେକ୍ଷା କରିଥିବା ଦୁଇଟି କେମିକାଲ୍ ଟ୍ୟାଙ୍କରରେ ହଠାତ୍ ଭୟଙ୍କର ଅଗ୍ନିକାଣ୍ଡ ଓ ବିସ୍ଫୋରଣ ଘଟିଛି। ସାନ ମାରିନୋ ପତାକାଧାରୀ ଟ୍ୟାଙ୍କର 'ୱାଇନ୍ ଟ୍ରେଡର୍'ରେ ନିଆଁ ଲାଗିବାରୁ ସେଥିରେ ଥିବା ୧୨ ଜଣ କ୍ରୁ ସଦସ୍ୟଙ୍କ ମଧ୍ୟରୁ ୫ ଜଣଙ୍କୁ ଉଦ୍ଧାର କରାଯାଇଥିବା ବେଳେ ୭ ଜଣ ନାବିକ ନିଖୋଜ ରହିଛନ୍ତି। ସେହିପରି ଅନ୍ୟ ଏକ ଟ୍ୟାଙ୍କର 'ୟାରା ଜେ' ମଧ୍ୟ ଅଗ୍ନିକାଣ୍ଡର ଶିକାର ହୋଇଛି। ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ପାଇଁ ହେଲିକପ୍ଟର ଓ ଜାହାଜ

ମୁତୟନ କରାଯାଇଥିଲେ ମଧ୍ୟ ଖରାପ ପାଗ ଯୋଗୁଁ ବାଧା ସୃଷ୍ଟି ହୋଇଛି। ରୁଷ-ୟୁକ୍ରେନ ଯୁଦ୍ଧ ମଧ୍ୟରେ କୃଷ୍ଣସାଗରରେ କ୍ରମାଗତ ଭାବେ ଜାହାଜଗୁଡ଼ିକ ଟାର୍ଗେଟ୍ ହେଉଥିବାରୁ ନାବିକମାନଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

ମହିଳାଙ୍କ ବିରୋଧରେ ଆସିପାରିବ ଗଣଦୁଷ୍କର୍ମ ଅଭିଯୋଗ

ନୂଆଦିଲ୍ଲୀ,୧୫।୧୦: ଅପରାଧ ଆଇନ ଅନୁସାରେ କୌଣସି ମହିଳାଙ୍କ ବିରୋଧରେ ମଧ୍ୟ ଗଣଦୁଷ୍କର୍ମ ଅଭିଯୋଗ ଅଣାଯାଇପାରିବ ବୋଲି ଦିଲ୍ଲୀ ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ନାବାଳିକା ଝିଅକୁ ଯୌନ ଉତ୍ପୀଡ଼ନ ପାଇଁ ବାଧ୍ୟ କରିଥିବା ଜଣେ ମାଆଙ୍କ ଆବେଦନକୁ ଖାରଜ କରି ଜଷ୍ଟିସ୍ ଅନୂପ ଜୟରାମ ଭିଂଭାନୀ ଏହି ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଯଦିଓ ମହିଳାଜଣକ ସିଧାସଳଖ ଏହି କୃତ୍ୟରେ ସାମିଲ ନ ଥା'ନ୍ତି, ତଥାପି ଅଭିଯୁକ୍ତଙ୍କୁ ସହାୟତା କରିଥିଲେ ତାଙ୍କ ବିରୋଧରେ ଗଣଦୁଷ୍କର୍ମ ମାମଲା ରୁଜୁ ହୋଇପାରିବ। ଯେପରି ଚୋରି କରିବାରେ ସିଡି ଧରିଥିବା ବ୍ୟକ୍ତି ମଧ୍ୟ ସମାନ ଭାବେ ଦୋଷୀ ହୋଇଥାଏ, ସେହିପରି ଅପରାଧରେ ସହଯୋଗ କରୁଥିବା ବ୍ୟକ୍ତିର ଲିଙ୍ଗ ଏଠାରେ ଗୁରୁତ୍ୱପୂର୍ଣ୍ଣ ନୁହେଁ ବୋଲି କୋର୍ଟ ମତ ଦେଇଛନ୍ତି।

କାନ ଡେରିଥା

ବଡ଼ ବଡ଼ ନେତା ତିଆରି କରନ୍ତି
ସାନସାନ ଛାତ୍ର ନେତା
ଯୁବଗୋଷ୍ଠୀ ଏଠି ବଡ଼ନେତା
ହେଲେ
ଖୁସି ହୁଅନ୍ତି ଜନତା
କାଟିବେ ଆଗକୁ ଫିତା...
ଫିତା କାଟୁକାଟୁ ଲୋଭରେ
ପଡିଲେ
ବୁଲିଯିବ ତାଙ୍କ ଛତା ।

ଦେବାଶିଷ

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ପୁଣି ଚର୍ଚ୍ଚା

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ରାଜ୍ୟ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ନେଇ ପୁଣି ଚର୍ଚ୍ଚା ଆରମ୍ଭ ହୋଇଛି। ଆସନ୍ତା ୧୭ ତାରିଖରେ କୋଲକତାଠାରେ ଅନୁଷ୍ଠିତ ହେବାକୁ ଯାଉଥିବା ବିଜେପିର ପୂର୍ବାଞ୍ଚଳ ବୈଠକ ପରେ ଏହା ହୋଇପାରେ ବୋଲି କୁହାଯାଉଛି। ରାଜ୍ୟର ମନ୍ତ୍ରୀମାନଙ୍କ ରିପୋର୍ଟ କାର୍ଡ ଜାତୀୟ ସଭାପତି ନିତିନ ନବୀନଙ୍କୁ ଦିଆଯିବା ମଧ୍ୟ ଏହି ଆଲୋଚନାକୁ ଆହୁରି ଖୋରାକ ଯୋଗାଇଛି।

ରାଜ୍ୟ ମନ୍ତ୍ରିମଣ୍ଡଳରେ ଏବେ ୬ଟି ମନ୍ତ୍ରୀ ପଦବୀ ଖାଲି ଥିବାରୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା କିଛିଦିନ ଧରି ଜାରି ରହିଛି। ଆଶାୟୀମାନେ ବି ଏଥିପାଇଁ ଧାଁଦଉନ କରୁଛନ୍ତି। କିନ୍ତୁ ଏମିତି ଚର୍ଚ୍ଚା ଭିତରେ ସରକାରଙ୍କ କାର୍ଯ୍ୟକାଳ ଅଢ଼େଇ ବର୍ଷ ପୂରିବାକୁ ବସିଲାଣି। ଏଥର କିନ୍ତୁ ବିଜେପିର ପୂର୍ବାଞ୍ଚଳ ବୈଠକ ପରେ ଓଡ଼ିଶା ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେବ ବୋଲି କୁହାଯାଉଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ୨୫ ବର୍ଷର କାର୍ଯ୍ୟକାଳକୁ ବିଜେପି ସେବା ସଙ୍କଳ୍ପ ଅଭିଯାନ ଭାବେ ପାଳନ କରୁଛି।

କୋଲକତା ସମ୍ମିଳନୀ ଉପରେ ନଜର

ନୀତିନ ନବୀନଙ୍କୁ ଦିଆଗଲା ମନ୍ତ୍ରୀଙ୍କ ରିପୋର୍ଟ କାର୍ଡ

ମାସେବ୍ୟାପୀ ଚାଲିଥିବା ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୭ ତାରିଖରେ ସରିବ। ତେବେ ସେହିଦିନ ଦେଶର ପୂର୍ବାଞ୍ଚଳ ବିଜେପି ନେତା ଓ କର୍ମୀଙ୍କୁ ନେଇ କୋଲକତାଠାରେ ବୃହତ୍ ସମ୍ମିଳନୀର ଆୟୋଜନ ହୋଇଛି। ଇତି ମଧ୍ୟରେ ଓଡ଼ିଶା ବିଜେପିରେ ମଧ୍ୟ କିଛିଟା ପରିବର୍ତ୍ତନ ହୋଇଛି। ଦଳୀୟ ପ୍ରଭାରୀ ବଦଳିଛନ୍ତି। ନୂଆ ପ୍ରଭାରୀ ଆସୁ ଆସୁ ରାଜ୍ୟମନ୍ତ୍

ଛାତ୍ରସଂସଦ ନିର୍ବାଚନ, ବିସିଜେଡି ବିପୁଳ ବିଜୟ

ପଟ୍ଟାମୁଣ୍ଡାଇ, ୧୫।୧୦(ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡି ପ୍ରାର୍ଥୀଙ୍କ ବିପୁଳ ବିଜୟ ଘଟିଛି। ପଟ୍ଟାମୁଣ୍ଡାଇ କଲେଜ ଛାତ୍ର ସଂସଦ ନିର୍ବାଚନରେ ସମସ୍ତ ୯ଟି ପଦବୀରେ ବିସିଜେଡି ପ୍ରାର୍ଥୀ ବିପୁଳ ବିଜୟ ହାସଲ କରିଛନ୍ତି । ଆଜି ସନ୍ଧ୍ୟାରେ ଘୋଷିତ ଫଳାଫଳ ଅନୁଯାୟୀ ବିସିଜେଡି ପ୍ରାର୍ଥୀ ରୁଦ୍ର ପ୍ରସାଦ ଦାସ ତାଙ୍କ ନିକଟତମ ଏ ବି ଭି ପି ପ୍ରାର୍ଥୀ ଅଭିଜିତ ଦାସଙ୍କୁ ୩୧୮ ଭୋଟରେ ପରାଜିତ କରି ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ବିସିଜେଡି ପ୍ରାର୍ଥୀ ଅବିନାଶ ସାହୁ ନିକଟତମ ଏ ବି ଭି ପି ପ୍ରାର୍ଥୀ ମୀରା ମଲିକଙ୍କୁ ୪୦୨ ଭୋଟରେ ପରାଜିତ କରି ଉପସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ବି ସିଜେଡି ପ୍ରାର୍ଥୀ ଅର୍ପିତା ମଥାନ ନିକଟତମ ଏ ବି ଭି ପି ପ୍ରାର୍ଥୀ ବିଶ୍ୱଜିତ ପ୍ରଧାନଙ୍କୁ ୩୦୨ ଭୋଟରେ ପରାଜିତ କରି ସାଧାରଣ ସମ୍ପାଦିକା ଭାବେ ନିର୍ବାଚିତ ହୋଇଛନ୍ତି । ବିସିଜେଡି ପ୍ରାର୍ଥୀ ମିର୍ଜା ମୋଜାହିଦ ବେଗ ନିକଟମ ଏ ବି ଭି ପି ପ୍ରାର୍ଥୀ ଅଭିଷେକ ପ୍ରଧାନଙ୍କୁ ୨୯୦ ଭୋଟରେ ପରାଜିତ କରି ସହସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି । ଏହାଛଡା ସାଂସ୍କୃତିକ ସମ୍ପାଦକ ଭାବେ ବିସିଜେଡି ପ୍ରାର୍ଥୀ ସୋମନାଥ ମଲିକ ନାଟ୍ୟ ସମ୍ପାଦକ ଭାବେ ବିସିଜେଡି ପ୍ରାର୍ଥୀ ଦୟାନିଧି ସାହୁ କ୍ରୀଡା ସମ୍ପାଦକ ଭାବେ ବିସିଜେଡି ପ୍ରାର୍ଥୀ ଶୁଭଲକ୍ଷ୍ମୀ ମୁଦୁଲି, ଡି ଏସ ଏ ସମ୍ପାଦକ ଭାବେ ବିସିଜେଡି ପ୍ରାର୍ଥୀ ଶୁଭମ କୁମାର ନାୟକ ଓ ଓଡ଼ିଆ ସାହିତ୍ୟ ସମାଜ ସମ୍ପାଦିକା ଭାବେ ବିସିଜେଡି ପ୍ରାର୍ଥୀ ଆଦ୍ୟାଶା ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି ବୋଲି ପଟ୍ଟାମୁଣ୍ଡାଇ କଲେଜ ଅଧକ୍ଷ ପ୍ରଫେସର ଗୌର ପ୍ରସାଦ ଷଢଙ୍ଗୀ ସୂଚନା ଦେଇଛନ୍ତି । ନବ ନିର୍ବାଚିତ ଛାତ୍ର ସଂସଦ କର୍ମକର୍ତ୍ତାମାନେ ଶୋଭାଯାତ୍ରାରେ ପଟ୍ଟାମୁଣ୍ଡାଇ ବଜାର ପରିକ୍ରମା କରିଥିଲେ ।

ଗଜଲକ୍ଷ୍ମୀ ପୂଜାକୁ ନେଇ ପ୍ରଶାସନ-ପୂଜା କମିଟି ମୁହାଁମୁହିଁ

ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦାବି, ବୈଠକ ଅଧାରୁ ଉଠିଗଲେ କର୍ମକର୍ତ୍ତା



କେନ୍ଦ୍ରାପଡ଼ା, ୧୫।୧୦(ସଂଚାର ବ୍ୟୁରୋ): ଶହେ ବର୍ଷରେ ପଦାର୍ପଣ କରିଥିବା କେନ୍ଦ୍ରାପଡ଼ାର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜାକୁ ନେଇ ପ୍ରଶାସନ ଓ ପୂଜା କମିଟି ମଧ୍ୟରେ ମତଭେଦ ତୀବ୍ର ହୋଇଛି। ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବା ଦାବିରେ ପୂଜା କମିଟି ଅଡ଼ି ବସିଥିବାବେଳେ ସରକାରୀ ଅନୁମତି ନମିଳିବା ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇହେବ ନାହିଁ ବୋଲି ପ୍ରଶାସନ ସ୍ପଷ୍ଟ କରିଛି। ଫଳରେ ଗୁରୁବାର ସନ୍ଧ୍ୟାରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ସମନ୍ୱୟ ବୈଠକରେ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଉପୁଜିବା ସହ ପୂଜା କମିଟିର କର୍ମକର୍ତ୍ତାମାନେ ଅସନ୍ତୋଷ ପ୍ରକାଶ କରି ବୈଠକ ଅଧାରୁ ଉଠି ଚାଲିଯାଇଥିଲେ। ପୂଜା କମିଟିର କର୍ମକର୍ତ୍ତାଙ୍କ କହିବା ଅନୁଯାୟୀ, ଚଳିତ ବର୍ଷ କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା ଶହେ ବର୍ଷ ପୂରଣ କରୁଥିବାରୁ ଏହାର ଆକର୍ଷଣ ଓ ଉତ୍ସାହକୁ ଦୃଷ୍ଟିରେ ରଖି ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବା ପାଇଁ ପ୍ରାୟ ତାରିମାସ ପୂର୍ବରୁ ପ୍ରଶାସନକୁ ଲିଖିତ ଭାବେ ଅନୁରୋଧ କରାଯାଇଥିଲା। ଗତ ୫ ତାରିଖରେ ଅନୁଷ୍ଠିତ ପ୍ରସ୍ତୁତି ଓ ସମନ୍ୱୟ ବୈଠକରେ ମଧ୍ୟ ଏହି ଦାବି ଉଠାଯାଇଥିଲା। ସେତେବେଳେ ପ୍ରଶାସନ ପକ୍ଷରୁ ସରକାରଙ୍କୁ ଅବଗତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ମିଳିଥିଲା। ମାତ୍ର ଦଶଦିନ ପରେ ମଧ୍ୟ ପ୍ରଶାସନ ସରକାରୀ ଅନୁମତିକୁ ଅପେକ୍ଷା କରିଥିବା କହିବାରୁ କମିଟି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିଲା। ଦାବି ସମ୍ପର୍କରେ ପ୍ରଶାସନ ପ୍ରକୃତରେ ସରକାରଙ୍କୁ ଅବଗତ କରିଛି କି ନାହିଁ, ତାହାକୁ ନେଇ ମଧ୍ୟ ସେମାନେ ସନ୍ଦେହ ପ୍ରକାଶ କରିଥିଲେ।

କମିଟି କର୍ମକର୍ତ୍ତାଙ୍କ ମତରେ, କେନ୍ଦ୍ରାପଡ଼ାର ଗଜଲକ୍ଷ୍ମୀ ପୂଜା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଏହା ଜିଲ୍ଲାର ଏକ ପ୍ରମୁଖ ଗଣପର୍ବ। ଏହି ଉତ୍ସବକୁ ଉପଭୋଗ କରିବା ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ବହୁ ସଂଖ୍ୟାରେ ଲୋକ କେନ୍ଦ୍ରାପଡ଼ାକୁ ଆସିଥାନ୍ତି। ଶହେ ବର୍ଷ ପୂର୍ତ୍ତି ଅବସରରେ ଉତ୍ସବକୁ ଅଧିକ ଆକର୍ଷଣୀୟ କରିବା ଲାଗି ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବା ଜରୁରୀ। ଏହି ଦାବିକୁ ଅଣଦେଖା କରାଗଲେ ଉତ୍ସବର ଉତ୍ସାହ ଫିକା ପଡ଼ିଯିବ ବୋଲି ସେମାନେ କହିଥିଲେ।

ଏଥିସହ ଉତ୍ସବ ସମୟରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପ୍ରଶାସନର ଦାୟିତ୍ୱ ହୋଇଥିବାରୁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରି ଲୋକଙ୍କ ଭାବାବେଗକୁ ସମ୍ମାନ ଦେବାକୁ କମିଟି ଦାବି କରିଛି। ଏହି ପ୍ରସଙ୍ଗରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ମଧ୍ୟ ରାତି ୧୨ଟା ପର୍ଯ୍ୟନ୍ତ ଡାକବାଜି ଯନ୍ତ୍ର ବଜାଇବାକୁ ଅନୁମତି ଦେବା ପାଇଁ ସରକାରଙ୍କୁ ଅନୁରୋଧ କରିଥିବା କମିଟି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି।

୬ ଦଫା ଦାବିରେ ଗ୍ରାମୀଣ ଡାକସେବକଙ୍କ ଧାରଣା

କେନ୍ଦ୍ରାପଡ଼ା,୧୫।୧୦(ସଂଚାର ବ୍ୟୁରୋ): ଛଅ ଦଫା ଦାବି ପୂରଣ ନେଇ ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଂଘ ପକ୍ଷରୁ ବୁଧବାର କେନ୍ଦ୍ରାପଡ଼ା ଡାକ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଏକଦିବସୀୟ ଧାରଣା ଦିଆଯାଇଥିଲା। ସଂଘର କେନ୍ଦ୍ରାପଡ଼ା ମଣ୍ଡଳ ସଭାପତି କପିଳ ଚରଣ ଦାସ, ସମ୍ପାଦକ ବିଜୟ କିଶୋର ଦାସ ଓ କୋଷାଧ୍ୟକ୍ଷ ଭଞ୍ଜକିଶୋର ସାହୁଙ୍କ ନେତୃତ୍ୱରେ ଶତାଧିକ ସଦସ୍ୟ ଏହି ଧାରଣାରେ ସାମିଲ ହୋଇଥିଲେ। ଗ୍ରାମୀଣ ଡାକସେବକମାନଙ୍କୁ ଅଷ୍ଟମ ବେତନ ଆୟୋଗରେ ସାମିଲ କରିବା ସହ ଏଥିପାଇଁ ତୁରନ୍ତ କମିଟି ଗଠନ, ସରକାରୀ କର୍ମଚାରୀର ମାନ୍ୟତା, ପେନସନ ଓ ପରିବାର ପେନସନ ପ୍ରଦାନ ଆଦି ଦାବି ରହିଛି। ଏଥିସହ ମାନସିକ ଓ ଆର୍ଥିକ ଚାପରୁ ମୁକ୍ତି, କାର୍ଯ୍ୟ ପାଇଁ ଆବଶ୍ୟକ ଟେବୁଲ, ଚେୟାର, କମ୍ପ୍ୟୁଟର, ପ୍ରିଣ୍ଟର ଓ ଇଣ୍ଟରନେଟ୍ ସୁବିଧା ଯୋଗାଣ ଏବଂ ସପ୍ତମ ବେତନ ଆୟୋଗର ବକେୟା ପ୍ରଦାନ ପାଇଁ ସଂଘ ଦାବି କରିଛି। ଧାରଣାରେ ବିପଦଭଞ୍ଜନ ବେରା, ହରିହର ମହାନ୍ତି, ଶରତ କୁମାର ହାତୀ, ରବୀନ୍ଦ୍ର ଲେଙ୍କା, ଉମାକୁମାର ପ୍ରଧାନ, ସନ୍ତୋଷ କୁମାର ବାରିକ, ପ୍ରକାଶ ବେହେରା, ଗଗନବିହାରୀ ସାହୁ, ସୁଦୀପ୍ତ କୁମାର ନାୟକ, ସ୍ୱରାଜ ଖଟୁଆ, ବିଭୁଦ ଜେନା, ଦୀପ୍ତିରଞ୍ଜନ ସ୍ୱାଇଁ, ବିଜୟକାନ୍ତ ଦାସ ଓ ବିକାଶ ମଲ୍ଲିକଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ଆନ୍ଦୋଳନକୁ ସମର୍ଥନ ଜଣାଇ ସିପିଆଇ(ଏମ୍)ର ଜିଲ୍ଲା ସାଧାରଣ ସମ୍ପାଦକ ଗୟାଧର ଧଳ ମଧ୍ୟ ଧାରଣାରେ ଯୋଗ ଦେଇଥିଲେ।

କେନ୍ଦ୍ରାପଡ଼ା କଲେଜ ଛାତ୍ର ସଂସଦ ନିର୍ବାଚନରେ ବିସିଜେଡିର ବାଜିମାତ

ସଭାପତି ଶୁଭମ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ବିକାଶ

କେନ୍ଦ୍ରାପଡ଼ା, ୧୫।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ସମର୍ଥିତ ପ୍ରାର୍ଥୀମାନେ ସମସ୍ତ ପଦରେ ବିଜୟୀ ହୋଇଛନ୍ତି। ସଭାପତି ପଦରେ ଶୁଭମରଞ୍ଜନ ଦାସ ବିଜୟୀ ହୋଇଥିବା ବେଳେ ସାଧାରଣ ସମ୍ପାଦକ ପଦ ଅକ୍ତିଆର କରିଛନ୍ତି ଶୁଭେନ୍ଦୁ ବିକାଶ ମଲ୍ଲିକ। ନିର୍ବାଚନ ଫଳାଫଳ ପ୍ରକାଶ ପରେ କଲେଜ ପରିସରରୁ ସହରର ବିଭିନ୍ନ ସ୍ଥାନ ଯାଏ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଥିଲା। ସଭାପତି ପଦରେ ଯୁକ୍ତ ତିନି ବିଜ୍ଞାନ ତୃତୀୟ ବର୍ଷର ଛାତ୍ର ଶୁଭମରଞ୍ଜନ ଦାସ ନିଜ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତୁଳସୀ ମଲ୍ଲିକଙ୍କୁ ୭୬ ଖଣ୍ଡ ଭୋଟରେ ପରାସ୍ତ କରିଛନ୍ତି। ସେହିପରି ସାଧାରଣ ସମ୍ପାଦକ ପଦରେ ଯୁକ୍ତ ତିନି କଳା ତୃତୀୟ ବର୍ଷର ଛାତ୍ର ଶୁଭେନ୍ଦୁ ବିକାଶ ମଲ୍ଲିକ ୨୨୫ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ଉପସଭାପତି ପଦରେ ଯୁକ୍ତ ତିନି କଳା ପ୍ରଥମ ବର୍ଷର ଛାତ୍ର ଓମ୍ ପ୍ରକାଶ ଦାସ ୮୧୪ ଖଣ୍ଡ ଭୋଟର ବୃହତ୍ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ସହକାରୀ ସାଧାରଣ ସମ୍ପାଦକ ପଦରେ ଯୁକ୍ତ ତିନି ବାଣିଜ୍ୟ ଦ୍ୱିତୀୟ ବର୍ଷର ଛାତ୍ର ମହମ୍ମଦ ଆୱାସ ୧୮୦ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଅନ୍ୟ ପଦଗୁଡ଼ିକ ମଧ୍ୟରେ ନାଟ୍ୟ ସଂସଦ ସମ୍ପାଦକ ଭାବେ ଦେବସ୍ମିତା ପି. ସୁତାର ୧୪୦ ଖଣ୍ଡ ଭୋଟରେ ଏବଂ କ୍ରୀଡ଼ା ସଂସଦ ସମ୍ପାଦକ ଭାବେ ପ୍ରିୟଙ୍କା ପ୍ରିୟଦର୍ଶିନୀ ମଲ୍ଲିକ ୨୪୧ ଖଣ୍ଡ ଭୋଟରେ ବିଜୟୀ ହୋଇଛନ୍ତି। ଶ୍ରେଣୀ ପ୍ରତିନିଧି ଭାବେ ବର୍ଷାରାଣୀ ସ୍ୱାଇଁ, କଲେଜ ପତ୍ରିକାର ଛାତ୍ର ପ୍ରତିନିଧି ଭାବେ ଜିତ୍ ପ୍ରସାଦ ରାଉତ, କ୍ରୀଡ଼ା ସଂସଦ ସହକାରୀ ସମ୍ପାଦକ ଭାବେ ଆଲୋକ ଲେଙ୍କା ଏବଂ ବାଳିକା ସାଧାରଣ କକ୍ଷ ସମ୍ପାଦିକା ଭାବେ ପ୍ରିୟଦର୍ଶିନୀ ମଣ୍ଡୁ ବିଜୟୀ ହୋଇଛନ୍ତି।

ଦୁଇ ବାଇକ୍ ମୁହାଁମୁହିଁ ଧକ୍କା, ୨ ଗୁରୁତର

ଡେରାବିଶ,୧୫।୧୦ (ସଂଚାର ବ୍ୟୁରୋ): କଟକ-ଚାନ୍ଦବାଲି ରାଜରାସ୍ତାର ଚାନ୍ଦୋଳ ପେଟ୍ରୋଲ ଟାଙ୍କି ନିକଟରେ ଆଜି ସନ୍ଧ୍ୟାରେ ଦୁଇବାଇକ୍ ମୁହାଁମୁହିଁ ଧକ୍କା ହେବା ଫଳରେ ଦୁଇ ବାଇକ୍ ଆରୋହୀଙ୍କୁ ଗୁରୁତର ଅବସ୍ଥାରେ ନିଷ୍ପତ୍ତିକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରାଯାଇଛି। ସୂଚନାରୁ ପ୍ରକାଶ ଦାନପୁର ପଞ୍ଚାୟତ ଅନ୍ତର୍ଗତ କେଶରପୁର (ଡ଼ିଅସାହି) ଗ୍ରାମର ଭାସ୍କର ମଲିକ (୩୫) ଚାନ୍ଦୋଳ ବଜାରୁ କାର୍ଯ୍ୟସାରି କଟକ-ଚାନ୍ଦବାଲି ରାଜରାସ୍ତାରେ ଘରକୁ ଯାଉଥିବା ବେଳେ ବିପରୀତ ଦିଗରୁ ଅନ୍ୟ ଏକ ବାଇକ୍‌ରେ ଆସୁଥିବା ନେମାଳ ଅଞ୍ଚଳର ଜଣେ ଯୁବକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟ ଗୁରୁତର ଅବସ୍ଥାରେ ପଡ଼ିରହିଥିଲେ। ସ୍ଥାନୀୟ ଅଞ୍ଚଳବାସୀ ଉଭୟଙ୍କୁ ୧୦୮ ଯୋଗେ ନିଷ୍ପତ୍ତିକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତି କରିଥିଲେ।

ଅଜଣା ଗାଡି ଧକ୍କାରେ ଯୁବକ ମୃତ

ପଟ୍ଟାମୁଣ୍ଡାଇ,୧୫।୧୦ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଚୂନଡିହ ଛକ ଠାରେ ଆଜି ସନ୍ଧ୍ୟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ଅଜଣା ଗାଡି ଧକ୍କାରେ ଜନୈକ ଯୁବକଙ୍କ ମୃତ୍ୟୁ ଘଟିଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ମହେନ୍ଦ୍ର ସାହୁଙ୍କ ପୁଅ ମହେଶ୍ୱର ସାହୁ (୩୧) ଆଜି ଅପରାହ୍ନରେ ଏକ ହିରୋ ସ୍ପ୍ଲେଣ୍ଡର ପ୍ଲସ ମୋଟର ସାଇକେଲ ଯୋଗେ କଟକରୁ ଘରକୁ ଫେରୁଥିବା ବେଳେ ପଟ୍ଟାମୁଣ୍ଡାଇ ଚୂନଡିହ ଛକ ଠାରେ ଏକ ଅଜଣା ଗାଡି ଧକ୍କାରେ ତଳେ ପଡି ଯାଇଥିଲେ । ଏହା ଦେଖି ସ୍ଥାନୀୟ ଲୋକମାନେ ଅତ୍ୟନ୍ତ ମୁମୁର୍ଷ ଅବସ୍ଥାରେ ତତ୍କାଳ ଚିକିତ୍ସା ପାଇଁ ପଟ୍ଟାମୁଣ୍ଡାଇ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଥିବା ଡାକ୍ତର ମହେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ ।

ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ

ଡେରାବିଶ,୧୫।୧୦ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ଜିଲ୍ଲା ବିଦ୍ୟାଳୟ ସମୂହ କ୍ରୀଡ଼ା ସଂଗଠନ ପକ୍ଷରୁ ୩୪ ତମ କେନ୍ଦ୍ରାପଡ଼ା ସ୍ତରୀ ଖୋ-ଖୋ, କବାଡ଼ି, ଭଲ୍ଲିବଲ୍, ବିଟ୍ ଭଲିବଲ୍, ନେଟ୍ ବଲ୍ ଓ ଯୋଗାସନ ଆଦି ପ୍ରତିଯୋଗିତା ଡେରାବିଶ ବ୍ଲକ ଗୋଲରାହାଟ ପଞ୍ଚାୟତ ଅନ୍ତର୍ଗତ ଦୁମୁକାହାଟ ସ୍ଥିତ ଡେରାବିଶ ଉଚ୍ଚବିଦ୍ୟାଳୟ ପରିସରରେ ଆଜ ଉଦ୍‌ଘାଟିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ ଯୋଗଦେଇ କ୍ରୀଡ଼ା ପତାକା ଉତ୍ତୋଳନ ପୂର୍ବକ ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଡେରାବିଶ ବ୍ଲକ ଶିକ୍ଷାଧିକାରୀ ମଦନମୋହନ କର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଖଗେଶ୍ୱର ନାୟକ, ନୋଡାଲ ପ୍ରଧାନ ଶିକ୍ଷୟିତ୍ରୀ ଡଃ କାନନବାଳା ନାୟକ, ଡେରାବିଶ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଚିକିଲି ସ୍ୱାଇଁ, ସିଆରସିସି ନିରଞ୍ଜନ ମଲିକ ପ୍ରମୁଖ ଯୋଗଦେଇ କ୍ରୀଡ଼ାଦ୍ୱାରା ଛାତ୍ରଛାତ୍ରୀଙ୍କର ମାନସିକ ଦକ୍ଷତା ବୃଦ୍ଧି ହେବା ସହ ସେମାନଙ୍କ ମଧ୍ୟରେ ଶୃଙ୍ଖଳିତ, ନେତୃତ୍ୱ ଓ ଦଳଗତ ଭାବନା ବୃଦ୍ଧିକରାଇବ ବୋଲି ପ୍ରକାଶ କରିଥିଲେ। ପ୍ରରମ୍ଭରେ କେନ୍ଦ୍ରାପଡ଼ା ଜିଲ୍ଲା ଶାରିରୀକ ଶିକ୍ଷା ଅଧିକାରୀ ସ୍ମିତା ପ୍ରତିଭା ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲା ବେଳେ ବିଜୟାଲକ୍ଷ୍ମୀ ସ୍ୱାଇଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ୟାସଦେବ ବେବର୍ତା ମଂସ ସଞ୍ଚାଳନ କରିଥିବା ବେଳେ ଶେଷରେ ଝାନସୀରାଣୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ କେନ୍ଦ୍ରାପଡ଼ା ଜିଲ୍ଲାର ୯ ଗୋଟି ବ୍ଲକରୁ ୪୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

● ଇନ୍ଦ୍ରାବତୀ ଜଳଭଣ୍ଡାର ପରିଦର୍ଶନ କଲେ ଜିଲ୍ଲାପାଳ

ନଦୀ ଉଭୟ ପାର୍ଶ୍ୱର ମରାମତି ପାଇଁ ଡିପିଆର ପ୍ରସ୍ତୁତି ପାଇଁ ନିର୍ଦ୍ଦେଶ

ନବରଙ୍ଗପୁର,୧୫।୧୦ (ସଂଚାର ବ୍ୟୁରୋ): ଜିଲ୍ଲାପାଳ ଶ୍ରୀମତୀ ମଧୁମିତା ଆଜି ଇନ୍ଦ୍ରାବତୀ ଜଳଭଣ୍ଡାର ଓ ଖାତିଗୁଡ଼ା ଡ୍ୟାମ୍ ପରିଦର୍ଶନ କରି ଡ୍ୟାମ୍ ଭିତ୍ତିଭୂମିର ବର୍ତ୍ତମାନ ସ୍ଥିତି ଅନୁଧ୍ୟାନ କରିବା ସହ ଡ୍ୟାମ୍ ପରିସରର ରକ୍ଷଣାବେକ୍ଷଣ ଓ ଆନୁଷଙ୍ଗିକ ବିକାଶ ସମ୍ପର୍କିତ ବିଷୟଗୁଡ଼ିକର ସମୀକ୍ଷା କରିଥିଲେ। ଏହି ପରିଦର୍ଶନ ସମୟରେ ଜିଲ୍ଲାପାଳ ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ଅଧୀନରେ ନିୟୋଜିତ ୪୬ ଜଣ ଆଉଟ୍‌ସୋର୍ସିଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ। ଡ୍ୟାମ୍ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଅବଗତ କରାଯାଇଥିଲା ଯେ, ଉକ୍ତ ୪୬ ଜଣ କର୍ମଚାରୀଙ୍କ ୧୦ ମାସର ବକେୟା ଦରମା ପ୍ରଦାନ ପାଇଁ ଅର୍ଥ ବିଭାଗର ଅନୁମୋଦନ ପାଇଁ ଫାଇଲ୍ ପଠାଯାଇଛି। ଅନୁମୋଦନ ମିଳିବା ପରେ ଖୁବ୍‌ଶୀଘ୍ର ସମସ୍ତଙ୍କ ଦରମା ପ୍ରଦାନ କରାଯିବ ବୋଲି କର୍ତ୍ତୃପକ୍ଷ ସୂଚନା ଦେବା ସହ ପ୍ରବଳ ବର୍ଷା ଯୋଗୁଁ ଡ୍ୟାମ୍ ଅଞ୍ଚଳରେ ଦେଖାଦେଇଥିବା ସମସ୍ୟା ସମ୍ପର୍କରେ ମଧ୍ୟ ଅଧିକାରୀମାନେ ତାଙ୍କୁ ଅବଗତ କରାଇଥିଲେ।ଏହାପରେ ନଦୀର ଉଭୟ ପାର୍ଶ୍ୱର ସାମଗ୍ରିକ ବିକାଶ ନିମନ୍ତେ ଏକ ବିସ୍ତୃତ ଡିପିଆର ପ୍ରସ୍ତୁତ ସହ ବିଭାଗକୁ ପ୍ରେରଣ କରିବା ଏବଂ କର୍ମଚାରୀଙ୍କ ବକେୟା ଦରମା ପ୍ରଦାନ ସମ୍ପର୍କିତ ପଦକ୍ଷେପଗୁଡ଼ିକର ତ୍ୱରିତ ଅନୁସରଣ କରିବା ସହ ପ୍ରସ୍ତାବିତ ବିକାଶମୂଳକ କାର୍ଯ୍ୟଗୁଡ଼ିକର ଅଗ୍ରଗତି ସୁନିଶ୍ଚିତ କରିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ।

ଅଳକାନନ୍ଦାଙ୍କ ଆଗରେ ଫେଲ୍ ମାରିଲା ସବୁ ଚକ୍ରାନ୍ତ

- ଅକ୍ଷୁର୍ଣ୍ଣ ରହିଲା ତୁଷାରଙ୍କ ଗଡ़, ବିରୋଧୀ ଧରାଶାୟୀ
- ବାକ୍ସ ଭଙ୍ଗା, ବାଲଟ ଲୁଟ୍, ପୁଲିସ ସହାୟତା, ରାତି ୯.୩୦ ଯାଏଁ ଫଳ ଅଟକ

କାକଟପୁର /ଅସ୍ତରଙ୍ଗ, ୧୫।୧୦ (ସଂଚାର ବ୍ୟୁରୋ): ଏହା କେବଳ ଏକ କଲେଜ ନିର୍ବାଚନ ନଥିଲା, ଏହା ଥିଲା ବିଧାୟକ ତୁଷାରକାନ୍ତି ବେହେରାଙ୍କ ସମ୍ମାନର ଲଢେଇ। ଆଉ ସେହି ଲଢେଇରେ ପୁଣି ଥରେ ପ୍ରମାଣିତ ହେଲା କାକଟପୁର ଅଛି ତୁଷାରଙ୍କ ସହ। ଯେତେ ଷଡଯନ୍ତ୍ର ହେଲେ ବି ମଙ୍ଗଳା ମହାବିଦ୍ୟାଳୟ

୧୭ରୁ ଆରମ୍ଭ ହେବ ବିଡିଏ 'ଏକାମ୍ର ୱାକ୍ସ'

ଦଶହରା ଓ 'ୟୁଏମ୍‌ଆଇ' ସମ୍ମିଳନୀର ପ୍ରତିନିଧିଙ୍କ ପାଇଁ ସ୍ୱତନ୍ତ୍ର ଟ୍ରେଲ

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ରାଜଧାନୀବାସୀଙ୍କର ଦୁର୍ଗାପୂଜା ଉତ୍ସବ ମଜାକୁ ଦ୍ୱିଗୁଣିତ କରିବ 'ଏକାମ୍ର ୱାକ୍ସ'ର ଦଶମ ସଂସ୍କରଣ। ଅକ୍ଟୋବର ୧୭ରୁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ)ର 'ହେରିଟେଜ୍ ସେଲ୍' (ଐତିହ୍ୟ ବିଭାଗ) ଦ୍ୱାରା ପରିଚାଳିତ 'ଏକାମ୍ର ୱାକ୍ସ' ଆରମ୍ଭ ହେବାକୁ ଯାଉଛି। ଏହି କାର୍ଯ୍ୟକ୍ରମ ଅଧୀନରେ ସକାଳ ବେଳା ପାଇଁ କିଛି ସ୍ୱତନ୍ତ୍ର ଟ୍ରେଲ୍ସ ଆୟୋଜିତ ହେଉଥିବା ବେଳେ ଆସନ୍ତା ୨୩ରୁ ୨୫ ଯାଏଁ ଏଠାରେ ଅନୁଷ୍ଠିତ ହେବାକୁ ଥିବା 'ଅର୍ବାନ୍ ମୋବିଲିଟି ଇଣ୍ଡିଆ' (ୟୁଏମଆଇ) ସମ୍ମିଳନୀ ଓ ଏକ୍ସପୋ-୨୦୨୬ରେ ଯୋଗ ଦେଉଥିବା ପ୍ରତିନିଧିମାନଙ୍କ ପାଇଁ ଏକାମ୍ର ୱାକ୍ସ ଐତିହ୍ୟ, ପ୍ରକୃତି ଓ ସାଂସ୍କୃତିକ ନିଆରା ଅନୁଭୂତି ପ୍ରଦାନ କରିବ।

ଏହି ନୂତନ ସଂସ୍କରଣରେ ପୁଣି ଥରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନଙ୍କ ପାଇଁ ଭୁବନେଶ୍ୱରର ସାଧାରଣ ପର୍ଯ୍ୟଟନ ସ୍ଥାନ ବ୍ୟତୀତ ଅନ୍ୟ ଦିଗଗୁଡ଼ିକୁ ଦେଖାଇବା ପାଇଁ ନୂଆ ବିଶେଷ ଭ୍ରମଣ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନେ ସହରର ଜୀବନ୍ତ ମନ୍ଦିର ପରମ୍ପରା, ଯୋଜନାବଦ୍ଧ ସହର ବିକାଶ, ସାଂସ୍କୃତିକ ଐତିହ୍ୟ ଓ ପ୍ରାକୃତିକ ପରିବେଶକୁ ଅନୁଭବ କରିପାରିବେ। ଦଶହରା ପର୍ବ ଅବସରରେ ଭୁବନେଶ୍ୱରରେ ବିଶେଷ ପ୍ରାତଃକାଳୀନ ଭ୍ରମଣ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହା ୧୭ ଅକ୍ଟୋବରରୁ ୨୨ ଅକ୍ଟୋବର ପର୍ଯ୍ୟନ୍ତ ଚାଲିବ। ସକାଳର ଶାନ୍ତ ପରିବେଶରେ ଅଂଶଗ୍ରହଣକାରୀମାନେ ସହରର ଐତିହ୍ୟ ସମ୍ପଦ ଦେଖିବା ଓ ଜାଣିବାର ସୁଯୋଗ ପାଇବେ। ଏହାପରେ ଆସନ୍ତା ୨୩ରୁ ୨୫ ପର୍ଯ୍ୟନ୍ତ ୟୁଏମଆଇ ସମ୍ମିଳନୀର ପ୍ରତିନିଧି ଓ ବିଶିଷ୍ଟ ଅତିଥିଙ୍କ ପାଇଁ 'ଏକାମ୍ର ୱାକ୍ସ' ପକ୍ଷରୁ ସ୍ୱତନ୍ତ୍ର ଭ୍ରମଣ କାର୍ଯ୍ୟକ୍ରମ ରହିବ। ଏଥିରେ ଜୀବନ୍ତ ମନ୍ଦିର ସହର ଭ୍ରମଣ, ଡେରାସର ପ୍ରାକୃତିକ ପରିବେଶରେ ଭ୍ରମଣ, ହସ୍ତତନ୍ତ ଓ ହସ୍ତଶିଳ୍ପ ସାମଗ୍ରୀ କ୍ରୟ, ଧଉଳି ଓ ଉଦୟଗିରିରେ ଆଲୋକ ଓ ଶବ୍ଦ ପ୍ରଦର୍ଶନ, ରାତ୍ରିକାଳୀନ ଜଙ୍ଗଲ ସଫାରୀ ଓ ରାତ୍ରି ସମୟର ବିଶେଷ ଭ୍ରମଣ କାର୍ଯ୍ୟକ୍ରମ ରହିବ। କାର୍ଯ୍ୟକ୍ରମ ମାଧ୍ୟମରେ ଅତିଥିମାନେ ସହରର ସ୍ଥାପତ୍ୟ ଐତିହ୍ୟ, ପାରମ୍ପରିକ କଳାକୃତି, ପ୍ରାକୃତିକ ପରିବେଶ ଓ ସାଂସ୍କୃତିକ ଆକର୍ଷଣ ବିଷୟରେ ଜାଣିପାରିବେ। ଦଶହରା ଓ ୟୁଏମଆଇ କାର୍ଯ୍ୟକ୍ରମ ପରେ 'ଏକାମ୍ର ୱାକ୍ସ'ର ନିୟମିତ ପର୍ଯ୍ୟାୟ ନଭେମ୍ବର ୧ରୁ ଆରମ୍ଭ ହୋଇ ଆସନ୍ତା ବର୍ଷ ଫେବ୍ରୁଆରୀ ୨୮ ପର୍ଯ୍ୟନ୍ତ ଚାଲିବ।

ନୂଆ ବର୍ଷରେ ପ୍ରକାଶ ପାଇବ ଚଠା ଭୋଟର୍ ତାଲିକା

- ୨୬ରୁ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଘରକୁ ଘର ସର୍ଭେ
- ୨୦୨୭ ଫେବ୍ରୁଆରୀ ୧୦ରେ ଚୂଡ଼ାନ୍ତ ତାଲିକା
- ଦାବି ଓ ଆପତ୍ତି ପାଇଁ ମିଳିବ ୨୦ ଦିନର ସମୟସୀମା

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ରାଜ୍ୟରେ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ଭୋଟର ତାଲିକା ପ୍ରସ୍ତୁତି ନିମନ୍ତେ ଆସନ୍ତା ୨୬ରୁ ଘରକୁ ଘର ସର୍ଭେ ଆରମ୍ଭ ହେବ। ଏହି ପ୍ରକ୍ରିୟା ପରେ ଆସନ୍ତା ୨୦୨୭ ଜାନୁଆରୀ ୧ରେ ଚଠା ଭୋଟର ତାଲିକା ପ୍ରକାଶ ପାଇବ। ତାଲିକା ସମ୍ପର୍କରେ ଦାବି ଓ ଆପତ୍ତି ଦାଖଲ କରିବା ପାଇଁ ଭୋଟରମାନଙ୍କୁ ୨୦ ଦିନର ସମୟ ଦିଆଯିବ। ସମସ୍ତ ଦାବି ଓ ଆପତ୍ତିର ଯାଞ୍ଚ ଓ ଆବଶ୍ୟକ ପ୍ରକ୍ରିୟା ସମାପ୍ତ ହେବା ପରେ ଫେବ୍ରୁଆରୀ ୧୦ ତାରିଖରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯିବ। ଏହି ସର୍ଭେର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗୋଟିଏ ପରିବାରର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟଦାନ କେନ୍ଦ୍ରରେ ଭୋଟ ଦେବେ ଓ ଗୋଟିଏ ଅଞ୍ଚଳର ସମସ୍ତ ଭୋଟର ଯେମିତି ଗୋଟିଏ ଭୋଟ କେନ୍ଦ୍ରରେ ଭୋଟ ଦେଇପାରିବେ। ଏହି ସର୍ଭେ ଦ୍ୱାରା ଗୋଟିଏ ପରିବାରର ସମସ୍ତ ଭୋଟରଙ୍କ ନାମ ସମାନ ୱାର୍ଡ ଓ ବୁଥ୍‌ର ଭୋଟର ତାଲିକାରେ କ୍ରମାନୁସାରେ ରଖାଯିବ। ସବୁ ପରିବାର ପାଇଁ ଗୋଟିଏ ସ୍ୱତନ୍ତ୍ର ଘର ନମ୍ବର ଦିଆଯିବ ଓ ଘରର ସମସ୍ତ ଭୋଟରଙ୍କୁ ସେହି ନମ୍ବର ସହ ଯୋଡ଼ାଯିବ। ସମସ୍ତ ରାଜନୈତିକ ଦଳଙ୍କୁ ବୁଥ୍‌ସ୍ତରୀୟ ଏଜେଣ୍ଟ ଦେବା ପାଇଁ ଅନୁରୋଧ କରାଯାଇଛି, ତଦ୍ୱାରା ଏହି ସର୍ଭେ ଲୋକାଭିମୁଖୀ ହୋଇପାରିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ରାଜ୍ୟ ନିର୍ବାଚନ କମିଶନ ମଧୁସୂଦନ ପାଢ଼ୀ।

ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ତାଲିକା ପ୍ରସ୍ତୁତିକୁ ସ୍ୱଚ୍ଛ, ନିର୍ଭୁଲ ଓ ସୁସଙ୍ଗଠିତ କରିବା ଲକ୍ଷ୍ୟରେ ଏହି ସର୍ଭେ କରାଯିବ। ଏଥିପାଇଁ ନିୟୋଜିତ କର୍ମଚାରୀମାନେ ଆସନ୍ତା ୨୬ ତାରିଖରୁ ଘରକୁ ଘର ଯାଇ ଆବଶ୍ୟକୀୟ ତଥ୍ୟ ସଂଗ୍ରହ କରିବେ। ସର୍ଭେ ମାଧ୍ୟମରେ ଭୋଟର ତାଲିକା ସମ୍ପର୍କିତ ତଥ୍ୟ ଯାଞ୍ଚ କରାଯିବା ସହ ଯୋଗ୍ୟ ଭୋଟରଙ୍କ ନାମ ତାଲିକାରେ ସଠିକ୍ ଭାବେ ସ୍ଥାନ ପାଇବା ଉପରେ ଗୁରୁତ୍ୱ ଦିଆଯିବ। ଏହି ସର୍ଭେ ଓ ପରବର୍ତ୍ତୀ ତାଲିକା ପ୍ରସ୍ତୁତି ପ୍ରକ୍ରିୟା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମାପ୍ତ କରାଯିବ। ସର୍ଭେ ପରେ ଜାନୁଆରୀ ୧ ତାରିଖରେ ଚଠା ଭୋଟର ତାଲିକା ପ୍ରକାଶ କରାଯିବ। ଏହା ପ୍ରକାଶ ପାଇବା ପରେ ଭୋଟରମାନେ ନିଜ ନାମ ଓ ଅନ୍ୟାନ୍ୟ ବିବରଣୀ ଯାଞ୍ଚ କରିପାରିବେ। ତାଲିକାରେ କୌଣସି ତ୍ରୁଟି, ଅସଙ୍ଗତି କିମ୍ବା ନାମ ସମ୍ପର୍କିତ ସମସ୍ୟା ଥିଲେ ନିର୍ଦ୍ଧାରିତ ୨୦ ଦିନ ମଧ୍ୟରେ ଦାବି ଓ ଆପତ୍ତି ଦାଖଲ କରିବାର ସୁଯୋଗ ମିଳିବ। ଭୋଟର ତାଲିକାରେ ନାମ ଯୋଡ଼ିବା, ତଥ୍ୟ ସଂଶୋଧନ କରିବା କିମ୍ବା ଅଯୋଗ୍ୟ ନାମ ବାଦ୍ ଦେବା ପାଇଁ ଗ୍ରାମାଞ୍ଚଳ, ସହରାଞ୍ଚଳ ଓ ମହାନଗର ନିଗମ ଅଞ୍ଚଳ ନିମନ୍ତେ ନିର୍ଦ୍ଧାରିତ ଫର୍ମ ବ୍ୟବହାର କରାଯିବ। ନାମ ଯୋଡ଼ିବା ବା ସଂଶୋଧନ ପାଇଁ ଗ୍ରାମାଞ୍ଚଳରେ ଦାବି ଫର୍ମ-୧୬, ସହରାଞ୍ଚଳରେ ଫର୍ମ-୩ ଏବଂ ମହାନଗର ନିଗମ ଅଞ୍ଚଳରେ ଫର୍ମ-୭ ମାଧ୍ୟମରେ ଆବେଦନ କରିପାରିବେ। ସେହିପରି ନାମ ବାଦ୍ ଦେବା ପାଇଁ ଗ୍ରାମାଞ୍ଚଳରେ ଆପତ୍ତି ଫର୍ମ-୧୭, ସହରାଞ୍ଚଳରେ ଫର୍ମ-୪ ଏବଂ ମହାନଗର ନିଗମ ଅଞ୍ଚଳରେ ଫର୍ମ-୮ ମାଧ୍ୟମରେ ଆବେଦନ ଦାଖଲ କରିପାରିବେ। ଚଠା ଭୋଟର ତାଲିକା ପ୍ରକାଶ ପରେ ଦାଖଲ ହେଇଥିବା ଦାବି ଓ ଆପତ୍ତିଗୁଡ଼ିକର ସହାୟକ ନିର୍ବାଚକ ପଞ୍ଜିକରଣ ଅଧିକାରୀ/ନିର୍ବାଚକ ପଞ୍ଜିକରଣ ଅଧିକାରୀଙ୍କ ସ୍ତରରେ ଯାଞ୍ଚ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ।

ରାଜ୍ୟପାଳ ଡ. କମ୍ଭମପାଟିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଭୁବନେଶ୍ୱର ,୧୫।୧୦(ସଂଚା ବ୍ୟୁରୋ): ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଗୁରୁବାର ଲୋକଭବନରେ ଲୋକଭବନର ଅଧିକାରୀ ଓ କର୍ମଚାରୀଙ୍କ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରାଜ୍ୟପାଳଙ୍କ ସହ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀମାନଙ୍କୁ ସମ୍ବୋଧିତ କରି ଓଡ଼ିଶାରେ ତାଙ୍କର ପ୍ରାୟ ଏକ ବର୍ଷ ନଅ ମାସର କାର୍ଯ୍ୟକାଳ ମଧ୍ୟରେ ସମସ୍ତଙ୍କ ପକ୍ଷରୁ ମିଳିଥିବା ସହଯୋଗ ଓ ସମର୍ଥନ ପାଇଁ ରାଜ୍ୟପାଳ କୃତଜ୍ଞତା ଜଣାଇଥିଲେ। ଓଡ଼ିଶାରେ ବିତାଇଥିବା ସମୟ ତାଙ୍କ ଜୀବନର ଏକ ଅଭୁଲା ସ୍ମୃତି ହୋଇ ରହିବ ବୋଲି ରାଜ୍ୟପାଳ କହିଥିଲେ। ରାଜ୍ୟରେ ତାଙ୍କର କାର୍ଯ୍ୟକାଳ ସମୟରେ ଲୋକଭବନର ଅଧିକାରୀ ଓ କର୍ମଚାରୀମାନେ ଯେଉଁ ସହଯୋଗ ଓ ସମନ୍ୱୟ ପ୍ରଦାନ କରିଥିଲେ, ସେଥିପାଇଁ ରାଜ୍ୟପାଳ ସମସ୍ତଙ୍କୁ ସାଧୁବାଦ ଜଣାଇଥିଲେ। ଏହି ବିଦାୟ ସମାରୋହ ଅଧିକାରୀ ଓ କର୍ମଚାରୀମାନଙ୍କୁ ରାଜ୍ୟପାଳଙ୍କ ପ୍ରତି ନିଜର ସମ୍ମାନ ଓ ଆନ୍ତରିକତା ପ୍ରକାଶ କରିବା ସହ ତାଙ୍କ ସହ କାର୍ଯ୍ୟ କରିବାର ଅନୁଭୂତି ବାଣ୍ଟିବାର ସୁଯୋଗ ପ୍ରଦାନ କରିଥିଲା। ଏହି ଅବସରରେ ସେମାନେ ରାଜ୍ୟପାଳଙ୍କ ସହ ରହିଥିବା ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କକୁ ସ୍ମରଣ କରିବା ସହ ତାଙ୍କର ଭବିଷ୍ୟତର ସମସ୍ତ କାର୍ଯ୍ୟ ଓ ପ୍ରୟାସର ସଫଳତା କାମନା କରିଥିଲେ।

ପ୍ରତାପ ଜେନାଙ୍କୁ ସୁପ୍ରିମକୋର୍ଟଙ୍କ କ୍ଲିନ୍‌ଚିଟ୍‌କୁ ବିଜେଡିର ସ୍ୱାଗତ

ଆଇନ ଓ ପ୍ରମାଣ ଆଧାରରେ ସର୍ବୋଚ୍ଚ ନ୍ୟାୟାଳୟର ଶୁଣାଣି



ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ): ବିଜେଡି ବିଶ୍ୱାସ କରେ ଯେ ସତ୍ୟକୁ ସାମୟିକ ଭାବେ ଆଡୁଆଳରେ ରଖାଯାଇପାରେ, କିନ୍ତୁ ଏହାକୁ ଚିରଦିନ ପାଇଁ ଲୁଚାଇ ରଖାଯାଇପାରିବ ନାହିଁ। ରାଜନୀତିରେ ଅଭିଯୋଗ, ଆରୋପ, ପ୍ରତ୍ୟାରୋପ ଓ ଅପପ୍ରଚାର ହୋଇପାରେ। କିନ୍ତୁ ନ୍ୟାୟର ମୂଳଦୁଆ ହେଉଛି ଆଇନର ଶାସନ ଓ ପ୍ରମାଣ। ରାଜନୈତିକ ବାକତଣ୍ଡୁରୀ କିମ୍ବା ଅପପ୍ରଚାର ନୁହେଁ। ମାହାଙ୍ଗା ଡବଲ୍ ମର୍ଡର ମାମଲା ସମ୍ପର୍କିତ ଆଇନଗତ ପ୍ରକ୍ରିୟାରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ କ୍ଲିନ୍‌ଚିଟ୍ ମିଳିଥିବା ଖବର ପ୍ରକାଶ ପାଇଛି। ଅଦାଲତଙ୍କ ଆଦେଶ ପ୍ରକାଶ ପାଇବା ପରେ ଓ ତାହାର ଅନୁଧ୍ୟାନ କରାଯିବା ପରେ ଏହି ନିଷ୍ପତ୍ତିର ସମ୍ପୂର୍ଣ୍ଣ ଆଇନଗତ ପ୍ରଭାବ ସ୍ପଷ୍ଟ ହୋଇଛି। ଯାହାକୁ ବିଜେଡି ସ୍ୱାଗତ କରୁଛି। ବିଜେଡି ପୁନର୍ବାର ଦୋହରାଉଛି ଯେ ପ୍ରତ୍ୟେକ ବ୍ୟକ୍ତି ଆଇନ ଅନୁଯାୟୀ ନ୍ୟାୟସଙ୍ଗତ ପ୍ରକ୍ରିୟା ଓ ନିରପେକ୍ଷ ଶୁଣାଣି ପାଇବାକୁ ହକ୍‌ଦାର। ଆଇନଗତ ମାମଲାଗୁଡ଼ିକର ବିଚାର ରାଜନୈତିକ ଆଖ୍ୟାନ କିମ୍ବା ଆଗୁଆ ନିଷ୍କର୍ଷ ଟାଣିବାର ପ୍ରୟାସ ଆଧାରରେ ନୁହେଁ, ବରଂ ନ୍ୟାୟିକ ଆଦେଶ, ତଥ୍ୟ ଓ ପ୍ରମାଣ ଆଧାରରେ ନିରପେକ୍ଷ ଭାବେ କରାଯିବା ଉଚିତ। ସତ୍ୟ, ନ୍ୟାୟ ଓ ସତ୍ୟନିଷ୍ଠା ହେଉଛି ଧର୍ମର ମୌଳିକ ସିଦ୍ଧାନ୍ତ। ବିଜେଡି ନ୍ୟାୟିକ ପ୍ରକ୍ରିୟା ଉପରେ ସଦୟ ଆସ୍ଥା ରଖିଛି ଓ ଦୃଢ଼ ଭାବେ ମତ ପୋଷଣ କରୁଛି ଯେ ରାଜନୈତିକ ହସ୍ତକ୍ଷେପ କିମ୍ବା ପୂର୍ବାଗ୍ରହ ବିନା ଆଇନ ତା' ବାଟରେ ନିଜ କାର୍ଯ୍ୟ କରିବା ଉଚିତ।

■ ଓସଡମାର ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳା

ଆସିବ ବଜ୍ରପାତ ସୁରକ୍ଷା ଏସ୍‌ଓପି

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଜାତୀୟ ବଜ୍ରପାତ ସୁରକ୍ଷା କର୍ମଶାଳାକୁ ଉଦଘାଟନ କରିଛନ୍ତି। ଆସନ୍ତାକାଲି ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଦୁଇଦିନିଆ ଜାତୀୟ କର୍ମଶାଳା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସଡମା)ଙ୍କ ପକ୍ଷରୁ ଆୟୋଜିତ ହୋଇଛି। ଏଥିରେ ଦେଶର ପ୍ରମୁଖ ବୈଜ୍ଞାନିକ ଓ ବୈଷୟିକ ଅନୁଷ୍ଠାନ, ବିଶ୍ୱବିଦ୍ୟାଳୟ, ବିପର୍ଯ୍ୟୟ ପରିଚାଳନା ସଂସ୍ଥା, ଗବେଷକ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଛନ୍ତି।

କର୍ମଶାଳାକୁ ଉଦ୍‌ଘାଟନ କରି ଶ୍ରୀ ପୂଜାରୀ କହିଛନ୍ତି ଯେ ସାମ୍ପ୍ରତିକ ପରିସ୍ଥିତିରେ ପ୍ରଭାବ ଓ କ୍ଷୟକ୍ଷତି ଦୃଷ୍ଟିରୁ ବଜ୍ରପାତ ଏକ ଗୁରୁତ୍ୱପୂର୍ଣ୍ଣ ବିପର୍ଯ୍ୟୟର ସ୍ୱରୂପ ହୋଇଥିବା ବେଳେ ଏହାର ମୁକାବିଲା ତଥା ବଜ୍ରପାତଜନିତ ମୃତ୍ୟୁ ଓ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ଓସଡମା ନିରନ୍ତର ଉଦ୍ୟମ କରୁଛନ୍ତି। ଏହିପରି ଜାତୀୟ କର୍ମଶାଳା ଆୟୋଜିତ ହେବା ଦ୍ୱାରା ବୈଜ୍ଞାନିକ, ଗବେଷକ, ବିଶେଷଜ୍ଞ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଚାରବିମର୍ଶ, ଆଲୋଚନା ତଥା ମାନସମଢନ ମାଧ୍ୟମରେ ବଜ୍ରପାତର ପ୍ରକୋପ ହ୍ରାସ ଦିଗରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ସାବ୍ୟସ୍ତ ହେବ। ପ୍ରକାରାନ୍ତରେ ବିପର୍ଯ୍ୟୟ ବିପଦ ହ୍ରାସ ଦିଗରେ ଓଡ଼ିଶାର ଦକ୍ଷତାକୁ ଏହା ଆହୁରି ସୁଦୃଢ଼ କରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ସେହିପରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାରତ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଥିଲେ ଯେ ଉପଗ୍ରହ ତଥ୍ୟର ସମନ୍ୱୟ, ସଂଖ୍ୟାତ୍ମକ ପାଣିପାଗ ପୂର୍ବାନୁମାନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଓ ମେସିନ୍ ଲର୍ଣ୍ଣିଂର ନୂତନ ପ୍ରୟୋଗ ଓ ପଞ୍ଚାୟତସ୍ତରୀୟ ନିଷ୍ପତ୍ତି ସହାୟକ ବ୍ୟବସ୍ଥା ମାଧ୍ୟମରେ ବଜ୍ରପାତ ଚିହ୍ନଟ, ନିରୀକ୍ଷଣ ଓ ପୂର୍ବାନୁମାନ ବ୍ୟବସ୍ଥାର ଉନ୍ନତି ଉପରେ ଏହି କର୍ମଶାଳାରେ ଆଲୋଚନା କରାଯିବ। ଏହିପରି କର୍ମଶାଳା ମାଧ୍ୟମରେ ବଜ୍ରପାତ ପରି ବିପର୍ଯ୍ୟୟର ମୁକାବିଲା ନିମନ୍ତେ ଆମର ବ୍ୟବସ୍ଥା ଅଧିକ କ୍ରିୟାଶୀଳ ହୋଇପାରିବ।

ବନ୍ୟା କ୍ଷୟକ୍ଷତି ଓ କ୍ଷତିପୂରଣ ପ୍ରଦାନର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ସବୁ ଜିଲ୍ଲାରେ କ୍ଷତିପୂରଣ ବଣ୍ଟନ ଶେଷ ପର୍ଯ୍ୟାୟରେ

୭୨ ଘଣ୍ଟାରେ ବଳକା କ୍ଷତିପୂରଣ ପ୍ରଦାନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ଚଳିତ ବର୍ଷର ବନ୍ୟା କ୍ଷୟକ୍ଷତିର ତୃଡ଼ାନ୍ତ ଆକଳନ ଓ କ୍ଷତିପୂରଣ ପ୍ରଦାନ ସମ୍ପର୍କରେ ବିଭିନ୍ନ ବିଭାଗୀୟ ଅଧିକାରୀବୃନ୍ଦ ଓ ଜିଲ୍ଲାପାଳମାନଙ୍କ ସହ ସମୀକ୍ଷା କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଚଳିତ ବର୍ଷ ରାଜ୍ୟରେ ୧୨ଟି ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ୬ଟି ଅବପାତର ରୂପ ନେଇଥିଲା। ଏହା ପ୍ରଭାବରେ ରାଜ୍ୟର ପ୍ରାୟ ୨୮ଟି ଜିଲ୍ଲାରେ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଛି। ବାଲେଶ୍ୱର, ଭଦ୍ରକ, ଯାଜପୁର ସବୁଠୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲା ଉଣାଅଧିକେ ପ୍ରଭାବିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ବନ୍ୟା ପ୍ରଭାବିତ ଅଞ୍ଚଳ ପାଇଁ କ୍ଷତିପୂରଣ ଆକାରରେ ୧ ହଜାର କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଥିଲେ। କ୍ଷତିଗ୍ରସ୍ତ ଚାଷଜମି, ଫସଲ, ବାସଗୃହ, ବାସନକୁସନ, ଡଙ୍ଗା, ମାଛଧରା ଜାଲ ଆଦି ପାଇଁ କ୍ଷତିପୂରଣ ପ୍ରଦାନ କରାଯାଇଛି। ରିଲିଫ୍ କ୍ୟାମ୍ପ ପରିଚାଳନା, ବାସଗୃହ ମରାମତି, କୃଷି ରିହାତି ଓ ଅନ୍ୟାନ୍ୟ କ୍ଷତିପୂରଣ ବାବଦକୁ ସ୍ପେଶାଲ୍ ରିଲିଫ୍ କମିଶନରଙ୍କ ପକ୍ଷରୁ ୨୮୮ କୋଟି ୭୨ ଲକ୍ଷ ଦିଆଯାଇଥିଲା। ତେବେ ବିଭିନ୍ନ ଜିଲ୍ଲାରେ କେତେଦୂର କ୍ଷତିପୂରଣ ବଣ୍ଟନ ସମାପ୍ତ ହୋଇଛି; ସେ ସମ୍ପର୍କରେ ରାଜସ୍ୱ ମନ୍ତ୍ରୀ ସମୀକ୍ଷା କରିଥିଲେ। ଗତ ୧୦ ସୁଦ୍ଧା ପ୍ରଭାବିତଙ୍କ ନିକଟରେ କ୍ଷତିପୂରଣ ପହଞ୍ଚାଇବାକୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ପ୍ରାୟ ସମସ୍ତ ଜିଲ୍ଲାରେ କ୍ଷତିପୂରଣ ବଣ୍ଟନ ସମାପ୍ତ ହୋଇଛି।

ଛାତ୍ର ସଂସଦ ନିର୍ବାଚନକୁ ନେଇ ବିଜେପି ଭୟଭୀତ: ବିଜେଡି

ପ୍ରଶାସନ ଓ ପୁଲିସ୍ ଏବିଭିପି ପାଇଁ ଲଢ଼େଇ କରୁଛନ୍ତି

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନରେ ଏବିଭିପି ପ୍ରାର୍ଥୀଙ୍କୁ ବିଜୟ କରାଇବାକୁ ସରକାରୀ କଳର ଅପବ୍ୟବହାର କରୁଛି ବିଜେପି। ବିଜୁ ଛାତ୍ର ଜନତା ଦଳ (ବିସିଜେଡି)ର ସଭାନେତ୍ରୀ ଈପ୍ସିତା ସାହୁଙ୍କୁ ବିଜେପି ସରକାର ଭୟଭୀତ ହୋଇ ଗିରଫ କରାଇଛନ୍ତି। ଆଜି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଗଣମାଧ୍ୟମ ସଂଯୋଜକ ଡ ଲେନିନ ମହାନ୍ତି, ତୁମ୍ବୁନାଥ ପଣ୍ଡା, ଅମ୍ରିତା ମିଶ୍ର, ସୋଫିଆ ଆଲାମ୍, ସ୍ୱରାଜଲକ୍ଷ୍ମୀ ସାମଲ, ମଧୁସ୍ମିତା ପରିଡ଼ା ରାଜ୍ୟ ସରକାରଙ୍କୁ ନିନ୍ଦା କରିଛନ୍ତି। ଡ ମହାନ୍ତି କହିଥିଲେ ଯେ ଛାତ୍ର ସଂସଦ ନିର୍ବାଚନକୁ ନିଜ ସପକ୍ଷରେ ନେବାକୁ ବିଜେପି ସରକାର ପ୍ରଶାସନ ଓ ପୁଲିସକୁ କାମରେ ଲଗାଇ ଦେଇଛି। ପରାଜୟକୁ ଆଶଙ୍କା କରି ଅସହିଷ୍ଣୁ ହୋଇ ଶ୍ରୀମତୀ ସାହୁଙ୍କୁ ଚକ୍ରାନ୍ତ କରି ଗିରଫ କରିଛି ବିଜେପି ସରକାର। ବିସିଜେଡି ପ୍ରତି ବିପୁଳ

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪ ଶୁକ୍ରବାର ୧୬ ଅକ୍ଟୋବର ୨୦୨୬, ଭୁବନେଶ୍ୱର
Friday 16 October 2026, Bhubaneswar

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

ସଞ୍ଚରଣ ଚର୍ଚ୍ଚା!

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ କାର୍ଯ୍ୟକାଳର ମଧ୍ୟଭାଗରେ ପହଞ୍ଚିବା ସହିତ ନୂଆଦିଲ୍ଲୀର ରାଜନୈତିକ ମହଲରେ ଗୋଟିଏ ବିଷୟ ବାରମ୍ବାର ଚର୍ଚ୍ଚା ହେଉଛି - କେନ୍ଦ୍ର ମନ୍ତ୍ରିମଣ୍ଡଳର ସଞ୍ଚରଣ ବା ପୁନର୍ଗଠନ। କେତେକ ସୂତ୍ର କହୁଛନ୍ତି ଏହା ଦୀପାବଳି ପୂର୍ବରୁ, ବିଶେଷକରି ଦୁର୍ଗାପୂଜା ସମୟରେ ହୋଇପାରେ। କିନ୍ତୁ ପ୍ରଶ୍ନ ରହିଛି- ଏହା କ'ଣ ବାସ୍ତବ ଘଟଣା ହେବାକୁ ଯାଉଛି, ନା କେବଳ ରାଜନୈତିକ ଅନୁମାନ ଓ ମିଡ଼ିଆ ଚର୍ଚ୍ଚା?

ସାମ୍ପ୍ରତିକ ଘଟଣାବଳୀ ଦେଖିଲେ ଏହା କେବଳ କଳ୍ପନା ନୁହେଁ ବୋଲି ମନେହୁଏ। କେନ୍ଦ୍ର ସୂଚନା ଓ ପ୍ରସାରଣ ରାଜ୍ୟମନ୍ତ୍ରୀ ଏଲ୍. ମୁରୁଗାନ ନିକଟରେ ମନ୍ତ୍ରୀପଦ ଓ ରାଜ୍ୟସଭା ସଦସ୍ୟତା ଛାଡ଼ି ଇସ୍ତଫା ଦେଇଛନ୍ତି। ତାଙ୍କ ପୂର୍ବରୁ ମଧ୍ୟ କିଛି ମନ୍ତ୍ରୀ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହେବା ପରେ କିମ୍ବା ଦଳୀୟ ଦାୟିତ୍ୱ ନେବା କାରଣରୁ ପଦତ୍ୟାଗ କରିଛନ୍ତି। ବିଜେପିର 'ଗୋଟିଏ ବ୍ୟକ୍ତି, ଗୋଟିଏ ପଦ' ନୀତି ଅନୁସାରେ ଉତ୍ତର ପ୍ରଦେଶ ଓ ଦିଲ୍ଲୀର ନୂତନ ରାଜ୍ୟ ଅଧ୍ୟକ୍ଷ ହୋଇଥିବା ମନ୍ତ୍ରୀମାନେ ମଧ୍ୟ ମନ୍ତ୍ରିମଣ୍ଡଳରୁ ବାହାରିବାର ସମ୍ଭାବନା ରହିଛି। ବର୍ତ୍ତମାନ ମନ୍ତ୍ରିପରିଷଦରେ ପ୍ରାୟ ୬୮ ଜଣ ଅଛନ୍ତି, ଯେତେବେଳେ ସମ୍ବିଧାନ ଅନୁଯାୟୀ ସର୍ବାଧିକ ୮୧ ଜଣ ରହିପାରନ୍ତି। ଅର୍ଥାତ୍ ପ୍ରାୟ ଏକ ଡଜନ ପଦ ଖାଲି ରହିଛି। ଏହାଛଡ଼ା ପ୍ରାୟ ୪୦ ଶତାଂଶ କ୍ୟାବିନେଟ ମନ୍ତ୍ରୀ ଏକାଧିକ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ଏହି ସବୁ ତଥ୍ୟ ଦେଖିଲେ ବିସ୍ତାର ବା ପୁନର୍ଗଠନ ଆବଶ୍ୟକ ମନେହୁଏ। ଆହୁରି ମଧ୍ୟ, ଆଗାମୀ ରାଜ୍ୟ ବିଧାନସଭା ନିର୍ବାଚନ - ବିଶେଷକରି ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ପଞ୍ଜାବ ଆଦି - ଏହାର ରାଜନୈତିକ ଗୁରୁତ୍ୱ ବଢ଼ାଇ ଦେଉଛି। ନୂଆ ମୁଖ, ମହିଳା ପ୍ରତିନିଧିତ୍ୱ ବୃଦ୍ଧି, ଯୁବନେତା ଓ ମିତ୍ରଦଳଙ୍କୁ ସ୍ଥାନ ଦେବା ପାଇଁ ଏହା ଏକ ଉପଯୁକ୍ତ ସମୟ ହୋଇପାରେ। ଦଳ ସଂଗଠନର ପୁନର୍ଗଠନ ପରେ ମନ୍ତ୍ରିମଣ୍ଡଳରେ ପରିବର୍ତ୍ତନ ଆଣିବା ମୋଦୀ ସରକାରର ପୁରୁଣା ଶୈଳୀ। ଏହି ଦୃଷ୍ଟିରୁ ଦେଖିଲେ

ବିସ୍ତାର ଏକ ବାସ୍ତବ ସମ୍ଭାବନା ଭାବେ ଦେଖାଯାଉଛି।

ତଥାପି ଏହାକୁ କେବଳ ଅନୁମାନ ବୋଲି କହିବାର ମଧ୍ୟ ଯୁକ୍ତି ଅଛି। ଗତ କିଛି ମାସ ଧରି ଏହି ଚର୍ଚ୍ଚା ବାରମ୍ବାର ଉଠିଛି, କିନ୍ତୁ ସରକାରୀ ଘୋଷଣା ହୋଇନାହିଁ। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଶାସନ ଶୈଳୀରେ ଏପରି ପରିବର୍ତ୍ତନ ପ୍ରାୟତଃ ଅପ୍ରତ୍ୟାଶିତ ଭାବେ ହୋଇଥାଏ। ଅତୀତରେ ମଧ୍ୟ ମନ୍ତ୍ରିମଣ୍ଡଳ ପରିବର୍ତ୍ତନର ଖବର ବାରମ୍ବାର ଆସିଥିଲା, କିନ୍ତୁ ସମୟସୀମା ବଦଳିଯାଇଥିଲା। ସଂସଦର ଅଧିବେଶନ, ଆନ୍ତର୍ଜାତିକ ସଫର କିମ୍ବା ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଯୋଗୁଁ ଏହା ବିଳମ୍ବିତ ହୋଇପାରେ। ଯେପର୍ଯ୍ୟନ୍ତ ରାଷ୍ଟ୍ରପତି ଭବନରେ ଶପଥ ଗ୍ରହଣ ସମାରୋହ ନ ହୁଏ, ସେପର୍ଯ୍ୟନ୍ତ ଏହା କେବଳ ସୂତ୍ର ଓ ମିଡ଼ିଆର ଅନୁମାନ ହିଁ ରହିବ।

ରାଜନୀତିରେ ଅନୁମାନ ଓ ବାସ୍ତବତା ମଧ୍ୟରେ ସୀମା ପ୍ରାୟତଃ ଅସ୍ପଷ୍ଟ ରହେ। ମନ୍ତ୍ରିମଣ୍ଡଳ ବିସ୍ତାର କେବଳ ପଦବୀ ବଣ୍ଟନ ନୁହେଁ; ଏହା ସରକାରର ପ୍ରାଥମିକତା, ଆଞ୍ଚଳିକ ସନ୍ତୁଳନ, ସାମାଜିକ ପ୍ରତିନିଧିତ୍ୱ ଓ ନିର୍ବାଚନୀ ରଣନୀତିର ପ୍ରତିଫଳନ। ଯଦି ଏହା ହୁଏ, ତେବେ ଏହା ମୋଦୀ ୩.୦ ସରକାରକୁ ନୂତନ ଗତି ଦେବ ଏବଂ ଆଗାମୀ ନିର୍ବାଚନ ପାଇଁ ମାର୍ଗ ପ୍ରସ୍ତୁତ କରିବ। ଯଦି ବିଳମ୍ବ ହୁଏ, ତେବେ ଏହା ଦେଖାଇବ ଯେ ସରକାର ବିକାଶ ଓ ଶାସନ ଉପରେ ଅଧିକ ଧ୍ୟାନ ଦେଉଛନ୍ତି, ରାଜନୈତିକ ପରିବର୍ତ୍ତନ ଉପରେ ନୁହେଁ। ସାରାଂଶରେ, ବର୍ତ୍ତମାନର ସଙ୍କେତଗୁଡ଼ିକ ଦେଖିଲେ କେନ୍ଦ୍ର ମନ୍ତ୍ରିମଣ୍ଡଳ ବିସ୍ତାର କେବଳ ଅନୁମାନ ନୁହେଁ; ଏହା ଏକ ବାସ୍ତବ ସମ୍ଭାବନା ଭାବେ ଦେଖାଯାଉଛି। ତଥାପି ରାଜନୀତିରେ ଶେଷ ନିଷ୍ପତ୍ତି ପ୍ରଧାନମନ୍ତ୍ରୀଙ୍କ ହାତରେ। ଯେପର୍ଯ୍ୟନ୍ତ ସରକାରୀ ଘୋଷଣା ନ ହୁଏ, ସେପର୍ଯ୍ୟନ୍ତ ଏହା ରାଜନୈତିକ ଚର୍ଚ୍ଚାର ବିଷୟ ରହିବ। ଦେଶ ଆଜି ଏକ ସ୍ଥିର ଓ ଦକ୍ଷ ଶାସନ ଆଶା କରୁଛି। ମନ୍ତ୍ରିମଣ୍ଡଳ ବିସ୍ତାର ହେଉ କି ନ ହେଉ, ଲକ୍ଷ୍ୟ ହେଉଛି ଜନସାଧାରଣଙ୍କ ସେବା ଓ ଦେଶର ବିକାଶ। ସେହି ଲକ୍ଷ୍ୟକୁ ସାମ୍ନାରେ ରଖି ଯଦି ପରିବର୍ତ୍ତନ ଆସେ, ତେବେ ତାହା ସ୍ୱାଗତଯୋଗ୍ୟ ହେବ।

ନେତା ନୀତି ନେତୃତ୍ୱ

ଡକ୍ଟର ଲକ୍ଷ୍ମଣ ସାହୁ

ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଏବେ ନିର୍ବାଚନ ସରଗରମ ହେବାର ଲାଗିଛି। ଛାତ୍ର ଛାତ୍ରୀଙ୍କ ଭିତରେ ପରସ୍ପର ବନ୍ଧୁତା ଦୂରେଇ କାଦୁଅ ଛଟା ଚାଲିଛି। ଭବିଷ୍ୟତରେ ଏହି ଛାତ୍ରଛାତ୍ରୀ ରାଜନୀତି କରିବାର ତରକା ପାଇବେ ଏଥିପାଇଁ ଆଗରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ନିର୍ବାଚନର ଯଥେଷ୍ଟ ଆବଶ୍ୟକ ରହିଛି ବୋଲି। ତେବେ ଏହି ମେଞ୍ଚ ଗଠନର ଗୁରୁତ୍ୱ ଉପରେ ତୁଳସୀ ଦାସଙ୍କ ରାମଚରିତମାନସୁ ଅନୁଧ୍ୟାନ କରାଯାଇପାରେ। କେବଳ ସେହି ନେତା ଯିଏ ସମସ୍ତଙ୍କର ସମ୍ଭାବନାକୁ ଚିହ୍ନିପାରନ୍ତି ଓ ସେମାନଙ୍କୁ ଏକ ଲକ୍ଷ୍ୟ ପାଇଁ ଏକତ୍ରିତ କରନ୍ତି। ପ୍ରାୟତଃ ଜଣେ ନେତାଙ୍କ ପ୍ରତିଛବି ଆମ ମନରେ ଏକ ଶକ୍ତିଶାଳୀ ବ୍ୟକ୍ତିତ୍ୱ ଭାବରେ ଉଭା ହୁଏ, ଯିଏ ଘଟଣାଗୁଡ଼ିକର କେନ୍ଦ୍ରରେ ଠିଆ ହୋଇ ଅନ୍ୟମାନଙ୍କୁ ଜ୍ଞାନ, ସାହସ କିମ୍ବା କର୍ତ୍ତୃତ୍ୱ ମାଧ୍ୟମରେ ନିର୍ଦ୍ଦେଶ ଦିଅନ୍ତି। ତଥାପି ସାହିତ୍ୟର କିଛି ମହାନ କୃତି ନେତୃତ୍ୱର ଏକ ଭିନ୍ନ ରୂପ ଉପସ୍ଥାପନ କରନ୍ତି। ଏହି ରୂପରେ ଜଣେ ନେତାଙ୍କ ପ୍ରକୃତ ପ୍ରତିଭା ନିଜେ ସବୁକିଛି କରିବାରେ ନୁହେଁ, ବରଂ ଅନେକ ଲୋକଙ୍କ ସମ୍ଭାବନାକୁ ଚିହ୍ନିବା ଓ ଏକ ବୃହତ ଉଦ୍ଦେଶ୍ୟ ପାଇଁ ସେମାନଙ୍କୁ ଏକତ୍ରିତ କରିବାରେ ରହିଛି।

ଗୋସ୍ୱାମୀ ତୁଳସୀଦାସଙ୍କ ରାମଚରିତମାନସ ନେତୃତ୍ୱର ସମାନ ଚିତ୍ର ଉପସ୍ଥାପନ କରେ। ଶ୍ରୀରାମଙ୍କ ଅଯୋଧ୍ୟାରୁ ଲଙ୍କା ଯାତ୍ରା ଉଲ୍ଲେଖନୀୟ। କାରଣ ଏହି ସମୟ ମଧ୍ୟରେ ତାଙ୍କର ଆନୁଷ୍ଠାନିକ କର୍ତ୍ତୃତ୍ୱ ହ୍ରାସ ପାଉଛି। ଯେତେବେଳେ ତାଙ୍କର ପ୍ରକୃତ ପ୍ରଭାବ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ସେ ସମୟରେ ତାଙ୍କ ଗୋଟିଏ ମହାନ ରାଜ୍ୟର ଉତ୍ତରାଧିକାରୀ ଭାବରେ ତାଙ୍କର ଯାତ୍ରା ଆରମ୍ଭ କରନ୍ତି। କିନ୍ତୁ ଯେତେବେଳେ ଶେଷରେ ରାବଣ ସହିତ ନିର୍ଣ୍ଣାୟକ ଯୁଦ୍ଧର ସମୟ ଆସେ, ତାଙ୍କ ପାଖରେ ଅଯୋଧ୍ୟାର ସେନା ଓ ଜଣେ ରାଜାର ସାଂଗଠନିକ ଢାଞ୍ଚାର ଅଭାବ ଥାଏ। ପ୍ରାରମ୍ଭରେ ଯାହା ଶକ୍ତି ଓ ସମ୍ପତ୍ତି ହରଣର କାହାଣୀ ପରି ଦେଖାଯାଏ, ତାହା ଧୀରେ ଧୀରେ ବିଭିନ୍ନ ଦଳକୁ ଏକତ୍ର କରିବାରେ ଏକ ଉଲ୍ଲେଖନୀୟ ଶିକ୍ଷା ହୋଇଯାଏ। ଏହି ପରିବର୍ତ୍ତନର ପ୍ରଥମ ନୀତି ହେଉଛି ସାମାଜିକ ସ୍ଥିତିରୁ ମୁକ୍ତି ସ୍ୱାଧୀନ।

ଦର୍ଶାଇ ଦିଆଯାଏ ପ୍ରତ୍ୟେକ ବ୍ୟକ୍ତିଙ୍କ ମର୍ଯ୍ୟାଦାକୁ ଚିହ୍ନିବାରେ ଶ୍ରୀରାମଙ୍କ କ୍ଷମତା ବିଶେଷ ଗୁରୁତ୍ୱପୂର୍ଣ୍ଣ। ନିଷାଦରାଜ ଓ ଶାବରୀଙ୍କ ସହ ତାଙ୍କର ସମ୍ପର୍କ ବିଶେଷ ଗୁରୁତ୍ୱପୂର୍ଣ୍ଣ। କାରଣ ସେମାନେ ଦର୍ଶାନ୍ତି ଯେ ରାମଚରିତମାନସରେ ସଜ୍ଞାନ କେବଳ ପାରମ୍ପରିକ କ୍ଷମତାଧାରୀ ଲୋକଙ୍କ ପ୍ରତି ପ୍ରବାହିତ ହୁଏ ନାହିଁ। ଯେଉଁମାନେ ମୁଖ୍ୟତଃ ପଦାନୁକ୍ରମ, ପରିବାର ବଂଶ କିମ୍ବା କ୍ଷମତାର ନିକଟତା ଉପରେ ଆଧାର କରି ବ୍ୟକ୍ତିମାନଙ୍କୁ ମୂଲ୍ୟାଙ୍କନ କରନ୍ତି। ସେମାନେ ନିଶ୍ଚିତ ଭାବରେ ସମ୍ଭାବନାର ବିଶାଳ ଭଣ୍ଡାରକୁ ଅଣଦେଖା କରନ୍ତି। ବିପରୀତରେ ଯେଉଁମାନେ ଲୋକଙ୍କ ପ୍ରତି ପ୍ରକୃତ ସଜ୍ଞାନ ରଖନ୍ତି। ସେମାନେ ପ୍ରାୟତଃ ଏପରି କ୍ଷମତାକୁ ଚିହ୍ନିପାରନ୍ତି ଯାହା ପାରମ୍ପରିକ ମୂଲ୍ୟାଙ୍କନ ପ୍ରଣାଳୀ ଦେଖିପାରନ୍ତି ନାହିଁ। ଶ୍ରୀରାମ ଓ ସୁଗ୍ରୀବ ଶିକ୍ଷା ଦିଅନ୍ତି ଯେ କେବଳ ସମାନ କିମ୍ବା ଅନ୍ତର୍ନିହିତ ଭାବରେ ସମାନ ସ୍ୱାର୍ଥ ଥିବାରୁ ସହଭାଗୀତା ଗଠନ ହୁଏ ନାହିଁ। ଉଭୟଙ୍କ ସମସ୍ୟା ଭିନ୍ନ ଭିନ୍ନ ଓ ପ୍ରତ୍ୟେକଙ୍କର ଅନ୍ୟ କିଛି ଆବଶ୍ୟକତା ରହିଛି। ଶ୍ରୀରାମଙ୍କୁ ସୀତାଙ୍କୁ ଖୋଜିବାରେ ସାହାଯ୍ୟ ଆବଶ୍ୟକ। ଯେତେବେଳେ ସୁଗ୍ରୀବଙ୍କୁ ବାଳିଙ୍କ ସହିତ ମୁକାବିଲା କରିବା ଓ ତାଙ୍କର ହଜିଯାଇଥିବା ସ୍ଥିତି ପୁନଃରୁଦ୍ଧାର କରିବା ପାଇଁ ସାହାଯ୍ୟ ଆବଶ୍ୟକ ଥିଲା। ସେତେବେଳେ ରାମ ଓ ସୁଗ୍ରୀବ ମିଳିତ ମିତ୍ର ଭାବ ଦର୍ଶାଏ ଯେ ସଫଳ ସହଯୋଗ ପାଇଁ ସ୍ୱାର୍ଥର ସମ୍ପୂର୍ଣ୍ଣ ସମନ୍ୱୟ ଆବଶ୍ୟକ ନାହିଁ।

ଶ୍ରୀରାମଙ୍କୁ ଭେଟିବା ପୂର୍ବରୁ ହନୁମାନ ଅସାଧାରଣ କ୍ଷମତା ପାଇଥିଲେ। କିନ୍ତୁ ଯେତେବେଳେ ଏହି କ୍ଷମତା ଗୁଡ଼ିକୁ ଏକ ଅର୍ଥପୂର୍ଣ୍ଣ ଉଦ୍ଦେଶ୍ୟରେ ପରିଚାଳିତ କରାଯାଇଥିଲା ସେତେବେଳେ ସେମାନେ ସ୍ପଷ୍ଟ ଦିଗଦର୍ଶନ ପାଇଥିଲେ। ଶ୍ରୀରାମ ହନୁମାନଙ୍କୁ ଦାୟିତ୍ୱ ପ୍ରଦାନ କରନ୍ତି। ହନୁମାନ ସର୍ବନିମ୍ନ ସୀମାଠାରୁ ବହୁ ଦୂରରେ ପଦକ୍ଷେପ ସହିତ ପ୍ରତିକ୍ରିୟା ଦିଅନ୍ତି। ତୁଳସୀଦାସଙ୍କ ରାମଚରିତମାନସ ଆମକୁ ଶିକ୍ଷା ଦିଏ ଯେ ନେତୃତ୍ୱର ଅର୍ଥ ନିଜକୁ ଅପରିହାର୍ଯ୍ୟ କରିବା ନୁହେଁ, ବରଂ ବ୍ୟକ୍ତିଗତ କ୍ଷମତାଠାରୁ ସାମୂହିକ ସମ୍ଭାବନାକୁ ବିସ୍ତାର କରିବା। ରାମଚରିତ ମାନସର ଏହି ନେତା ପ୍ରସଙ୍ଗ ଯଦି ଛାତ୍ରଛାତ୍ରୀ ବୁଝି ପାରନ୍ତେ ତେବେ ଆଜି ଯେକୌଣସି ନିର୍ବାଚନରେ ଏଭଳି ଅପ୍ରାସଙ୍ଗିକ ଦୃଶ୍ୟ ଦେଖିବାକୁ ମିଳନ୍ତା ନାହିଁ...!!!

ଅଧ୍ୟକ୍ଷ , ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ କଟକ -୪, ମୋବାଇଲ୍:୯୦୪୦ ୧୫୧୪୭୫

ନବରାତ୍ରିର ନବଶକ୍ତି

ଡାକ୍ତର ରାମ ପ୍ରସାଦ ରାୟ

ସଂସ୍କୃତି କହିଲେ ମାନବର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ଜୀବନର ମାନଦଣ୍ଡ ତଥା ମାର୍ଜିତ ଚିନ୍ତାଧାରାକୁ ବୁଝାଏ। ଏହା ଏକ ସଂସ୍କାର ସମ୍ପନ୍ନ ମାନବ ସମାଜର ଅନ୍ତଃସଲିଳା ଚୀର ପ୍ରବହମାନ ଜହ୍ନ୍ନବୀ ଧାରା। ଏହା ସାମାଜିକ ଜୀବନ ଠାରୁ ଆରମ୍ଭ କରି ସାଂସ୍କୃତିକ ତଥା ଧାର୍ମିକ ଜୀବନ ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ପ୍ରତିଫଳିତ। ଭାରତୀୟ ଜନଜୀବନର ସାମଗ୍ରିକ ରୂପ ତାର ଲୋକ - ସଂସ୍କୃତିରେ ପ୍ରତିଫଳିତ। ତେଣୁ ସାମାଜିକ ଆଧ୍ୟାତ୍ମିକ ଓ ରାଜନୈତିକ ଜୀବନର ମଧୁର ସମନ୍ୱୟରେ ପ୍ରତ୍ୟେକ ଦେଶର ସଂସ୍କୃତି ଗଢ଼ି ଉଠିଥାଏ। ସେଥିପାଇଁ ଭାରତ ବର୍ଷ ସର୍ବୋପରି ବହୁ ସମ୍ପ୍ରଦାୟ ଓ ବହୁ ଭାବନାର ସମନ୍ୱିତ ଭୂମି ଏବଂ ମହନୀୟ ଚେତନାର ସମନ୍ୱିତ ତୀର୍ଥ।

ଆର୍ଯ୍ୟଭୂମି ଭାରତ ବର୍ଷରେ ଶାକ୍ତ ସଂସ୍କୃତିର ଏକ ବିରାଟ ଐତିହ୍ୟ ରହି ଆସିଛି। ଆର୍ଯ୍ୟ ଓ ଅର୍ଯ୍ୟେତର ବିଶ୍ୱାସ ଓ ସଂସ୍କାରର ସମନ୍ୱୟରୁ ଶକ୍ତି ଉପାସନା ଆରମ୍ଭ ହୋଇଥିଲା। ପ୍ରଚଳିତ ଶାକ୍ତ ବ୍ରତ ଗୁଡ଼ିକରେ ଦୁର୍ଗା, ଲକ୍ଷ୍ମୀ, ମହାକାଳୀ, ମଙ୍ଗଳା, ସାବିତ୍ରୀ, ଉତ୍ତରାୟଣୀ, ପାର୍ବତୀ, ଆରାଧ୍ୟ ଦେବୀ ରୂପେ ପୂଜା ପାଆନ୍ତି। ମୁଖ୍ୟତଃ ଏକ ଈଶ୍ୱର ଉପରେ ବିଶ୍ୱାସ ରଖିଥିଲେ ହେଁ ବହୁ ଦେବଦେବୀ ପୂଜା ହିନ୍ଦୁ ସଂସ୍କୃତିର ଏକ ଉଲ୍ଲେଖଯୋଗ୍ୟ ବିଶିଷ୍ଟ୍ୟ।

ତେଣୁ ଭାରତ ବର୍ଷରେ ବିଭିନ୍ନ ସମୟରେ ଜୈନ, ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ, ଗାଣପତ୍ୟ, ସୌର, ପଞ୍ଚସଖାଦି ବହୁ ଧର୍ମ ଓ ଦର୍ଶନ ସମ୍ପ୍ରଦାୟର ଉଦ୍ଭବ, ବିକାଶ ଓ ଅପୂର୍ବ ସମନ୍ୱୟ ସଂଘଟିତ ହୋଇ ସେହି ଧର୍ମାନୁସୃତ ବିଭିନ୍ନ ଦେବତା ମାନଙ୍କର ପୂଜା, ଉପାସନା ବ୍ୟାପକ ଭାବରେ ଜନ ସମାଜରେ ପ୍ରଚଳିତ ହୋଇଅଛି। ଆଶ୍ୱିନ ଓ ଚୈତ୍ର ମାସରେ ନବରାତ୍ରି ପୂଜା ବିଧାନ ହୋଇଥାଏ। ଋତୁ ବିଜ୍ଞାନ ଅନୁସାରେ ଆଶ୍ୱିନ ଓ ଚୈତ୍ର ମାସ ହେଉଛି ଉତ୍ତାପ ଓ ଶୀତଳତାର ସନ୍ଧି ମାସ। ଶୀତର ପଦାର୍ପଣ ଆଶ୍ୱିନର ପ୍ରାରମ୍ଭରୁ ହୁଏ ଏବଂ ଗ୍ରୀଷ୍ମ ପଦାର୍ପଣ ହୁଏ ଚୈତ୍ର ଆରମ୍ଭରୁ। ଋତୁମୂଳକ ବାସନ୍ତୀ ସମ୍ବତ୍ସର ଚୈତ୍ର ଶୁକ୍ଳ ପ୍ରତିପଦରୁ ଏବଂ ନକ୍ଷତ୍ରମୂଳକ ଶାରଦୀୟ ବର୍ଷ ଆଶ୍ୱିନ ପ୍ରତିପଦରୁ ଆରମ୍ଭ ହୁଏ। ଏହି ଉଭୟ ସମ୍ବତ୍ସରର ପ୍ରାରମ୍ଭିକ ୯ ଦିନ ହେଉଛି ନବରାତ୍ରି। ନବ ଶବ୍ଦର ଅର୍ଥ ହେଉଛି ୯ ସଂଖ୍ୟାବାଚକ। ଦୁର୍ଗାଙ୍କ ନବରୂପର ଅର୍ଚ୍ଚନା କରାଯାଏ। କୃଷି ପ୍ରଧାନ ଦେଶ ଭାରତରେ କୃଷି ଦୃଷ୍ଟିରୁ ଆଶ୍ୱିନ ଓ ଚୈତ୍ର ମାସର ବିଶେଷ ମହତ୍ତ୍ୱ ରହିଛି। ଚୈତ୍ର ମାସରେ ଏବଂ ଆଶ୍ୱିନ ମାସରେ ଧାନ ଫସଲ ହୋଇଥାଏ। ଉଭୟ ଅବସରରେ ନଅ ଦିନ ପର୍ଯ୍ୟନ୍ତ ଘରେ ରହିବା ଆବଶ୍ୟକ। ଗୃହକୋଣରେ ଭଗବତୀଙ୍କ ମଣ୍ଡପ ସଜାଯାଏ। ରାତିଦିନ ଜଳୁଥିବା ଘିଅ ଏବଂ ତେଲର ପ୍ରଦୀପ, ଧୂପ, କର୍ପୂର ଅଗର ଆଦି ସୁଗନ୍ଧିତ ଦ୍ରବ୍ୟରୁ ଆସୁଥିବା ଧୂମ ଏହି ସନ୍ଧିକାଳ ମାସରେ ଉତ୍ପନ୍ନ ହେଉଥିବା ଜୀବାଣୁର ବିନାଶ କରେ। ଅନ୍ନର ଆଗମନରେ 'ନବରାତ୍ରି' ପାଳନ କରାଯାଏ। ଦଶମ ଦିନ ଯଜ୍ଞ କରି ନବାନ୍ନ ଆହୁତି ଦିଆଯାଏ। ପୌରାଣିକ କଥାବସ୍ତୁ ଅନୁଯାୟୀ ମହାପ୍ରତାପୀ ରାବଣକୁ ଜିତିବା ପାଇଁ ପ୍ରଭୁ ଶ୍ରୀରାମ ନାରଦ ମୁନିଙ୍କ ପରାମର୍ଶରେ ନବରାତ୍ରି ପୂଜା କରିଥିଲେ। ମା' ଦୁର୍ଗାଙ୍କ ନବରାତ୍ରି ଉତ୍ସବରେ ମହାମାୟୀ ଏ ନବଦିନ ଭିନ୍ନ ଭିନ୍ନ ସ୍ୱରୂପରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦିଅନ୍ତି।

ଶ୍ରୀ ଶ୍ରୀ ଦୁର୍ଗାଦେବୀଙ୍କୁ ସମୋହନୀ ତନ୍ତ୍ରରେ ନଅଟି ନାମରେ ଆରାଧନା କରାଯାଏ। ସେହି ମନ୍ତ୍ରଟି ହେଉଛି 'ବନଦୁର୍ଗା ମହାଦୁର୍ଗା ଗିରିଦୁର୍ଗା ତତଃ ପରଂ। ଜୟଦୁର୍ଗା ଶୂଳିଦୁର୍ଗା ମହିଷମର୍ଦ୍ଦିନୀ। ଶକ୍ତିଦୁର୍ଗା ଘୋରାଦୁର୍ଗା ଚଣ୍ଡଦୁର୍ଗା ତତଃ କ୍ରମାତ୍। ଇତି ସଙ୍ଖୋହିନୀ ତନ୍ତ୍ରେ ଦୁର୍ଗାଭେଦା ନବୋଦିତାଃ।। ଅନ୍ୟତ୍ ପ୍ରଥମଂ ଶୈଳୀପୁତ୍ରୀତି, ଦ୍ୱିତୀୟଂ ବ୍ରହ୍ମଚାରିଣୀ। ତୃତୀୟଂ ଚନ୍ଦ୍ରଘଣ୍ଟେତି, କୁଷ୍ମାଣ୍ଡେତି ଚତୁର୍ଥକମ୍।। ପଞ୍ଚମଂ ସ୍କନ୍ଦମାତେତି, ଷଷ୍ଠଂ କାତ୍ୟାୟନୀତି ଚ। ସପ୍ତମଂ କାଳରାତ୍ରିତି, ମହାଗୌରୀତି ଚାଷ୍ଟମମ୍।। ନବମଂ ସିଦ୍ଧିଦାତ୍ରୀ ଚ, ନବଦୁର୍ଗାଃ ପ୍ରକୀର୍ତ୍ତିତାଃ। ଉକ୍ତାନ୍ୟେତାନି ନାମାନି ବ୍ରହ୍ମଣୈବ ମହାତ୍ମନା।।'

ପ୍ରଥମରେ ଶୈଳୀପୁତ୍ରୀ, ଦ୍ୱିତୀୟରେ ବ୍ରହ୍ମଚାରିଣୀ, ତୃତୀୟରେ ଚନ୍ଦ୍ରଘଣ୍ଟା, ଚତୁର୍ଥରେ କୁଷ୍ମାଣ୍ଡା, ପଞ୍ଚମରେ ସ୍କନ୍ଦମାତା, ଷଷ୍ଠରେ କାତ୍ୟାୟନୀ, ସପ୍ତମରେ କାଳରାତ୍ରି, ଅଷ୍ଟମରେ ମହାଗୌରୀ ଓ ନବମରେ ସିଦ୍ଧିଦାତ୍ରୀ ଏହା ନବଦୁର୍ଗା (ନବଶକ୍ତି) ବୋଲି କଥିତ ଅଛି। ଏହି ସମସ୍ତ ନାମ ସର୍ବଜ୍ଞଦେବ ବ୍ରହ୍ମାଙ୍କ ଦ୍ୱାରା ବର୍ଣ୍ଣିତ ହୋଇଅଛି। (ବ୍ରହ୍ମାକୃତ ଦେବୀ କବଚ)। ମା ସିଦ୍ଧିଦାତ୍ରୀ ଭକ୍ତମାନଙ୍କର ସମସ୍ତ କାମନା ପୂରଣ କରି ଅଷ୍ଟସିଦ୍ଧି (ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଷିତ୍ୱ ଓ ବଶିତ୍ୱ) ପ୍ରଦାନ କରନ୍ତି। ଆଉ କେତେ ପୁରାଣରେ ଅଷ୍ଟାଦଶ ସିଦ୍ଧି ବିଷୟରେ କୁହାଯାଏ। ସେଗୁଡ଼ିକ ହେଲା - ଅଣିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ମହିମା, ଈଶିତ୍ୱ, ବଶିତ୍ୱ, ସର୍ବକାମାବସାୟିତା, ସର୍ବଜ୍ଞତ୍ୱ, ଦୂରଶ୍ରବଣ, ପରକାୟ ପ୍ରବେଶନ, ବାକସିଦ୍ଧି, କଳ୍ପବୃକ୍ଷତ୍ୱ, ସୃଷ୍ଟି, ସଂହାରକରଣ ସାମର୍ଥ୍ୟ, ଅମରତ୍ୱ, ସର୍ବନାୟକତ୍ୱ, ଭାବନା, ସିଦ୍ଧି। ଦେବୀ ପୁରାଣ ଅନୁସାରେ ମା'ସିଦ୍ଧିଦାତ୍ରୀଙ୍କ କୃପାରୁ ଭଗବାନ ଶଙ୍କର ଏ ସମସ୍ତ ସିଦ୍ଧି ପ୍ରାପ୍ତ ହୋଇଛନ୍ତି। ସେଥିପାଇଁ ସେ ତାଙ୍କର ଅର୍ଦ୍ଧାଙ୍ଗରେ ସର୍ବଦା ଦେବୀଙ୍କୁ ଧାରଣ କରିଛନ୍ତି। ଏହି କାରଣରୁ ଶିବ ଅର୍ଦ୍ଧନାରୀଶ୍ୱର ନାମରେ ଜଗତରେ ବିଖ୍ୟାତ।

**କ୍ୟାମ୍ପ ଅଫିସର, ରକ୍ତ ଭଣ୍ଡାର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେ

ସୀମା ଡେଇଁଲା ଏସଆଇଆର ବିବାଦ

ଟ୍ରମ୍ପ୍ ଯାହା କରୁଥିଲେ, ମୋଦି ତାହା କରୁଛନ୍ତି

ଭୋଟର ଗାଏବ୍ ପ୍ରସଙ୍ଗରେ ବର୍ଷିଲେ ମାର୍କିନ୍ ସାଂସଦ

ୱାଶିଂଟନ୍, ୧୫।୧୦: ଭାରତରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଜାରି ରହିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇଆର) ପ୍ରକ୍ରିୟାରେ ପ୍ରାୟ ୧୩ କୋଟିରୁ ଊର୍ଦ୍ଧ୍ୱ ଭୋଟରଙ୍କ ନାମ କାଟି ଦିଆଯିବା ଘଟଣା ଏବେ ସୀମା ଡେଇଁ ବିଶ୍ୱ ରାଜନୀତିରେ ମହା-ବିସ୍ଫୋରଣ ସୃଷ୍ଟି କରିଛି। ଭାରତୀୟ ବଂଶୋଦ୍ଭବ ଆମେରିକୀୟ ସାଂସଦ ପ୍ରମିଳା ଜୟପାଲ ଭାରତ ସରକାରଙ୍କ ଏହି ପଦକ୍ଷେପକୁ ନେଇ ଚିନ୍ତା ପ୍ରକଟ କରିବା ସହ ଏହାକୁ ଏକ 'ଗଣତନ୍ତ୍ର ବିରୋଧୀ କାର୍ଯ୍ୟ' ବୋଲି କଡ଼ା ଭାଷାରେ ଅଭିଯୋଗ କରିଛନ୍ତି। ଆମେରିକାରେ ଭୋଟଦାନ ଅଧିକାରକୁ ଦୁର୍ବଳ କରିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଯେଉଁଭଳି କୁତ୍ସିତ ଷଡ଼ଯନ୍ତ୍ର ରଚୁଥିଲା, ଭାରତରେ ମୋଦି ସରକାର ସେହି ସମାନ ନୀତି ଓ ନିୟମକୁ ଅନୁସରଣ କରୁଛନ୍ତି ବୋଲି ସେ ସିଧାସଳଖ ଆକ୍ରମଣ କରିଛନ୍ତି।

ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ନିଜର ମତ ରଖି ଡେମୋକ୍ରାଟିକ୍ ସାଂସଦ ପ୍ରମିଳା ଜୟପାଲ କହିଛନ୍ତି ଯେ, ଭାରତରେ ଭୋଟର ତାଲିକାରୁ ୧୩ କୋଟି ଲୋକଙ୍କ ନାମ ଗାଏବ୍ କରିଦେବା ଅତ୍ୟନ୍ତ ଆଶଙ୍କାଜନକ। ଆମେରିକା ନାଗରିକଙ୍କ ଭଳି ଭାରତୀୟ ନାଗରିକମାନଙ୍କର ମଧ୍ୟ ସ୍ୱାଧୀନ, ମୁକ୍ତ ଓ ନିରପେକ୍ଷ ନିର୍ବାଚନରେ ଭାଗନେବାର ସମ୍ପୂର୍ଣ୍ଣ ଅଧିକାର ରହିଛି। ଭାରତର ଗଣତନ୍ତ୍ରକୁ ବଞ୍ଚାଇବା ପାଇଁ ଦିଲ୍ଲୀ, ମୁମ୍ବାଇ ସମେତ ଦେଶସାରା ଚାଲିଥିବା ଅହିଂସା ପ୍ରତିବାଦ ଆନ୍ଦୋଳନକୁ ସେ ସମ୍ପୂର୍ଣ୍ଣ ସମର୍ଥନ ଜଣାଇବା ସହ ଭାରତୀୟ ଆନ୍ଦୋଳନକାରୀଙ୍କ ସହ ଦୃଢ଼ ଭାବେ ଠିଆ ହୋଇଛନ୍ତି। ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ଏସଆଇଆର ପ୍ରକ୍ରିୟାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟରେ ୧୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୭.୨ କୋଟି ନାମ ବାଦ୍ ପଡ଼ିଥିବା ବେଳେ, ଚାଲିଥିବା ତୃତୀୟ ପର୍ଯ୍ୟାୟରେ ୧୮ଟି ରାଜ୍ୟରୁ ଅତିରିକ୍ତ ୬.୧୬ କୋଟି ନାମ କାଟି ଦିଆଯାଇଛି। ସରକାରୀ ସ୍ପଷ୍ଟୀକରଣ ଅନୁଯାୟୀ କଟାଯାଇଥିବା ଭୋଟରମାନେ ଫର୍ମ-୬ ଜରିଆରେ ପୁଣି ଆବେଦନ କରିପାରିବେ ବୋଲି କୁହାଯାଉଥିଲେ ହେଁ ଏତେ ବଡ଼ ଧରଣର ନାମ ବାଦ୍ ପଡ଼ିବା ପ୍ରଶ୍ନବାଚୀ ସୃଷ୍ଟି କରିଛି।

କେବଳ ଆମେରିକୀୟ ସାଂସଦ ନୁହନ୍ତି, ପାକିସ୍ତାନ, ବାଂଲାଦେଶ ଓ ଅନେକ ୟୁରୋପୀୟ ଦେଶର ନେତାମାନେ ମଧ୍ୟ ଭାରତର ଏହି ସ୍ଥିତି ଉପରେ କଡ଼ା ନଜର ରଖିଛନ୍ତି। ଅପରପକ୍ଷରେ, ଜାତିସଂଘ ମାନବାଧିକାର କମିଶନ ମଧ୍ୟ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଦିଲ୍ଲୀରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କରୁଥିବା ବିକ୍ଷୋଭକାରୀମାନଙ୍କୁ ଭାରତୀୟ ପୁଲିସ ଦ୍ୱାରା ବହୁ ସଂଖ୍ୟାରେ ଅଟକ ରଖାଯିବା ଓ ଜେଲ୍ ପଠାଯିବା ରିପୋର୍ଟକୁ ନେଇ ଜାତିସଂଘ ଚିନ୍ତା ପ୍ରକାଶ କରିଛି। ନାଗରିକଙ୍କ ଶାନ୍ତିପୂର୍ଣ୍ଣ ସମାବେଶ ଓ ଗଣତାନ୍ତ୍ରିକ ପ୍ରତିବାଦ କରିବାର ଅଧିକାରକୁ ସମ୍ମାନ ଦେବା ପାଇଁ ଜାତିସଂଘ ଭାରତୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ଚେତାବନୀ ଦେଇଛି।

ଧର୍ମ ପରିବର୍ତ୍ତନ କଲେ ମିଳିବନି ସଂରକ୍ଷଣର ଲାଭ

ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

ନୂଆଦିଲ୍ଲୀ, ୧୫।୧୦: ହିନ୍ଦୁ ଧର୍ମରୁ ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନେ ଓବିସି ସଂରକ୍ଷଣ ପାଇଁ ଯୋଗ୍ୟ କି ନାହିଁ ସେ ସମ୍ପର୍କରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଦାୟର ଏକ ଆବେଦନ ଉପରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ, ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇପାରିବେ ନାହିଁ। ହିନ୍ଦୁ ସାମାଜିକ ବ୍ୟବସ୍ଥା ମଧ୍ୟରେ ପଛୁଆ ବର୍ଗ କିମ୍ବା ଅନୁସୂଚିତ ଜାତିର ବ୍ୟକ୍ତି ଅନ୍ୟ ଧର୍ମ ଗ୍ରହଣ କରିବା ପରେ ସଂରକ୍ଷଣ ସୁବିଧା ପାଇଁ ଦାବି କରିପାରିବେ ନାହିଁ।

କୋର୍ଟ କହିଛନ୍ତି, ଧର୍ମ ପରିବର୍ତ୍ତନ ପରେ ଜଣେ ବ୍ୟକ୍ତିଙ୍କ ସାମାଜିକ ପଛୁଆ ସ୍ଥିତି ହିନ୍ଦୁ ସାମାଜିକ ବ୍ୟବସ୍ଥାରୁ ଅଣ-ହିନ୍ଦୁ ସାମାଜିକ ବ୍ୟବସ୍ଥାରେ ସ୍ଥାନାନ୍ତର କରାଯାଇପାରିବ ନାହିଁ। ବିଚାରପତି ପି.କେ. ମିଶ୍ର ଏବଂ ଶ୍ରୀ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ମାଡ୍ରାସ ହାଇକୋର୍ଟଙ୍କର ରାୟକୁ କାଏମ୍ ରଖିଛନ୍ତି। ହାଇକୋର୍ଟଙ୍କ ରାୟ ତାମିଲନାଡୁ ସରକାରଙ୍କ ନିଷ୍ପତ୍ତିକୁ ରଦ୍ଦ କରିଥିଲା ଯାହା ଇସଲାମ ଧର୍ମ ଗ୍ରହଣ କରିଥିବା ବ୍ୟକ୍ତିମାନଙ୍କୁ ଓବିସି ବର୍ଗ ମଧ୍ୟରେ ସଂରକ୍ଷଣ ସୁବିଧା ପାଇବାକୁ ଅନୁମତି ଦେଇଥିଲା। ତାମିଲନାଡୁରେ ଧର୍ମ ପରିବର୍ତ୍ତନ ପରେ ପଛୁଆ ବର୍ଗର ମାନ୍ୟତା ପ୍ରଦାନ କରିବା ସହ ଜଡିତ ମାମଲାରେ ସୁପ୍ରିମକୋର୍ଟ ଏଭଳି ରାୟ ଦେଇଛନ୍ତି।

ବାପ ହାତରୁ ପୁଅକୁ ଟାଣିନେଲା ବାଘ

ଲକ୍ଷ୍ନୌ, ୧୫।୧୦: ଉତ୍ତରପ୍ରଦେଶର ଦୁଧୱା ଟାଇଗର ରିଜର୍ଭର ବଫର ଜୋନ୍ ଅନ୍ତର୍ଗତ ନିଘାସନ ରେଞ୍ଜର ଏକ ଗାଁରେ ବୁଧବାର ରାତିରେ ଏକ ହୃଦୟବିଦାରକ ଘଟଣା ଘଟିଛି। ବାପାଙ୍କ ସହ ଘରକୁ ଫେରୁଥିବା ୬ ବର୍ଷର ଶିଶୁ ନବଜୋତ ସିଂହଙ୍କୁ ଏକ କଲରାପତରିଆ ବାଘ ଝାମ୍ପି ନେଇଥିଲା।

ପରେ ଜଙ୍ଗଲ ନିକଟରେ ଥିବା ଆଖୁ କ୍ଷେତରୁ ଶିଶୁର ଅଧାଖିଆ ମୃତଦେହ ଉଦ୍ଧାର କରାଯାଇଛି। ସୂଚନାଯୋଗ୍ୟ, ସିଙ୍ଗାହି ଥାନା ଅଞ୍ଚଳର ଟୋପରପୁରୱା ଗାଁର ବାସିନ୍ଦା ଜୋଗା ସିଂହ ବୁଧବାର ରାତିରେ ନିଜ ୬ ବର୍ଷର ପୁଅ ନବଜୋତଙ୍କ ସହ ତାଙ୍କ ଭାଇଙ୍କ ଘରୁ ଫେରୁଥିଲେ। ଏହି ସମୟରେ ଆଖୁ କ୍ଷେତରୁ ହଠାତ୍ ଏକ କଲରାପତରିଆ ବାଘ ବାହାରି ଆସି ଶିଶୁକୁ ଝାମ୍ପି ନେଇ ବୁଦା ଭିତରକୁ ଚାଲିଯାଇଥିଲା। ପୁଅକୁ ବାଘ ଟାଣିନେବା ଦେଖି ବାପା ଜୋଗା ସିଂହ ଚିତ୍କାର କରିଥିଲେ। ତାଙ୍କ ଚିତ୍କାର ଶୁଣି ଗାଁ ଲୋକେ ବାଡ଼ି ଓ ଟର୍ଚ୍ଚ ଧରି ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ଦୀର୍ଘ ସମୟ ଖୋଜାଖୋଜି ପରେ ଜଙ୍ଗଲ ନିକଟସ୍ଥ ଆଖୁ କ୍ଷେତରୁ ନବଜୋତଙ୍କ ମୃତଦେହ ମିଳିଥିଲା।

ରାଜପାଲ ଯାଦବଙ୍କୁ ଆଶ୍ୱସ୍ତି

ପାସପୋର୍ଟ ଫେରାଇବାକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ



ନୂଆଦିଲ୍ଲୀ, ୧୫।୧୦: ଚେକ୍ ବାଉନ୍ସ ମାମଲାରେ ଅଭିନେତା ରାଜପାଲ ଯାଦବଙ୍କୁ ଆଶ୍ୱସ୍ତି ମିଳିଛି। ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଟ୍ରାଏଲ କୋର୍ଟରେ ଜମା ଥିବା ରାଜପାଲଙ୍କ ପାସପୋର୍ଟକୁ ମଧ୍ୟ ଉପଯୁକ୍ତ ସର୍ତ୍ତରେ ଫେରାଇବାକୁ କୁହାଯାଇଛି। ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ବିଚାରପତି ଜୟମାଲ୍ୟ ବାଗଚୀଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜପାଲଙ୍କ ଓକିଲ ଅଦାଲତଙ୍କୁ ଜଣାଇଥିଲେ ଯେ, ଅଭିନେତା ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ପାଳନ କରିଛନ୍ତି। ସେ କୋର୍ଟଙ୍କ ରେଜିଷ୍ଟ୍ରିରେ ୨ କୋଟି ଟଙ୍କା ଜମା କରିଛନ୍ତି। ଏଥିମଧ୍ୟରୁ ୧.୧୫ କୋଟି ଟଙ୍କା ଡିମାଣ୍ଡ ଡ୍ରାଫ୍ଟ ଏବଂ ୮୫ ଲକ୍ଷ ଟଙ୍କା ଆର୍‌ଟିଜିଏସ୍ ମାଧ୍ୟମରେ ଜମା କରାଯାଇଛି।ଏହା ଉପରେ ସନ୍ତୋଷ ପ୍ରକାଶ କରି ଉଭୟ ପକ୍ଷଙ୍କୁ ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରିବାକୁ କୋର୍ଟ କହିଛନ୍ତି। ଏଥିପାଇଁ ଜଣେ ମଧ୍ୟସ୍ଥ ନିଯୁକ୍ତ କରାଯିବ। ଉଭୟ ପକ୍ଷ ନିର୍ଦ୍ଧାରିତ ତାରିଖରେ ତାଙ୍କ ନିକଟରେ ହାଜର ହେବେ। ରାଜପାଲଙ୍କ ବିରୋଧରେ ଚେକ୍ ବାଉନ୍ସ ମାମଲା ଦାୟର କରିଥିବା ମୁରଲୀ ପ୍ରୋଜେକ୍ଟସ୍ କମ୍ପାନିର ଓକିଲ ମଧ୍ୟ ଏଥିରେ ସହମତି ପ୍ରକାଶ କରିଛନ୍ତି।

ଖରାପ ପାଗ ଯୋଗୁଁ ୫ ବିମାନର ମାର୍ଗ ପରିବର୍ତ୍ତନ

ନୂଆଦିଲ୍ଲୀ, ୧୫।୧୦: ଜାତୀୟ ରାଜଧାନୀ ଦିଲ୍ଲୀରେ ଗୁରୁବାର ଅପରାହ୍ଣରେ ଭୀଷଣ ବର୍ଷା ହୋଇଛି। ବର୍ଷା ଓ ଆକାଶ ମେଘାଚ୍ଛନ୍ନ ଥିବା ଯୋଗୁ ଦିଲ୍ଲୀ ଆସୁଥିବା ଅତିକମ୍‌ରେ ୫ ବିମାନର ମାର୍ଗ ପରିବର୍ତ୍ତନ କରାଯାଇଛି। ନୋଏଡା ଓ ଜୟପୁର ବିମାନବନ୍ଦର ଅଭିମୁଖେ ମାର୍ଗ ପରବିର୍ତ୍ତନ କରାଯାଇଥିବାବେଳେ ଏଥିରେ ୩ ଟି ଏୟାର ଇଣ୍ଡିଆ ବିମାନ, ଗୋଟିଏ ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ଓ ମାକାଉରୁ ଗୋଟିଏ ମାଲବାହୀ ବିମାନ ରହିଛି। ଅଧିକାରୀଙ୍କ ଅନୁଯାୟୀ, ଏୟାର ଇଣ୍ଡିଆର ବିମାନଗୁଡ଼ିକ ଅହମ୍ମଦାବାଦ, ଭୋପାଳ ଓ ବେଙ୍ଗାଲୁରୁ ଆସୁଥିଲା, ଏୟାର ଇଣ୍ଡିଆ ଏକ୍ସପ୍ରେସ୍ ବିମାନଟି ଭୁବନେଶ୍ୱରରୁ ଆସୁଥିଲା। ଚାରିଟି ବିମାନକୁ ଜୟପୁର ଅନ୍ତର୍ଜାତୀୟ ବିମାନବନ୍ଦର ଅଭିମୁଖେ ମାର୍ଗ ପରିବର୍ତ୍ତନ କରାଯାଇଥିଲା, ଗୋଟିଏ ବିମାନକୁ ନୋଏଡା ଅନ୍ତର୍ଜାତୀୟ ବିମାନବନ୍ଦରକୁ ମାର୍ଗ ପରିବର୍ତ୍ତନ କରାଯାଇଥିଲା। ଗୁରୁବାର ଦିଲ୍ଲୀରେ ବର୍ଷା ହୋଇଥିଲା ଓ ଦିନସାରା ଆକାଶରେ କଳା ମେଘ ଘୋଡ଼ାଇ ରହିଥିଲା। ଭାରତୀୟ ପାଣିପାଗ ବିଭାଗ ମଧ୍ୟମ ଧରଣର ବର୍ଷା, ଝଡ଼ବର୍ଷା, ବିଜୁଳି ଓ ପ୍ରବଳ ପବନ ପାଇଁ ରେଡ୍ ଆଲର୍ଟ ଜାରି କରିଛି।

ଦିଲ୍ଲୀର ଅନେକ ପ୍ରତିଷ୍ଠିତ ସ୍କୁଲକୁ ବୋମା ଧମକ

ନୂଆଦିଲ୍ଲୀ, ୧୫।୧୦: ରାଜଧାନୀ ଦିଲ୍ଲୀର ଏକାଧିକ ସ୍କୁଲକୁ ଗୁରୁବାର ଦିନ ଇମେଲ୍ ଜରିଆରେ ବୋମା ଫୁଟାଇ ଉଡ଼ାଇ ଦେବାକୁ ଧମକ ମିଳିଛି। ଧମକପୂର୍ଣ୍ଣ ଇମେଲ୍ ଆସିବା ପରେ ପୁଲିସ ଏବଂ ସୁରକ୍ଷା ବାହିନୀର ଟିମ୍ ତୁରନ୍ତ ସମ୍ପୃକ୍ତ ସ୍କୁଲଗୁଡ଼ିକର ପରିସରକୁ ଯାଇ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସ୍କୁଲ ପରିସରରେ କୌଣସି ସନ୍ଦିଗ୍ଧ ବସ୍ତୁ ରହିଛି କି ନାହିଁ ତାହା ନିଶ୍ଚିତ କରିବା ପାଇଁ ସୁରକ୍ଷା କର୍ମଚାରୀମାନେ ବ୍ୟାପକ ସର୍ଚ୍ଚ ଅପରେସନ୍ ଚଳାଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ସ୍କୁଲଗୁଡ଼ିକରୁ କୌଣସି ପ୍ରକାରର ସନ୍ଦିଗ୍ଧ ବସ୍ତୁ କିମ୍ବା ବିସ୍ଫୋରକ ମିଳିନଥିବା ନେଇ ପୁଲିସ ଅଧିକାରୀମାନେ ସୂଚନା ଦେଇଛନ୍ତି। ଘଟଣାର ଗାମ୍ଭୀର୍ଯ୍ୟକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ସହ ଇମେଲର ଉତ୍ସ ସମ୍ପର୍କରେ ତଦନ୍ତ ଜାରି ରହିଛି।

ମେରଠ୍ ନୀଳଡ୍ରମ୍ ହତ୍ୟା ରାୟ ପରେ

ମହାଭାରତ ଶୁଣାଇଲେ ଓ କଲମ ଫିଙ୍ଗିଲେ ବିଚାରପତି

ନୂଆଦିଲ୍ଲୀ, ୧୫।୧୦: ଗୋଟିଏ କଲମରେ ଲେଖା ଗଲା ଦୁଇ ଜଣଙ୍କ ମୃତ୍ୟୁଦଣ୍ଡର ରାୟ। ଆଉ ରାୟ ଶୁଣାଇବା ପରେ ସେହି କଲମକୁ ଡଷ୍ଟବିନ୍‌ରେ ଫିଙ୍ଗିଦେଲେ ବିଚାରପତି। କୋର୍ଟ ଭିତରେ ବିଚାରପତିଙ୍କ ଏମିତି ଅଜବ ଅନ୍ଦାଜ ଏବେ ଚର୍ଚ୍ଚାରେ। ଉତ୍ତରପ୍ରଦେଶ ମେରଠର ବହୁଚର୍ଚ୍ଚିତ ସୌରଭ ରାଜପୁତ ହତ୍ୟା ମାମଲାରେ ମୁସ୍କାନ ଓ ତାଙ୍କ ପ୍ରେମିକ ସାହିଲଙ୍କୁ ଫାଶୀ ଦଣ୍ଡ ଶୁଣାଇଛନ୍ତି ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ର। ରାୟ ଶୁଣାଇବା ପୂର୍ବରୁ ମହାଭାରତର ଉଦାହରଣ ଦେଇଥିଲେ ବିଚାରପତି। ଅପରାଧ ଅନୁସାରେ ଦଣ୍ଡ ଦେବା ନ୍ୟାୟିକ ଧର୍ମ ବୋଲି ସେ କହିଥିଲେ।

ଏଥିସହ ବାଘ ଓ ଜଙ୍ଗଲର ଉଦାହରଣ ଦେଇ ଆଇନ ଓ ସମାଜ ମଧ୍ୟରେ ସୁରକ୍ଷାର ସନ୍ତୁଳନ କେତେ ଜରୁରୀ ତାହା ବୁଝାଇଥିଲେ। ହେଲେ ରାୟ ଶୁଣାଇବା ପରେ ବିଚାରପତିଙ୍କ ଆଉ ଏକ ପଦକ୍ଷେପ ସମସ୍ତଙ୍କ ଧ୍ୟାନ ଆକର୍ଷଣ କରିଛି। ଯେଉଁ କଲମରେ ମୃତ୍ୟୁଦଣ୍ଡର ରାୟ ଲେଖାଗଲା, ସେହି କଲମକୁ ସେ ଡଷ୍ଟବିନ୍‌ରେ ପକାଇ ଦେଇଥିଲେ। ପ୍ରାୟ ୨୩ ବର୍ଷ ପରେ ମେରଠର ଅଦାଲତରେ ମୃତ୍ୟୁଦଣ୍ଡ ଶୁଣାଯାଇଛି। ଏହା ପୂର୍ବରୁ ୨୦୦୩ରେ ଜଣେ ଡାକ୍ତରଙ୍କୁ ମୃତ୍ୟୁଦଣ୍ଡ ମିଳିଥିଲା। ଅନ୍ୟପଟେ, ଅରବିନ୍ଦ କୁମାର ମିଶ୍ର ମାତ୍ର ପାଞ୍ଚ ମାସ ପୂର୍ବରୁ ମେରଠ ଜିଲ୍ଲା ଅଦାଲତର ଦାୟିତ୍ୱ ନେଇଥିଲେ। ସେ ଜଣେ ମେଳାପୀ ଓ ହସଖୁସି ସ୍ୱଭାବର ବିଚାରପତି ଭାବେ ପରିଚିତ।

ଇରାନ ଉପରେ ପଡ଼ିବ 'ମଦର ଅଫ୍ ଅଲ୍ ବମ୍'!

ଆମେରିକାର ସମ୍ଭାବ୍ୟ ଯୋଜନାକୁ ନେଇ ବଢ଼ିଲା ଚିନ୍ତା

ୱାଶିଂଟନ, ୧୫।୧୦: ମଧ୍ୟପ୍ରାଚ୍ୟରେ ବଢୁଥିବା ଉତ୍ତେଜନା ଉପରେ ବିଶ୍ୱର ନଜର ରହିଛି। କିନ୍ତୁ ଏବେ ଆମେରିକାର ଏକ ସମ୍ଭାବ୍ୟ ସାମରିକ ଯୋଜନା ଚିନ୍ତାକୁ ଆହୁରି ବଢ଼ାଇ ଦେଇଛି। ରିପୋର୍ଟ ଅନୁଯାୟୀ ଆମେରିକାର ସାମରିକ ବାହିନୀ ଭବିଷ୍ୟତରେ ଇରାନ ଉପରେ ଆକ୍ରମଣ ପାଇଁ 'ମଦର ଅଫ୍ ଅଲ୍ ବମ୍' ଭାବରେ ପରିଚିତ ଏକ ବୋମା ବ୍ୟବହାର କରିବାକୁ ବିଚାର କରୁଛି। ଏହା ଆମେରିକାର ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଯଦି ଏହା ବ୍ୟବହାର କରାଯାଏ, ତେବେ ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ପୁଣି ଥରେ ଏକ ବିପଦପୂର୍ଣ୍ଣ ମୋଡ଼ ନେଇପାରେ।ଇରାନ ଏବଂ ଆମେରିକା ମଧ୍ୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ରହିଛି।

ସମ୍ପ୍ରତି ଇରାନୀ ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ(ଆଇଆରଜିସି) ନୌସେନାର କମାଣ୍ଡର ରିଅର ଆଡମିରାଲ ଅଲି ଆଜମାଇ ଆମେରିକାକୁ ଏକ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଆମେରିକୀୟ ଜାହାଜ ଦ୍ୱାରା ଯେକୌଣସି କାର୍ଯ୍ୟର କଡ଼ା ଜବାବ ଦିଆଯିବ। ଏହି ଚେତାବନୀ ମଧ୍ୟରେ ଆମେରିକା ପକ୍ଷରୁ ସବୁଠାରୁ ଶକ୍ତିଶାଳୀ ଅଣ-ପରମାଣୁ ବୋମା ବ୍ୟବହାର ବିଷୟରେ ଆଲୋଚନା ପରିସ୍ଥିତିକୁ ଆହୁରି ସଙ୍କଟଜନକ କରିଛି। ତେବେ ଏହି ବୋମା ବ୍ୟବହାର ବିଷୟରେ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇନାହିଁ।

ରିପୋର୍ଟ ଅନୁଯାୟୀ, ଆମେରିକୀୟ ସେନା ଏପରି ସମ୍ଭାବ୍ୟ ସାମରିକ ଯୋଜନା ଉପରେ ବିଚାର କରୁଛି। ଯଦି ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଥରେ ସାମରିକ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦିଅନ୍ତି, ତେବେ ଏହି ଯୋଜନା କାର୍ଯ୍ୟକାରୀ ହୋଇପାରେ। ଏହି ଖବର ସୂଚାଇ ଦେଉଛି ଯେ, ଆମେରିକୀୟ ସାମରିକ ବିକଳ୍ପଗୁଡ଼ିକ ମଧ୍ୟରେ ଏକ ବଡ଼ ଆକ୍ରମଣର ସମ୍ଭାବନା ବିଷୟରେ ଆଲୋଚନା କରାଯାଉଛି। ଏହି ବୋମାର ନାମ ହେଉଛି ଜିବିୟୁ-୪୩/ବି ମାସିଭ୍ ଅର୍ଡନାନ୍ସ ଏୟାର ବ୍ଲାଷ୍ଟ (ଏମଓଏବି)। ଏହାକୁ ସାଧାରଣତଃ 'ମଦର ଅଫ୍ ଅଲ୍ ବମ୍' କୁହାଯାଇଥାଏ। ଏହା ଆମେରିକାର ସବୁଠାରୁ ବଡ଼ ଅଣ-ପରମାଣୁ ବୋମା ମଧ୍ୟରୁ ଗୋଟିଏ। ଏହାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହା ଏକ ପରମାଣୁ ବୋମା ନୁହେଁ, ତଥାପି ଏହାର ବିସ୍ଫୋରଣ ଏକ ବିଶାଳ ଅଞ୍ଚଳରେ ବ୍ୟାପକ ଧ୍ୱଂସ ଘଟାଇପାରେ।

ହିନ୍ଦୁ ମନ୍ଦିରରେ ହତ୍ୟା ଷଡ଼ଯନ୍ତ୍ର ପଞ୍ଚ

ଗୁଳି ଚଳାଇବା ବେଳେ ଜାମ୍ ହେଲା ବନ୍ଧୁକ

ୱାଶିଂଟନ, ୧୫।୧୦: ଆମେରିକାର ଇଲିନୋଇସ୍‌ସ୍ଥିତ ଏକ ହିନ୍ଦୁ ମନ୍ଦିରରେ ବହୁ ସଂଖ୍ୟକ ଭାରତୀୟଙ୍କୁ ହତ୍ୟା କରିବାର ଏକ ଅଭିଯୋଗ ସାମ୍ନାକୁ ଆସିଛି। ପୁଲିସ ଅନୁଯାୟୀ ଜଣେ ୧୯ ବର୍ଷୀୟ ଆମେରିକୀୟ ନାଗରିକ ଆଲେକଜାଣ୍ଡ୍ରୋସ୍ ପାପୋରାକିସ୍ ଭାରତୀୟମାନଙ୍କୁ ଟାର୍ଗେଟ କରିବା ଉଦ୍ଦେଶ୍ୟରେ ଅରୋରାର ଏକ ବଡ଼ ହିନ୍ଦୁ ମନ୍ଦିରରେ ପହଞ୍ଚିଥିଲା। ତା ପାଖରେ ଏକ ରାଇଫଲ୍, ପ୍ରାୟ ୩୦୦ ଗୁଳି ଏବଂ ଏକ ବୁଲେଟ୍‌ପ୍ରୁଫ୍ ଜ୍ୟାକେଟ୍ ଥିଲା। ସେ ଗୁଳି ଚଳାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ସେହି ସମୟରେ ରାଇଫଲ୍ ଜାମ୍ ହୋଇ ଯାଇଲା। ପୋଲିସ କହିଛି ଯେ ସେ ରବିବାର ତା' ମାଆଙ୍କ ଘରୁ ବାହାରି ଅରୋରାର ମନ୍ଦିରକୁ ଯିବାକୁ ଯୋଜନା କରିଥିଲା। ତା'ର ଉଦ୍ଦେଶ୍ୟ ବହୁ ସଂଖ୍ୟକ ଭାରତୀୟଙ୍କୁ ହତ୍ୟା କରିବା ଥିଲା। କିନ୍ତୁ ରାଇଫଲ୍ ଜାମ୍ ହୋଇ ଯାଇଥିଲା। ତା'ପରେ ସେ ଏକ ପଦ୍ଧତି ପାଇଁ ଇଣ୍ଟରନେଟରେ ସନ୍ଧାନ କରିଥିଲେ।

ପୁଲିସର ସୂଚନା ଅନୁଯାୟୀ ଅଭିଯୁକ୍ତ ପାଖରେ ଏକ ସଂଶୋଧିତ ଇଜ-ଶୈଳୀର ରାଇଫଲ୍, ପ୍ରାୟ ୩୦୦ ରାଉଣ୍ଡ ଗୁଳି, ଏକ ବଡି ଜ୍ୟାକେଟ୍, ପେଟ୍ରୋଲ୍ କ୍ୟାନ୍ ଏବଂ ସ୍ୱସ୍ତିକ ଚିହ୍ନ ଥିବା ଅନେକ ଜିନିଷ ଥିଲା।

ଆମେରିକୀୟ ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଅଭିଯୁକ୍ତ ଇଲିନୋଇସ୍‌ର ପାଲାଟାଇନ୍‌ର ବାସିନ୍ଦା ଏ

ଏସ୍‌ଆଇ ପେପର ଲିକ୍ ମାମଲାରେ ଆନ୍ଧ୍ରରେ ଇଡି, ୧୨ଟି ସ୍ଥାନରେ ଚଢ଼ାଉ

ଭୁବନେଶ୍ୱର, ୧୫।୧୦ (ସଂଚାର ବ୍ୟୁରୋ): ବହୁଚର୍ଚ୍ଚିତ ଏସ୍‌ଆଇ ପେପର ଲିକ୍ ଘଟଣାରେ ଆଜି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପକ୍ଷରୁ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଓଡ଼ିଶା ଓ ପଶ୍ଚିମବଙ୍ଗର ମୋଟ ୧୨ଟି ସ୍ଥାନରେ ଇଡିର ଭୁବନେଶ୍ୱର ଜୋନାଲ୍ ଅଫିସ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଗତ ୯, ୧୦ ଓ ୧୨ ତାରିଖରେ ହୋଇଥିବା ଏହି ତଲାସୀ ସମୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ଡିଜିଟାଲ୍ ଉପକରଣ ଓ ଆର୍ଥିକ କାରବାର ସମ୍ପର୍କିତ ରେକର୍ଡ ଜବତ କରାଯାଇଛି। ଜବତ ସାମଗ୍ରୀଗୁଡ଼ିକର ଯାଞ୍ଚ

ଜାରି ରହିଥିବା ଇଡି ପକ୍ଷରୁ ଜାରି ପ୍ରେସ୍ ରିଲିଜ୍‌ରେ ଦର୍ଶାଯାଇଛି। ଏହି ଚଢ଼ାଉରେ ଭୁବନେଶ୍ୱରସ୍ଥିତ ସିଲିକନ୍ ଟେକ୍ ଲ୍ୟାବ୍ ପ୍ରାଇଭେଟ୍ ଲିମିଟେଡ୍, ପଞ୍ଚସଫ୍ଟ ଟେକ୍ନୋଲୋଜିସ୍ ପ୍ରାଇଭେଟ୍ ଲିମିଟେଡ୍, ପିଏସ୍‌ଆଇଏଲ୍ ଇଣ୍ଟରନ୍ୟାସନାଲ୍ ଲିମିଟେଡ୍ ଓ ଏହି ସଂସ୍ଥାଗୁଡ଼ିକର ନିର୍ଦ୍ଦେଶକ ଓ ସହଯୋଗୀ ବ୍ୟକ୍ତିଙ୍କ ଠିକଣା ସାମିଲ ରହିଛି। ଅର୍ଥ ହେରଫେର ନିବାରଣ ଆଇନ (ପିଏମ୍‌ଏଲ୍‌ଏ) ଅଧୀନରେ ଏହି ତଲାସୀ କରାଯାଇଛି।

ଗତ ୨୦୨୫ ସେପ୍ଟେମ୍ବର ୩୦ ତାରିଖରେ ଓଡ଼ିଶା-ଆନ୍ଧ୍ରପ୍ରଦେଶ ସୀମାର ଇଚ୍ଛାପୁରମ୍ ନିକଟରେ ୩ଟି ବସ୍‌ରେ ଯାଉଥିବା ୧୧୪ ଜଣ ଏସ୍‌ଆଇ ପରୀକ୍ଷାର୍ଥୀଙ୍କୁ ପୁଲିସ ଅଟକାଇଥିଲା। ଅକ୍ଟୋବର ୫ ଓ ୬ ତାରିଖରେ ହେବାକୁ ଥିବା ପରୀକ୍ଷାର ପ୍ରଶ୍ନପତ୍ର ଆଗୁଆ ଯୋଗାଇଦେବା ପାଇଁ ପ୍ରାର୍ଥୀ ପିଛା ୧୫ରୁ ୩୦ ଲକ୍ଷ ଟଙ୍କା ଦାବି କରାଯାଇଥିବା ଅଭିଯୋଗ ସାମ୍ନାକୁ ଆସିଥିଲା। ଏହାପରେ ଓଡ଼ିଶା ପୁଲିସ ମାମଲା ରୁଜୁ କରିଥିଲା ଓ ପରବର୍ତ୍ତୀ ସମୟରେ ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇ ପକ୍ଷରୁ ଦାଖଲ ହୋଇଥିବା ଚାର୍ଜସିଟ୍ ଅନୁଯାୟୀ, ୨୦୨୫ ମାର୍ଚ୍ଚରେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସମାନ ନିଯୁକ୍ତି ପରୀକ୍ଷାରେ ମଧ୍ୟ ଅନିୟମିତତା ହୋଇଥିଲା। ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ ସେହି ପରୀକ୍ଷାକୁ ବାତିଲ କରିଥିଲା। ଇଡି ତଦନ୍ତରୁ ପରୀକ୍ଷା ପରିଚାଳନା ଦାୟିତ୍ୱ ହସ୍ତାନ୍ତରରେ ଗୁରୁତର ଅନିୟମିତତାର ଅଭିଯୋଗ ସାମ୍ନାକୁ ଆସିଛି।

ହାଓଡ଼ା ସମେତ ୧୪ଟି ଫେରି ଟର୍ମିନାଲରେ କାର୍ଯ୍ୟ ବନ୍ଦ

କୋଲକାତା, ୧୫।୧୦ (ସଂଚାର ବ୍ୟୁରୋ): ହୁଗୁଲି ନଦୀ ଜଳ ପରିବହନ ସମବାୟ ସମିତିର କର୍ମଚାରୀମାନେ ନିଜର କାର୍ଯ୍ୟ ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି, କାରଣ ସେମାନଙ୍କୁ ଦୁଇ ମାସର ବକେୟା ଦରମା ଏବଂ ପୂଜା ବୋନସ୍ ମିଳିନାହିଁ। କର୍ତ୍ତୃପକ୍ଷଙ୍କ ସହ ବାରମ୍ବାର ଆଲୋଚନା ସତ୍ତ୍ୱେ କୌଣସି ସମାଧାନ ବାହାରି ପାରିନାହିଁ ଏବଂ ହାଓଡ଼ା ଫେରି ଘାଟ ସମେତ ମୋଟ ୧୪ଟି ଫେରି ଘାଟରେ ଏହି ଧର୍ମଘଟ ଜାରି ରହିଛି। ଅନ୍ୟପକ୍ଷରେ, ଫେରି ସେବା ବନ୍ଦ ରହିଥିବାରୁ ହାଓଡ଼ା ଫେରି ଘାଟରେ ନିୟମିତ ଯାତାୟାତ କରୁଥିବା ଯାତ୍ରୀମାନେ ନିରାଶା ଓ ଅସନ୍ତୋଷ ପ୍ରକାଶ କରୁଛନ୍ତି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

କେନ୍ଦ୍ର ସରକାର...

ଏକ ଅଘୋଷିତ ଇମର୍ଜେନ୍ସି ଭିତରକୁ ଠେଲିଦେବା ଘଟଣାରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଦିଲ୍ଲୀ ପୁଲିସ୍ ସମେତ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଦିଲ୍ଲୀ ପୁଲିସ କମିଶନର ଅନୁରାଗ କୁମାର ସୁପ୍ରିମକୋର୍ଟଙ୍କ ନିକଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବା ସହ ଇଚ୍ଛାକୃତ ଭାବେ କୋର୍ଟଙ୍କ ଆଦେଶର ଅବମାନନା କରାଯାଇନାହିଁ ବୋଲି ଦର୍ଶାଇବା ସହ ଖଣ୍ଡପୀଠ ନିକଟରେ ଏକ ସତ୍ୟପାଠ ଦାଖଲ କରିଛନ୍ତି। ସେ କହିଛନ୍ତି ଯେ ଦିଲ୍ଲୀରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଥିଲା ଏକଥା ସତ। ମାତ୍ର ଏହା ସମ୍ପୂର୍ଣ୍ଣ ଦିଲ୍ଲୀରେ ଲାଗୁ ହୋଇ ନ ଥିଲା। ରାଇସିନା ହିଲ୍‌ର ମାତ୍ର ୪ କିମି ବ୍ୟାସାର୍ଦ୍ଧ ମଧ୍ୟରେ ଇଣ୍ଟରନେଟ୍ ସେବାକୁ ବନ୍ଦ କରାଯାଇଥିଲା। ସେହିପରି ୩୦ଟି ମେଟ୍ରୋ ଷ୍ଟେସନର ପ୍ରବେଶ ଓ ପ୍ରସ୍ଥାନ ପଥକୁ ୫୭ରୁ ୪୫କୁ କମାଇ ଦିଆଯାଇଥିଲା। ତେବେ ୧୦ ତାରିଖ ରାତି ଦଶଟା ବେଳକୁ ସେସବୁକୁ ସ୍ୱାଭାବିକ କରିଦିଆଯାଇଥିଲା। ସତ୍ୟପାଠରେ ଦିଲ୍ଲୀ ପୁଲିସ କମିଶନର ଏକଥା ବି କହିଛନ୍ତି ଯେ ସେମାନେ ଯେଉଁମାନଙ୍କୁ ଉଠାଇ ନେଇଥିଲେ ସମସ୍ତଙ୍କୁ ୨ରୁ ୬ ଘଣ୍ଟା ମଧ୍ୟରେ ମୁକ୍ତ କରିଦେଇଥିଲେ। ସମସ୍ତଙ୍କୁ ଗରମାଗରମ ସତେଜ ଖାଦ୍ୟ ଖାଇବାକୁ ଦେଇଥିଲେ। ରାଜନେତାମାନଙ୍କୁ ସ୍ୱତନ୍ତ୍ର ଏସ୍‌ଏଚ୍‌ଓ ଚ୍ୟାମ୍ବରରେ ବସାଇଥିଲେ। ଏହା କହି ସେ ତାଙ୍କ ଉପରେ ଲଗାଯାଇଥିବା ଅଦାଲତ ଅବମାନନା ଅଭିଯୋଗକୁ ପ୍ରତ୍ୟାହାର କରିନେବାକୁ ଅନୁରାଗ କୁମାର ଅନୁରୋଧ କରିଛନ୍ତି। ତେବେ ନିଟ୍-ପେପର ଲିକ୍ ଆନ୍ଦୋଳନ ବେଳେ ହୋଇଥିବା ଘଟଣାକୁ ଲକ୍ଷ୍ୟ ରଖି ସିଜେପିକୁ ଦିଲ୍ଲୀ ପୁଲିସ୍ ଯନ୍ତରମନ୍ତରରେ ଆନ୍ଦୋଳନ କରିବାକୁ ଅନୁମତି ଦେଇ ନ ଥିଲା ବୋଲି ସେ ସଫେଇ ଦେଇଛନ୍ତି। ୧୨ ତାରିଖରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରି ସୁପ୍ରିମକୋର୍ଟ ଯାଏଁ ଏକ ରାଜନୈତିକ ଶୋଭାଯାତ୍ରା ଆରମ୍ଭ କରିଥିଲେ। ବରିଷ୍ଠ ଆଡଭୋକେଟ୍ ରାହୁଲ ଗାନ୍ଧିଙ୍କ ଏହି ଉଦ୍ୟମକୁ 'କୋର୍ଟକୁ ଧମକାଇବାର ଏକ ପ୍ରୟାସ' ବୋଲି ଦାବି କରିଥିଲେ। ରାହୁଲଙ୍କ ଏ ଧରଣର ଆଚରଣକୁ ଅଦାଲତ ନାପସନ୍ଦ କରିବା ସହ ତାଙ୍କୁ ସ୍ପଷ୍ଟୀକରଣ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିପୂର୍ଣ୍ଣ ଆନ୍ଦୋଳନର କଭରେଜ କରୁଥିବା ସାମ୍ବାଦିକମାନଙ୍କର କ୍ୟାମେରା ଦିଲ୍ଲୀ ପୁଲିସ୍ ଛଡ଼ାଇ ନେଇଛି ବୋଲି ବରିଷ୍ଠ ଆଡଭୋକେଟ୍ ସିୟୁ ସିଂ କରିଥିବା ଦାବିକୁ ସରକାରୀ ଓକିଲ (ସଲିସିଟର ଜେନେରାଲ) ଖଣ୍ଡନ କରିଛନ୍ତି। ସଲିସିଟର ଜେନେରାଲ୍ (ଏସଜି) ତୁଷାର ମେହେଟ୍ଟା କହିଛନ୍ତି ଯେ କୌଣସି ସାମ୍ବାଦିକଙ୍କର କିଛି ଜିନିଷ ଜବତ କରାଯାଇନାହିଁ। ନ୍ୟାୟମୂର୍ତ୍ତି ଜୟମାଲ୍ୟ ବାଗ୍‌ଚୀ ଏସଜିଙ୍କର ଏହି ମନ୍ତବ୍ୟକୁ ନୋଟ୍ କରି ରଖିଥିବା ବେଳେ ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ କେନ୍ଦ୍ର ସରକାରଙ୍କୁ ଆଉ ଏକ କାଉଣ୍ଟର୍ ଆଫିଡେଭିଟ୍ ଦାଖଲ କରି ଏ ସମସ୍ତ ଘଟଣାର ସ୍ପଷ୍ଟୀକରଣ ଦେବାକୁ କହିଛନ୍ତି।

ବଢ଼ିଲା ଅକ୍ଟ୍ୟୋଦୟ...

ଶୀଘ୍ର ସର୍ଭେ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଯୋଜନାରେ ପୂର୍ବ ନିର୍ଦ୍ଧାରିତ ପ୍ରୋତ୍ସାହନ ରାଶି ପରିମାଣରେ ମଧ୍ୟ ବୃଦ୍ଧି କରାଯାଇଛି। ପୂର୍ବରୁ ୪ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ମିଳୁଥିବା ବେଳେ ଏବେ ୫ ମାସରେ ଘର ଶେଷ କଲେ ୩୫ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳିବ। ସେହିପରି ୬ ମାସରେ ଘର ଶେଷ କରୁଥିବା ହିତାଧିକାରୀଙ୍କୁ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ମିଳୁଥିବା ବେଳେ ଏବେ ୭ ମାସରେ ଘର ଶେଷ କଲେ ୨୦ ହଜାର ଟଙ୍କା ମିଳିବ। ଏହାଦ୍ୱାରା ଆହୁରି ଅଧିକ ବ୍ୟକ୍ତି ଏହି ଯୋଜନାର ଲାଭ ପାଇପାରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଯୋଜନାରେ ୫ ଲକ୍ଷ ପରିବାରଙ୍କ ପାଇଁ ଘର ନିର୍ମାଣ କରିବାର ଲକ୍ଷ୍ୟ ରହିଥିଲା। ମୁଖ୍ୟତଃ ଯେଉଁମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ପାଇବା ପାଇଁ ଯୋଗ୍ୟ ବିବେଚିତ ହୋଇନଥିବେ ତଥା ଗରିବ ଓ ଅସହାୟ ଥିବେ, ସେହିମାନଙ୍କ ପାଇଁ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି।

ଖୋଲିବ ୧୪ କୋର୍ଟ...

କୋର୍ଟ ପାଇଁ ମୋଟ ୪୮ଟି ପଦବୀ ଓ ୧୧ଟି ସିଭିଲ୍ ଜଜସ୍ତରୀୟ ସ୍ୱତନ୍ତ୍ର କୋର୍ଟ ପାଇଁ ୮୮ଟି ପଦବୀ ମଞ୍ଜୁର ହୋଇଛି। ଏହି ମୋଟ ୧୩୬ଟି ନୂଆ ପଦବୀ ମଧ୍ୟରେ ୨୦ଟି ହାଉସ ଅର୍ଡରଲି ପଦବୀକୁ ନିୟମିତ ବେତନ ହାର ବଦଳରେ ମାସିକ ୧୫ ହଜାର ଟଙ୍କା ଲେଖାଏଁ ଏକକାଳୀନ ପାରିଶ୍ରମିକ ମିଳିବ। ସେହିପରି ୮ ଜଣ ସଫେଇ କର୍ମଚାରୀ ଓ ରାତ୍ରି ଜଗୁଆଳୀଙ୍କୁ ବାହ୍ୟ ଏଜେନ୍ସି ମାଧ୍ୟମରେ ନିୟୋଜିତ କରାଯିବ। ୩ଟି ଜିଲ୍ଲାସ୍ତରୀୟ ସ୍ୱତନ୍ତ୍ର କୋର୍ଟରେ ୩ ଜଣ ଅତିରିକ୍ତ ଜିଲ୍ଲା ଦୌରାଜଜ୍, ୩ ଜଣ ପ୍ରଥମ ଶ୍ରେଣୀ କିରାଣି, ୩ ଜଣ ଷ୍ଟେନୋ, ୩ ଜଣ ବରିଷ୍ଠ କିରାଣି, ୩ ଜଣ ବରିଷ୍ଠ ଟାଇପିଷ୍ଟ, ୯ ଜଣ କମ୍ପ୍ୟୁଟର ଜାଣିଥିବା କନିଷ୍ଠ କିରାଣି, ୩ ଜଣ କନିଷ୍ଠ ଟାଇପିଷ୍ଟ, ୬ ଜଣ ପ୍ରୋସେସ୍ ସର୍ଭର, ୬ ଜଣ ପିଅନ ମଧ୍ୟ ସାମିଲ ଅଛନ୍ତି। ସର୍ତ୍ତ ମୁତାବକ, ୩ଟି ବରିଷ୍ଠ ଟାଇପିଷ୍ଟ ପଦବୀ ବିଲୁପ୍ତପ୍ରାୟ କ୍ୟାଡର ହୋଇଥିବାରୁ ଏହା କେବଳ ଏକକାଳୀନ ବ୍ୟତିକ୍ରମ ଭାବେ ସୃଷ୍ଟି କରାଯାଇଛି ଓ ଅବସର ପରେ ତାହା ସ୍ୱତଃ ଉଚ୍ଛେଦ ହୋଇଯିବ। ସମସ୍ତ ପଦବୀ ନିଯୁକ୍ତି ତଥା ସଂରକ୍ଷଣ ନିୟମ ଅନୁଯାୟୀ ପୂରଣ କରାଯିବ ଓ ଭବିଷ୍ୟତରେ ନେତାମାନଙ୍କ ମାମଲା ସଂଖ୍ୟା କମିଲେ ଏହି କୋର୍ଟ ଓ କର୍ମଚାରୀମାନଙ୍କୁ ସାଧାରଣ ନ୍ୟାୟିକ କାର୍ଯ୍ୟରେ ପୁନଃନିୟୋଜିତ କରାଯିବ। ମିଳିଥିବା ତଥ୍ୟ ଅନୁସାରେ, ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ରାଜ୍ୟର ବିଭିନ୍ନ ବିଚାର ବିଭାଗୀୟ କୋର୍ଟରେ ସାଂସଦ ଓ ବିଧାୟକମାନଙ୍କ ବିରୋଧରେ ୪୧୯ଟି ମାମଲା ବିଚାରାଧୀନ ରହିଛି। ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୭୧ଟି ମାମଲା ପଡ଼ିରହିଛି। ଏହା ପଛକୁ କୋରାପୁଟରେ ୬୧ଟି, ସୁନ୍ଦରଗଡ଼ରେ ୫୧ଟି, ସମ୍ବଲପୁରରେ ୪୯ଟି, କଟକରେ ୩୯ଟି ଓ ଗଞ୍ଜାମରେ ୩୯ଟି ମାମଲା ବିଚାର ଅପେକ୍ଷାରେ ରହିଛି।

ରାଜପଥରେ ବେଆଇନ...

ସୁପ୍ରିମକୋର୍ଟ ସୁଓ ମୋଟୋ ମାମଲାରେ ଗତ ଏପ୍ରିଲ ୧୩ ରିପୋର୍ଟେବଲ୍ ଆଦେଶରେ ସ୍ପଷ୍ଟ ଭାବେ ରାୟ ଦେଇଛନ୍ତି ଯେ ସମ୍ବିଧାନର ଧାରା ୨୧ ଅନ୍ତର୍ଗତ ଜୀବନର ଅଧିକାର ଏକ ଅଭିଚ୍ଛେଦ୍ୟ ଅଙ୍ଗ ହେଉଛି ରାଜପଥରେ ନିରାପଦ ଯାତାୟାତ। ସମ୍ବିଧାନର ଧାରା ୧୪୨ ଅଧୀନରେ ଥିବା କ୍ଷମତାର ବ୍ୟବହାର କରି ସର୍ବୋଚ୍ଚ ଅଦାଲତ ବାଧ୍ୟତାମୂଳକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଜାରି କରିଛନ୍ତି ଯେ ନିର୍ଦ୍ଦିଷ୍ଟ ପାର୍କିଂ ରହଣୀ ବ୍ୟତୀତ କୌଣସି ଜାତୀୟ ରାଜପଥ ବା ଗାଡ଼ି ଚଳାଚଳ ପାଇଁ ଉଦ୍ଦିଷ୍ଟ ସ୍ଥାନରେ ବଡ଼ ଓ ବାଣିଜ୍ୟିକ ଯାନ ପାର୍କିଂ କରିପାରିବେ ନାହିଁ। ଏଥିସହ ୨୪ ଘଣ୍ଟିଆ ପାଟ୍ରୋଲିଂ ଟିମ୍, ଅଟୋମେଟେଡ୍ ଇ-ଚାଲାଣ ବ୍ୟବସ୍ଥା ଓ ଜିଲ୍ଲା ସଡ଼କ ସୁରକ୍ଷା ଟାସ୍କଫୋର୍ସ ଜରିଆରେ ସେହି ବେଆଇନ ପାର୍କିଂକୁ ହଟାଇବା ନେଇ ଜିଲ୍ଲାପାଳ ଓ ଏସପି ଉତ୍ତରଦାୟୀ ରହିବେ ବୋଲି ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ରହିଛି। ଦ୍ୱିତୀୟତଃ ରାଜ୍ୟର ନିଜସ୍ୱ ଓଡ଼ିଶା ରାଜ୍ୟ ରାଜପଥ କର୍ତ୍ତୃପକ୍ଷ ଆଇନ, ୨୦୨୫ ନିୟମ ଭଙ୍ଗ କରୁଥିବା ଡ୍ରାଇଭର, ପରିବହନ ଅପରେଟର ଓ ଶିଳ୍ପ କଳ୍ପାନୀ ବିରୋଧରେ କଠୋର ପ୍ରଶାସନିକ, ଆର୍ଥିକ ଓ ଅପରାଧିକ ଦଣ୍ଡର ବ୍ୟବସ୍ଥା ରହିଛି। ସେକ୍ସନ ୨୮ ଅନୁଯାୟୀ ରାସ୍ତାରେ ବିପଜ୍ଜନକ ଭାବେ ଗାଡ଼ି ନେଉଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ହଜାରେ ଟଙ୍କାରୁ ୫ ହଜାର ଟଙ୍କା ପର୍ଯ୍ୟନ୍ତ ବାଧ୍ୟତାମୂଳକ ଜରିମାନା ଲଗାଇବା ଓ ଯଦି ଗୋଟିଏ ମାସ ପରେ ଜରିମାନା ଆଦାୟ ନ ହୁଏ, ତେବେ ଜବତ ଯାନଗୁଡ଼ିକୁ ନିଲାମ କରିବାର ଅଧିକାର ରହିଛି।

ହମ୍ ସବ୍ କେ...

ଏଡିକି କହିଥିଲି ଯେ ସମସ୍ତଙ୍କ ସହ ସମନ୍ୱୟ ରଖି କାମ କରିବି। ମୁଁ ଏବେ ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱରେ, ତେବେ ମୁଁ ଯେଉଁ ଦଳରେ ଥିଲି ତାହା ମୋ ପୁଞ୍ଜି। ସେହି ଦଳ ପ୍ରତି ମୋର ଆନୁଗତ୍ୟତା ରହିବ। ହେଲେ ମୁଁ କୌଣସି ନିର୍ଦ୍ଦିଷ୍ଟ ଦଳ ପାଇଁ କାମ କରିବି ନାହିଁ। 'ହମ୍ ସବ୍ କେ ହୈଁ ସବ୍ ହମାରେ ହୈଁ' ବୋଲି ସେ କହିଛନ୍ତି। ତେବେ ତାଙ୍କର ଏହି ପରିବର୍ତ୍ତିତ ବୟାନ ପରେ ବିବାଦ ଥମିନାହିଁ। ବରଂ ଦଳୀୟଭିତ୍ତିର ରାଜ୍ୟପାଳଙ୍କ ବୟାନ ସେ କାର୍ଯ୍ୟରେ ଯୋଗ ଦେବା ପୂର୍ବରୁ ତାଙ୍କୁ ବିବାଦୀୟ କରିଛି। ଏହି ପ୍ରସଙ୍ଗରେ କଂଗ୍ରେସ କହିଛି ଯେ ନୂଆ ରାଜ୍ୟପାଳଙ୍କ ବୟାନରୁ ବିଜେପିର ଅସଲି ଚେହେରା ପଦାକୁ ଆସିଛି। ଏପରି ରାଜ୍ୟପାଳଙ୍କୁ ଫେରାଇ ନିଆଯିବା ଦରକାର। ସେହିପରି ପ୍ରସଙ୍ଗରେ ବିଜେଡି ଏକ ଭିଡିଓ ଶେୟାର କରିଛି ଯେଉଁଥିରେ ରାମଙ୍କୁ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ଭାବୀ କାର୍ଯ୍ୟ ଯୋଜନା ସମ୍ପର୍କରେ କହୁଥିବା ଶୁଣାଯାଇଛି। ତେବେ ବିଜେଡି ପକ୍ଷରୁ ଜାରି ବୟାନରେ କୁହାଯାଇଛି ଯେ 'ରାଜ୍ୟପାଳ ଦଳୀୟ ଭାବନାରୁ ଉର୍ଦ୍ଧ୍ୱରେ'। ଏଣୁ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ଯେ ନୂଆ ରାଜ୍ୟପାଳ ସାମ୍ବିଧାନିକ ଗାରିମା ବଜାୟ ରଖିବେ ବୋଲି ଆମେ ଆଶା କରୁଛୁ। ନବୀନ ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି 'ଓଡ଼ିଶାର ଜନତା ସମ୍ମାନୀୟ ରାଜ୍ୟପାଳଙ୍କ ଦଳୀୟ କାର୍ଯ୍ୟ ପ୍ରତି ଉତ୍ସାହକୁ ଦେଖୁଛନ୍ତି। ଆଶା କରୁଛି ପ୍ରଭୁ ଶ୍ରୀ ଜଗନ୍ନାଥ ତାଙ୍କୁ ଓଡ଼ିଶାର ଜନତାଙ୍କ ସେବା ଲାଗି ଉତ୍ସାହ ଓ ଶକ୍ତି ପ୍ରଦାନ କରିବେ, ଯାହାଦ୍ୱାରା ସେ ସାମ୍ବିଧାନିକ ଗାରିମାକୁ ବଜାୟ ରଖି ନିରପେକ୍ଷ ଭାବେ ନିଜ କର୍ତ୍ତବ୍ୟ ନିର୍ବାହ କରିବେ'। ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ତାଙ୍କର ଏହି ପୋଷ୍ଟକୁ ରାଷ୍ଟ୍ରପତି ଭବନ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଟ୍ୟାଗ୍ କରିଛନ୍ତି।

ଏବିଭିପି ଦଖଲରେ...

କଲେଜରେ ସଭାପତି ପଦ ଜିତିଛନ୍ତି ସ୍ୱାଧୀନ ପ୍ରାର୍ଥୀ ଦୀପକ ମୁଣ୍ଡା। ସେହିପରି ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟରେ ବାଜି ମାରିଛନ୍ତି ସ୍ୱାଧୀନ ପ୍ରାର୍ଥୀ ସନ୍ତୋଷ ପୁଞ୍ଜି। ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଧ୍ୟ ସ୍ୱାଧୀନ ପ୍ରାର୍ଥୀ ସୌମେନ୍ଦ୍ର ଭୋଳ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ରାଜ୍ୟର କ୍ୟାମ୍ପସ ରାଜନୀତିର ପେଣ୍ଠସ୍ଥଳୀ କୁହାଯାଉଥିବା ବାଣୀବିହାରକୁ କିଏ ଦଖଲ କରିବ, ସେନେଇ ଦ୍ୱନ୍ଦ୍ୱ ଲାଗି ରହିଛି। ଖବର ଲେଖାଯିବା ପର୍ଯ୍ୟନ୍ତ ଫଳାଫଳ ଘୋଷଣା ହୋଇ ନ ଥିଲା। ସେହିଭଳି ରମାଦେବୀ ବିଶ୍ୱବିଦ୍ୟାଳୟରେ ବି ଦୁଇ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଟକ୍କାଟକ୍କରି ଚାଲିଥିଲା। ଯଦିଓ ବିସିଜେଡି ରମାଦେବୀ ହାତେଇଥିବା ଦାବି କରୁଛନ୍ତି, କିନ୍ତୁ ଖବର ଲେଖାଯିବା ଯାଏଁ ଫଳାଫଳ ଘୋଷଣା ହୋଇ ନ ଥିଲା। ରମାଦେବୀ ସାମ୍ନାରେ ଦୁଇ ଛାତ୍ର ସଂଗଠନର ସମର୍ଥକମାନେ ଏକାଧିକ ଥର ମୁହାଁମୁହିଁ ସ୍ଥିତିକୁ ଆସିଛନ୍ତି ଓ ଉଭୟ ବାଜିମାତ କରିଥିବା ଦାବି କରି ବାଣ ଫୁଟାଉଥିଲେ। ରମାଦେବୀ ଭୋଟିଂ ବେଳେ ବିସିଜେଡିର ସଭାନେତ୍ରୀ ଈପ୍ସିତା ସାହୁଙ୍କୁ ଉଠାଇ ନେଇଥିଲା ପୁଲିସ। ସେ ଏବିଭିପିର ସଭାପତି ପ୍ରାର୍ଥୀ ଓ ଅନ୍ୟ କିଛି ଛାତ୍ରୀଙ୍କୁ ଅସଦାଚରଣ ସହ ଧସ୍ତାଧସ୍ତି କରିଥିବା ନେଇ ସହିଦ ନଗର ଥାନାରେ ଅଭିଯୋଗ ହୋଇଥିଲା। ଭୁବନେଶ୍ୱରର ଦୁଇ ପ୍ରମୁଖ କଲେଜ ରାଜଧାନୀ ମହାବିଦ୍ୟାଳୟ ଓ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟରେ ଏବିଭିପି ପ୍ରାର୍ଥୀଙ୍କ ବିଜୟ ହୋଇଛି। ବିଜେବି କଲେଜରେ ଆର୍ଯ୍ୟନ ମହାପାତ୍ର ସଭାପତି ପଦ ହାତେଇଥିବା ବେଳେ ରାଜଧାନୀ କଲେଜରେ ସଭାପତି ପଦରେ ବିଜୟୀ ହୋଇଛନ୍ତି ଅବିନାଶ ପାଢ଼ୀ। କଟକ ରେଭେନ୍ସା ବିଶ୍ୱବିଦ୍ୟାଳୟରେ ବିସିଜେଡି ପ୍ରାର୍ଥୀ ବିଶ୍ୱଜିତ ସାହୁ ଜିତିଛନ୍ତି ସଭାପତି ପଦ। ସମ୍ବଲପୁର ଗଙ୍ଗାଧର ମେହେର (ଜିଏମ) ବିଶ୍ୱବିଦ୍ୟାଳୟରେ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ ଏବିଭିପିର ବିଜୟ ହୋଇଛି।

ଏଥର ୧୩ ହଜାର ନୂତନ ପୂଜା: ଶୁଭେନ୍ଦୁ ଅଧିକାରୀ

କୋଲକାତା, ୧୫।୧୦(ସଂଚାର ବ୍ୟୁରୋ): ପଞ୍ଚମୀ ତିଥିରେ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମୁର୍ଶିଦାବାଦରେ ଏକ ଦୁର୍ଗା ପୂଜାର ଉଦ୍‌ଘାଟନ କରିଛନ୍ତି। ବିଶେଷ ଭାବରେ ଲାଲବାଗ୍ ସ୍ଥିତ 'ବୁଢ଼ାସପଡ଼ା ସାର୍ବଜନୀନ ପୂଜା'। ଏହି ପୂଜା ମଣ୍ଡପଟି ଉତ୍ତର ପ୍ରଦେଶର 'କୀର୍ତ୍ତି ମନ୍ଦିର' ଢାଞ୍ଚାରେ ନିର୍ମିତ ହୋଇଛି। ଉଦ୍‌ଘାଟନ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଜିଲ୍ଲାରେ ଅନେକ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଯୋଜନା ରହିଛି। ସୀମାବର୍ତ୍ତୀ ଜିଲ୍ଲା ମୁର୍ଶିଦାବାଦରେ ଚାଲିଥିବା ଚୋରା ଚାଲାଣ ସମ୍ପର୍କ

୬୦ କୋଟିର ଶିଳାନ୍ୟାସ କଲେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଢେଙ୍କାନାଳ,୧୫।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ଗଁଦିଆ ବ୍ଲକ ପୂର୍ବାଞ୍ଚଳରେ ବିଭିନ୍ନ ଅଞ୍ଚଳରେ ରାସ୍ତା ଓ ସେତୁ ନିର୍ମାଣ ପାଇଁ ୩୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ସେଥିମଧ୍ୟରୁ ଗୁରୁବାରଦିନ ୭ଟି ପ୍ରକଳ୍ପର ଉଦଘାଟନ ହୋଇଛି। ଏହି ପ୍ରକଳ୍ପଗୁଡ଼ିକର ମୋଟ ଅନୁମୋଦିତ ମୂଲ୍ୟ ପ୍ରାୟ ୫୭.୯୮ କୋଟି ଟଙ୍କା ଥିବାବେଳେ କାର୍ଯ୍ୟାଦେଶ ମୂଲ୍ୟ ପ୍ରାୟ ୪୪.୯୪ କୋଟି ଟଙ୍କା ରହିଛି। ତାଲିକା ଅନୁଯାୟୀ ଖଙ୍କିରା ପଞ୍ଚାୟତର ଖଙ୍କିରା ଛୋଟଡେଙ୍ଗୁଳି ଠାରୁ ଫୁଲଝରୀ ରାସ୍ତାର ୩.୨୫ କିଲୋମିଟର କାର୍ଯ୍ୟ ପାଇଁ ୩ କୋଟି ୨୧ ଲକ୍ଷ ୫୫ ହଜାର ଟଙ୍କାର କାର୍ଯ୍ୟାଦେଶ ରହିଛି। ସେହିପରି ବେଗା ପଞ୍ଚାୟତର ପିଙ୍ଗୁଆ ଲାଉଲଇ ପିଡବ୍ଲ୍ୟୁଡି ରାସ୍ତାରୁ ଝୁଂପାନ ଭାୟା ନେହେଙ୍ଗେରା ପ୍ରକଳ୍ପ ରାସ୍ତା ୭ କିଲୋମିଟର ପାଇଁ ୬ କୋଟି ୯୧ ଲକ୍ଷ ୪୨ ହଜାର ଟଙ୍କା ବ୍ୟୟ ବରାଦ ରହିଛି। ସେହିପରି ପିଙ୍ଗୁଆ-ଲାଳୁଲଇ ପୂର୍ତ୍ତ ବିଭାଗ ରାସ୍ତାର ୧୦.୩୯ କିଲୋମିଟର ପାଇଁ ୧୨ କୋଟି ୧ ଲକ୍ଷ ୭ ହଜାର ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି।

ଅନ୍ୟ ପ୍ରକଳ୍ପଗୁଡ଼ିକ ମଧ୍ୟରେ ଗଁଦିଆ ବଣିଆପଡ଼ା ରାସ୍ତାର ୭.୬ କିଲୋମିଟର, ଚନ୍ଦ୍ରଶେଖରପ୍ରସାଦ ରାସ୍ତାରୁ ଜନ୍ଦାପଶି ତାଳନାଶି ରାସ୍ତାର ୩.୪୯୫ କିଲୋମିଟର, ଜୋରନ୍ଦା-ଭେଜିବୋଲୁଆ ରାସ୍ତାର ୪.୬୫ କିଲୋମିଟର ଏବଂ ବାଇଁସିଆ-କଙ୍କା ସେତୁ ନିର୍ମାଣ କାର୍ଯ୍ୟ ସାମିଲ ରହିଛି। ତାଲିକାରେ ବିଭିନ୍ନ ଠିକା ସଂସ୍ଥା ଓ ଠିକାଦାରଙ୍କ ନାମ ସହ କାର୍ଯ୍ୟ ଆରମ୍ଭ ଓ ଶେଷ ତାରିଖ ମଧ୍ୟ ଉଲ୍ଲେଖ କରାଯାଇଛି। ସାତ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ପିଙ୍ଗୁଆ ପଞ୍ଚାୟତ ଟୋଲରପଶି ଠାରେ ନଡ଼ିଆ ଭାଙ୍ଗି ଶୁଭ ଶିଳାନ୍ୟାସ କରିଥିଲେ କୃଷ୍ଣ ଚନ୍ଦ୍ର ପାତ୍ର, ବ୍ଲକ ଅଧକ୍ଷ ରୀନାରାଣୀ ଖଟୁଆ, ନିହଲପ୍ରସାଦ ମଣ୍ଡଳ ସଭାପତି ଆନନ୍ଦ ଚନ୍ଦ୍ର ସାହୁ, ପୂର୍ବତନ ସଭାପତି ପ୍ରଦୀପ କୁମାର ଦାସ, ସଜଳେନ୍ଦ୍ର ଜେନା ମଂଚାସୀନ ଥିଲେ। ସେହିପରି ନେହେଙ୍ଗେରା ଠାରେ ମନ୍ତ୍ରୀଙ୍କ ସହ ବେଗା ସରପଞ୍ଚ ରାହୁଲ ରାୟ ମହାଳିକ ଉପସ୍ଥିତ ଥିଲେ। ୯୦ ଦିନ ମଧ୍ୟରେ ସମସ୍ତ ପର୍ଯ୍ୟନ୍ତ ଶେଷ ହେବ ବୋଲି ଗ୍ରାମ୍ୟ ଉନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରବିନାରାୟଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

କୃଷ୍ଣ ଚନ୍ଦ୍ରରେ କଂଗ୍ରେସ ଓ ସୁବର୍ଣ୍ଣରେଖାରେ ଏଭିବିପିର ବାଜିମାତ

ବାଲିଆପାଳ,୧୫।୧୦ (ସଂଚାର ବ୍ୟୁରୋ): ଛାତ୍ର ସଂସଦ ନିର୍ବାଚନ ରେ ଜଗାଇ କୃଷ୍ଣଚନ୍ଦ୍ର ପିପିଲି ମହାବିଦ୍ୟାଳୟର ଏନ ଏସ ୟୁ ଆଇ ର ପ୍ରାର୍ଥୀ ମାନଙ୍କ ବିଜୟୀ ହୋଇଛି। ଛାତ୍ର ସଭାପତି ଭାବରେ ଅର୍ଚିତା ରାଉତ, ଉପସଭାପତି ଜ୍ୟୋସ୍ନା ରାଣୀ ବାରିକ, ସାଧାରଣ ସଂପାଦକ ପ୍ରଦ୍ୟୁମ୍ନ ରଣସିଂହ ସହସଂପାଦକ ମାନିନୀ ମହାନ୍ତି ରହିଛନ୍ତି ସେହିପରି ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଏଭିବିପି ର ସଭାପତି ପ୍ରାର୍ଥୀ ଧିରେନ୍ଦ୍ର ଦାସ ବିଜୟ, ଏନ ଏସ ୟୁ ଆଇ ର ଉପସଭାପତି ଶୁଭଶ୍ରୀ ସାହୁ ବିଜୟୀ, ଏଭିବିପିର ସାଧାରଣ ସମ୍ପାଦକ ପ୍ରାର୍ଥୀ ଶୁଭସ୍ମିତା ସାହୁ, ସହ ସମ୍ପାଦକ ଏଭିବିପି ର ପ୍ରାର୍ଥୀ ହୃଷୀକେଶ ବାରିକ ବିଜୟୀ ହୋଇଛନ୍ତି ଏହି ବିଜୟ ପରେ ଛାତ୍ର ଛାତ୍ରୀ ମାନେ ଉତ୍ସବ ପାଳନ କରିଛନ୍ତି। ଶୁକ୍ରବାର ଉଭୟ କଲେଜରେ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କଲେଜ କର୍ତୃପକ୍ଷଙ୍କର ସୁଚନା ରହିଛି।

ଆଇଆଇଟି ବିଏଚୟୁ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାରେ ସୋଆ ଛାତ୍ରଛାତ୍ରୀଙ୍କ ବାଜିମାତ୍

ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): ଆଇଆଇଟି (ବିଏଚୟୁ) ବାରଣାସୀ ଦ୍ୱାରା ଆୟୋଜିତ ବାର୍ଷିକ କ୍ରୀଡା ମହୋତ୍ସବ 'ସ୍ପର୍ଦ୍ଧା ୨୦୨୬'ରେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ଛାତ୍ରଛାତ୍ରୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ମହିଳା ବିଭାଗ ଉଭୟ କବାଡି ଓ ବାସ୍କେଟବଲରେ ସୋଆ ଦଳ ଚମ୍ପିଅନ ହୋଇଛନ୍ତି। ମହିଳା କବାଡି, ବାସ୍କେଟବଲ ଦଳ ଚମ୍ପିଅନ, ପୁରୁଷ ଖୋ ଖୋ, କବାଡି ଦଳ ରନର୍ସଅପ୍, ମହିଳା ଖୋ ଖୋ ଦଳ ତୃତୀୟ ହୋଇଥିବା ବେଳେ ଉନ୍ନତ ପ୍ରଦର୍ଶନ ପାଇଁ ସୋଆକୁ 'ବେଷ୍ଟ ଆଉଟ୍‌ଷ୍ଟେସନ' ଦଳ ପୁରସ୍କାର ପ୍ରଦାନ କରାଯାଇଛି। ଛାତ୍ରଛାତ୍ରୀଙ୍କର ଏହି ସଫଳତା ନିମନ୍ତେ ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଆନନ୍ଦ ବ୍ୟକ୍ତ କରିଛନ୍ତି ଓ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ବାରଣାସୀରୁ ଫେରିବା ପରେ ଛାତ୍ରଛାତ୍ରୀମାନେ ଗୁରୁବାର ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟରେ ପ୍ରତିଷ୍ଠାତା ସଭାପତିଙ୍କୁ ଭେଟି ଆଶୀର୍ବାଦ ଗ୍ରହଣ କରିଥିଲେ। ଏହି ଅବସରରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଏବଂ ସ୍ପୋର୍ଟ୍ସ ଅଫିସର ଶ୍ରୀମତି ସୁନୀତା ବର୍ମାଙ୍କ ସମେତ ଅନ୍ୟ କର୍ମକର୍ତାମାନେ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତା ଚଳିତ ଅକ୍ଟୋବର୯ ତାରିଖରୁ ଆରମ୍ଭ ହୋଇ ୧୨ ତାରିଖରେ ଉଦ୍‌ଯାପିତ ହୋଇଥିଲା। 'କ୍ରିକେଟ, ଫୁଟବଲ, ଭଲିବଲ, ବ୍ୟାଡମିଂଟନ, ଖୋ ଖୋ, କବାଡି ଓ ବାସ୍କେଟବଲ ପ୍ରଭୃତି କ୍ରୀଡାରେ ସୋଆ ବିଶ୍ୱବିଦ୍ୟାଳୟରୁ ୧୪୦ ଜଣ ଖେଳାଳି ଓ ୧୦ଜଣ କର୍ମଚାରୀ ଏଥିରେ ଅଂଶ ଗ୍ରହଣ କରିଥିଲେ।

ମହାବିଦ୍ୟାଳୟର ଚତୁଃପାର୍ଶ୍ୱରେ ଧାରା ୧୬୩ ଜାରି

ଖୋରଧା,୧୫।୧୦ (ସଂଚାର ବ୍ୟୁରୋ): କ୍ଷେତ୍ରବାସୀ ଦୟାନନ୍ଦ ଆଙ୍ଗଲୋ ବେଦୀକ ନିରାକାରପୁର ,ମହାବିଦ୍ୟାଳୟ ମଧ୍ୟରେ ଏବଂ ମହାବିଦ୍ୟାଳୟ ଚତୁର୍ପାର୍ଶ୍ୱରେ ୨୦୦ ମିଟର ଅଞ୍ଚଳ ମଧ୍ୟରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୦୩ ଧାରା ୧୬୩ କୁ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ନିମନ୍ତେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ, ଖୋରଧା,ଶ୍ରୀ ସଂକଳ୍ପ ସ୍ୱସ୍ତିକ ସାହୁ ଆସନ୍ତା ତା ୨୧.୧୦.୨୦୨୬ ରିଖ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ୭ ଦିନ ପାଇଁ ଜାରି କରିଛନ୍ତି । ଏହି ସମୟ ମଧ୍ୟରେ ପାଞ୍ଚଜଣ କିମ୍ବା ଅଧିକ ଲୋକ ଏକାଠି ହୋଇ ପାରିବେ ନାହିଁ । କୌଣସି ରାଲି ବା ଶୋଭା ଯାତ୍ରାରେ ଯାଇ ପାରିବେ ନାହିଁ । ଏହି ନିର୍ଦ୍ଦେଶନାମା ନିରାକାର ପୁରା ଥାନା ଅଧିକାରୀ ଏବଂ ତହସିଲଦାର,ଟାଙ୍ଗୀଙ୍କ ରିପୋର୍ଟ ତଥା ବଡ଼ ପୋଖରୀ ଓ ନିରାକାର ପୁର ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି କେତେକ ପ୍ରତିଦ୍ୱନ୍ଦୀ ଓ ବିରୋଧୀ ଲୋକ, ଛାତ୍ରଛାତ୍ରୀ, ପୁରାତନ ଛାତ୍ର ଛାତ୍ରୀ ଙ୍କ ମଧ୍ୟରେ ଗଣ୍ଡଗୋଳ ଉପୁଜିବା ଓ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ନିମନ୍ତେ ଉପଜିଲ୍ଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ, ଖୋରଧା ସଂକଳ୍ପ ସ୍ୱସ୍ତିକ ସାହୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୦୩ ଧାରା ୧୬୩ କୁ ଜାରି କରି ତା ୨୧.୧୦.୨୦୨୬ ରିଖ ରାତ୍ର ୯ ଘଟିକା ପର୍ଯ୍ୟନ୍ତ ୭ ଦିନ ପାଇଁ ନିଷେଧାଜ୍ଞା ବଳବତ୍ତର ରଖିଛନ୍ତି। ଏହା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜଣାଇ ଦିଆଗଲା ।

ରଗଡ଼ି ପଲିଟେକନିକରେ ଶୃଙ୍ଖଳା ଭଙ୍ଗ

ଅଧ୍ୟାପକଙ୍କ ଉପରେ ମଇଳା ପାଣି ଢାଳିଲେ ଅଧ୍ୟାପିକା

କୋରେଇ,୧୫।୧୦(ସଂଚାର ବ୍ୟୁରୋ): ରଗଡ଼ି ସରକାରୀ ପଲିଟେକନିକରେ ଲଜ୍ଜାଜନକ ଘଟଣା। ଜଣେ ସିନିୟର ଅଧ୍ୟାପକଙ୍କ ଉପରେ ମଇଳା ପାଣି ଢାଳିଲେ ଜଣେ ଅଧ୍ୟାପିକା। ସୂତ୍ରନା ଅନୁସାରେ, ଇଲେକ୍ଟ୍ରିକାଲ ବିଭାଗର ଦୁଇ ଅଧ୍ୟାପକଙ୍କ ମଧ୍ୟରେ ଝଗଡ଼ା ହୋଇ କଲେଜ ପରିସରରେ ମାରପିଟ ପର୍ଯ୍ୟନ୍ତ ଗଡ଼ିଥିଲା। ଉଭୟ କୋରେଇ ଥାନାରେ ଅଭିଯୋଗ କରିଛନ୍ତି। ପରେ ସେହି ବିଭାଗର ଜଣେ ଅଧ୍ୟାପକଙ୍କ ପତ୍ନୀ ଯିଏ ଅନ୍ୟ ବିଭାଗରେ ଅଧ୍ୟାପିକା ଭାବେ କାର୍ଯ୍ୟରତ, ଛାତ୍ରମାନଙ୍କୁ ଏକତ୍ରୀତ କରି ହଷ୍ଟେଲ ପାଇଖାନାରୁ ମଇଳା ପାଣି ବାଲଟିରେ ଆଣି ସିନିୟର ଅଧ୍ୟାପକଙ୍କ ଉପରେ ସର୍ବସମ୍ମୁଖରେ ଢାଳି ଦେଇଥିଲେ। ସେହି ସମୟରେ କିଛି ଛାତ୍ରଛାତ୍ରୀ କରତାଳି ମାରି ମଜା ନେଉଥିବା ଦେଖିବାକୁ ମିଳିଥିଲା। କ୍ଲାସ ଚାଲିଥିବା ବେଳେ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ଏଭଳି ଅପ୍ରୀତିକର ପରିସ୍ଥିତି କଲେଜର ଶୃଙ୍ଖଳା ଉପରେ ପ୍ରଶ୍ନ ଉଠାଇଛି।ଅଧ୍ୟକ୍ଷ ଘଟଣାକୁ ନିନ୍ଦା କରି ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ଦିଆଯାଇଛି ବୋଲି କହିଥିବା ନେଇ କଥା ପଦାକୁ ଆସିଛି।

ଚୋରି କରି ଫେରାର ବେଳେ ଦୁର୍ଘଟଣା, ୨ ଗୁରୁତର

ସୁନ୍ଦରଗଡ଼,୧୫।୧୦ (ସଂଚାର ବ୍ୟୁରୋ): ଚୋରି କରି ଖସିଯିବାକୁ ଉଦ୍ୟମ କରୁଥିବା ବେଳେ ଦୁର୍ଘଟଣାରେ ଗୁରୁତର ହେଲେ ଦୁଇ ଚୋର। ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ଅନ୍ତର୍ଗତ ଟାଙ୍ଗର ଗାଁ ନିକଟରେ ଦିନ ଦ୍ୱିପ୍ରହରରେ ସୁରେନ୍ଦ୍ର ସାହୁ ନାମକ ଜଣେ ଗ୍ରୋସରୀ ଦୋକାନୀଙ୍କ ଦୋକାନରୁ ଚକମା ଦେଇ ଚୋରି କରି ଫେରାର ହେଉଥିଲେ ଦୁଇ ଚୋର। ହେଲେ ଟାଙ୍ଗର ଗାଁ ନିକଟରେ ସେମାନଙ୍କ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଉଭୟ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତଳସରା ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଆହତଙ୍କୁ ଉଦ୍ଧାର କରି ସବ ଡେଗା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଛି। ଘଟଣା ସ୍ଥଳରୁ ଓଡ଼ିଆ ଓଡି-୧୫ଏଚ -୯୫୦୪ ନମ୍ବର ବିଶିଷ୍ଟ ଏକ ନାଲି ରଙ୍ଗର ବାଇକ ସହ କିଛି ଟଙ୍କା ଜବତ କରିଛି। ତେବେ ଘଟଣାକୁ ନେଇ ଅଧିକ ତଦନ୍ତ ଜାରି ରହିଛି।

ପୂର୍ତ୍ତ ବିଭାଗ ରାସ୍ତା ସମସ୍ୟା ଅନୁଧ୍ୟାନ କଲେ ବିଧାୟକ

ବାଲିଅନ୍ତା,୧୫।୧୦ (ସଂଚାର ବ୍ୟୁରୋ): ଭୁବନେଶ୍ୱର ପୂର୍ତ୍ତ ବିଭାଗ ଡିଭିଜନ - ୪ ବାଲିଅନ୍ତା ବ୍ଲକ ଅଧୀନ କାକରୁଦ୍ରପୁର ପୁମୂଲ କାର୍ଯ୍ୟାଳୟ ଠାରୁ କାକରୁଦ୍ରପୁର ଗୋପ ବ୍ରାଞ୍ଚ କେନାଲ ବ୍ରିଜ ପର୍ଯ୍ୟନ୍ତ ପ୍ରାୟ ୧ କିମି ରାସ୍ତା ଅବସ୍ଥା ପୂରା ଶୋଚନୀୟ ହୋଇପଡ଼ିଛି। ରାସ୍ତାର ବିଭିନ୍ନ ସ୍ଥାନରେ ସୃଷ୍ଟି ହୋଇଥିବା ବଡ଼ ବଡ଼ ଖାଲଖମାରେ ବର୍ଷା ଜଳ ଜମି ରହିବା ଯୋଗୁଁ ଯାତାୟାତ ନେଇ ଲୋକେ ବଡ଼ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍କୁଲ କଲେଜ ଛାତ୍ରଛାତ୍ରୀ ବାଇକ ଏବଂ ସାଇକେଲ ନେଇ ଯାତାୟାତ ବେଳେ ବଡ଼ ଦହଗଞ୍ଜ ହେଉଛନ୍ତି। ଆମ ବସ ଖାଲ ଢିପରେ ରାସ୍ତାରେ ଯିବା ବେଳେ ନିୟନ୍ତ୍ରଣ ହରାଇବା ଯୋଗୁଁ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି। ଭାରୀଯାନ ଯା ଆସ ବେଳେ ରାସ୍ତା ଅବସ୍ଥା ସଂକୀର୍ଣ୍ଣ ହୋଇପଡ଼ିବା ଯୋଗୁଁ ଅନେକ ସମୟରେ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ନବୀକରଣ ନେଇ ସ୍ଥାନୀୟ ଲୋକେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକଙ୍କୁ ଜଣାଇଥିଲେ। ଆଜି ପୂର୍ବାହ୍ନରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ ଏବଂ ଡିଭିଜନ ଅଧିକ୍ଷଣ ଯନ୍ତ୍ରୀ ଅରୁଣ ଅମିତାଭ ପ୍ରଧାନ, ସହକାରୀ ନିର୍ବାହୀ ଯନ୍ତ୍ରୀ ସରୋଜ କୁମାର ପଣ୍ଡା ଏବଂ ସହକାରୀ ଯନ୍ତ୍ରୀ ଶକ୍ତି ପ୍ରସନ୍ନ ଦାଶ ଓ ପ୍ରଦୀପ୍ତ ଜେନାମଣି ପ୍ରମୁଖ କାକରୁଦ୍ରପୁରରେ ପହଞ୍ଚି ରାସ୍ତା ସମସ୍ୟା ଅନୁଧ୍ୟାନ କଟିଥିଲେ। ରାସ୍ତାକୁ ତୁରନ୍ତ ମରାମତି କରିବା ନେଇ ସ୍ଥାନୀୟ ଲୋକ ବିଧାୟକଙ୍କୁ ନିବେଦନ କରିଥିଲେ। ବିଭାଗୀୟ ଅଧିକାରୀ ଏବଂ କର୍ମଚାରୀ ରାସ୍ତା ମାପଚୁପ କରିଥିଲେ। ବିଧାୟକ ରାସ୍ତା ନେଇ ବ୍ୟୟ ଅଟକଳ କରାଇ ତୁରନ୍ତ ଟେଣ୍ଡର କରାଇବା ଦିଗରେ ପଦକ୍ଷେପ ନେବାକୁ ଅଧିକ୍ଷଣ ଯନ୍ତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସୂଚନା ଅନୁସାରେ ୧ କିମି ବିଶିଷ୍ଟ ଏହି ରାସ୍ତା ନବୀକରଣ ନେଇ ଦୀର୍ଘଦିନ ହେଲା ସ୍ଥାନୀୟ ଜନ ପ୍ରତିନିଧି ଏବଂ ପୂର୍ତ୍ତ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି ହୋଇ ଆସୁଥିଲା। ଅନ୍ୟମାନଙ୍କ ମଧ୍ୟରେ ଅନେକ ଗ୍ରାମବାସୀ ଉପସ୍ଥିତ ଥିଲେ ।

● କେନ୍ଦ୍ରୀୟ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା

ଅଗ୍ନି ନିର୍ବାପନ ତାଲିମ ଓ ନିଷ୍କାସନ ଡ୍ରିଲ୍

ସୁନ୍ଦରଗଡ଼,୧୫।୧୦ (ସଂଚାର ବ୍ୟୁରୋ): ଅକ୍ଟୋବର ୧୪ ତାରିଖ ବୁଧବାର ଦିନ କେନ୍ଦ୍ରୀୟ ବିଦ୍ୟାଳୟ, ଝାରସୁଗୁଡାରେ ଏକ ଅଗ୍ନି ନିରାପତ୍ତା ସଚେତନତା ଏବଂ ପ୍ରାଥମିକ ଚିକିତ୍ସା ଅଗ୍ନି ନିର୍ବାପନ ତାଲିମ କାର୍ଯ୍ୟକ୍ରମ

ଏବଂ ନିଷ୍କାସନ ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ଡେପୁଟି କମାଣ୍ଡାଣ୍ଟ ଏଲ୍ ମହାନ୍ତିଙ୍କ ନେତୃତ୍ୱରେ ଏବଂ ସହକାରୀ କମାଣ୍ଡାଣ୍ଟ/ଅଗ୍ନିଶମ ଧର୍ମେନ୍ଦ୍ର ସିଂହଙ୍କ ମାର୍ଗଦର୍ଶନରେ ଇନ୍ସପେକ୍ଟର (ଅଗ୍ନିଶମ) ନୀରଜ କୁମାରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଛାତ୍ର ଏବଂ ଶିକ୍ଷକଙ୍କ ସମେତ ମୋଟ ୩୮୨ ଜଣ ଅଂଶଗ୍ରହଣକାରୀ ଯୋଗ ଦେଇଥିଲେ। ତାଲିମ ସମୟରେ ପ୍ରାଥମିକ ଚିକିତ୍ସା ଅଗ୍ନି ନିର୍ବାପନ, ଅଂଶଗ୍ରହଣକାରୀମାନଙ୍କୁ ପ୍ରାଥମିକ ଚିକିତ୍ସା, ଅଗ୍ନି ନିର୍ବାପନର ମୌଳିକ ନୀତି, ବିଭିନ୍ନ ପ୍ରକାରର ଅଗ୍ନି ନିର୍ବାପନ, ଉପଯୁକ୍ତ ଅଗ୍ନି ନିର୍ବାପନ ଯନ୍ତ୍ର ଚୟନ ଏବଂ ଆଗାମୀ ଦୀପାବଳିରେ ସେମାନଙ୍କର ନିରାପଦ ଏବଂ ପ୍ରଭାବଶାଳୀ ବ୍ୟବହାର ବିଷୟରେ ଅବଗତ କରାଯାଇଥିଲା। ବ୍ୟବହାରିକ ତାଲିମ ଏବଂ ଅଂଶଗ୍ରହଣକାରୀ ମାନଙ୍କୁ ପୋର୍ଟେବଲ୍ ଅଗ୍ନି ନିର୍ବାପକ ଯନ୍ତ୍ରର ସଠିକ୍ ଏବଂ ସୁରକ୍ଷିତ କାର୍ଯ୍ୟ ସହିତ ପରିଚିତ କରାଇବା ପାଇଁ ପ୍ରଦର୍ଶନ କରାଯାଇଥିଲା। ଅଗ୍ନି, ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ପରିସ୍ଥିତିରେ ବାସିନ୍ଦାଙ୍କୁ ସୁରକ୍ଷିତ, ସୁବ୍ୟବସ୍ଥିତ ଏବଂ ସମୟାନୁସାରେ ସ୍ଥାନାନ୍ତର ପାଇଁ ପ୍ରକ୍ରିୟା ବ୍ୟାଖ୍ୟା କରାଯାଇ ଥିଲା।

● ବେଟି ବଚାଓ ବେଟି ପଢ଼ାଓ କାର୍ଯ୍ୟକ୍ରମ

ସମ୍ମାନିତ ହେଲେ ୪ କୃତୀ କନ୍ୟା

ମାଲକାନଗିରି,୧୫।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ସମାଜ ମଙ୍ଗଳ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ବେଟି ବଚାଓ ବେଟି ପଢ଼ାଓ ଜିଲ୍ଲାସ୍ତରୀୟ କାର୍ଯ୍ୟଶାଳାରେ ଜିଲ୍ଲାର ପ୍ରତିଭାବାନ୍ କନ୍ୟାମାନଙ୍କୁ ବିଶେଷ ଭାବେ ସମ୍ମାନିତ କରାଯାଇଛି। ନିଜ ନିଜ କ୍ଷେତ୍ରରେ ଅସାଧାରଣ ସଫଳତା ହାସଲ କରିଥିବା ଏହି କୃତି ପ୍ରତିଭାମାନେ କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ସାଜିଥିଲେ। ଏହି ଅବସରରେ ଦୁଇଟି ହାତ ନଥାଇ ମଧ୍ୟ ଗୋଡ଼ରେ ଲେଖି ଦଶମ ଶ୍ରେଣୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଦିବ୍ୟାଙ୍ଗ ଛାତ୍ରୀ ଲକ୍ଷ୍ମୀ ଖେମୁଡୁଙ୍କୁ ତାଙ୍କର ଅଦମ୍ୟ ସାହସ ଓ ନିଷ୍ଠା ପାଇଁ ପୁରସ୍କୃତ କରାଯାଇଛି। ସେହିପରି କୋୟା ନୃତ୍ୟ କଳା କ୍ଷେତ୍ରରେ ବିଶେଷ ଯୋଗଦାନ ପାଇଁ ସୋନାଲି ପୋଡ଼ିଆମୀ, ଶିକ୍ଷା କ୍ଷେତ୍ରରେ ୯୦ ପ୍ରତିଶତ ରୁ ଅଧିକ ନମ୍ବର ରଖି ଏ-୧ ଗ୍ରେଡ୍ ହାସଲ କରିଥିବାରୁ ପ୍ରତୀକ୍ଷା ମହାପାତ୍ର ଏବଂ ସିନିୟର ମହିଳା ୬୩ କେ.ଜି. ଜୁଡୋ ବର୍ଗରେ ରୌପ୍ୟ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଥିବା ସୁମିତ୍ରା ମାଢ଼ାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସ୍ୱାଧୀନ ଓ ମହିଳା ମହାବିଦ୍ୟାଳୟରେ ବିସିଜେଡିର ବାଜିମାତ

ଢେଙ୍କାନାଳ ,୧୫।୧୦ (ସଂଚାର ବ୍ୟୁରୋ): ଜିଲ୍ଲାରେ ଆଜି ବିଭିନ୍ନ କଲେଜ ମାନଙ୍କରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଯାଇଛି। ଆଉ ବିଜୟ ପରେ କଲେଜ ଛାତ୍ର ସଂସଦକୁ ଦଖଲ କୃତଗିବା ବିଜୟୀ ପ୍ରାର୍ଥୀଙ୍କ ସମର୍ଥକ ମାନେ ବେଶ ଉତ୍ସାହିତ ହୋଇପଡ଼ିଛନ୍ତି। ବାଜା ବାଣ ସାଙ୍ଗକୁ ନାଚ ଗୀତରେ କମ୍ପି ଉଠୁଛି କଲେଜ କ୍ୟାମ୍ପସ। ଢେଙ୍କାନାଳ ମହିଳା ମହାବିଦ୍ୟାଳୟର ବିଜୟୀ ଛାତ୍ରୀ ସଂସଦ ର ନବ ନିର୍ବାଚିତ ସଭାପତି, ସମ

ମହିଳା ଓ ଶିଶୁ ବିକାଶ ବିଭାଗ-ବିର୍ଲା ଗ୍ଲୋବାଲ ଏମଓୟୁ

କିଶୋର-କିଶୋରୀଙ୍କୁ କୌଶଳ ଶିକ୍ଷା ଓ ଦକ୍ଷତା ବୃଦ୍ଧି ଲକ୍ଷ୍ୟ

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ (ବିଜିୟୁ) ମଧ୍ୟରେ ଏକ ବୁଝାମଣାପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଛି। ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ମୃଣାଳିନୀ ଦର୍ସ୍ୱାଲଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ବିଭାଗ ପକ୍ଷରୁ ଶ୍ରୀ। ଦର୍ସ୍ୱାଲ ଓ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର କୁଲଭୂଷଣ ବାଲୁନି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ୧୦ରୁ ୧୯ ବର୍ଷ ବୟସର କିଶୋର-କିଶୋରୀଙ୍କ ସାମର୍ଥ୍ୟକୁ ବିକଶିତ କରିବା ଉଦ୍ଦେଶ୍ୟରେ ଓଡ଼ିଶା ସରକାର ଅଦ୍ୱିକା-'କିଶୋରୀ ଓ କିଶୋର ସଶକ୍ତିକରଣର ଏକ ପଥ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ

ପ୍ରତି ଶନିବାର କିଶୋର-କିଶୋରୀଙ୍କ ପାଇଁ ଜୀବନ କୌଶଳ ଶିକ୍ଷା ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ।। ଅଦ୍ୱିକା କିଶୋରୀ ଓ ନେତୃତ୍ୱର ଦକ୍ଷତାକୁ ଅଧିକ ସୁଦୃଢ଼ କରିବା ପାଇଁ ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ସହ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି, ଯାହା ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଦକ୍ଷତା ଏବଂ ବିଭାଗର ତୃଣମୂଳ ସ୍ତରରେ ରହିଥିବା ପହଞ୍ଚକୁ ଏକତ୍ରିତ କରିଥିଲା।

ବୁଝାମଣାପତ୍ର ଅନୁଯାୟୀ, ବିର୍ଲା ଗ୍ଲୋବାଲ ବିଶ୍ୱବିଦ୍ୟାଳୟ ଏହାର କ୍ୟାମ୍ପସରେ ୫୦ ଜଣ ଅଦ୍ୱିକା କିଶୋରୀଙ୍କ ପାଇଁ ୬ଦିନିଆ ଆବାସିକ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରିବ। ଏହା କିଶୋରୀମାନଙ୍କୁ ବିଶ୍ୱବିଦ୍ୟାଳୟ ପରିବେଶର ଅଭିଜ୍ଞତା ସହ ବ୍ୟବହାରିକ ଶିକ୍ଷା ପ୍ରଦାନ କରିବ। ସେହିପରି ପୁରୀ ଜିଲ୍ଲାର ନିମାପଡ଼ା ବ୍ଲକରେ ୫୦ ଜଣ ଅଦ୍ୱିକାଙ୍କ ପାଇଁ ୪ ସପ୍ତାହବ୍ୟାପୀ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ମଧ୍ୟ ସ୍ଥିର ହୋଇଛି ଯାହା ସେମାନଙ୍କୁ ନିଜ ସାଥୀ କିଶୋର-କିଶୋରୀଙ୍କୁ ମାର୍ଗଦର୍ଶନ ଓ ସହାୟତା ପ୍ରଦାନ କରିବାରେ ସକ୍ଷମ କରିବ।

● ନକଲି ପନିର ପରେ ବଜାରରେ ଏବେ ନକଲି ଚାଉଳ!

୪୦୦ରୁ ଅଧିକ ପ୍ୟାକେଟ୍ ଜବତ

ରାଉରକେଲା,୧୫।୧୦(ସଂଚାର ବ୍ୟୁରୋ): ନକଲି ଘିଅ ଓ ପନିର୍ ପରେ ଏବେ ବଜାରକୁ ଆସିଲାଣି ନକଲି ଚାଉଳ। ରାଉରକେଲା ପ୍ଲାଣ୍ଟସାଇଡ୍ ଥାନାଞ୍ଚଳରୁ ପ୍ୟାକେଟ୍ ପ୍ୟାକେଟ୍ ନକଲି ଚାଉଳ ଜବତ କରାଯାଇଛି। ପ୍ରାୟ ୪୦୦ ନକଲି ଚାଉଳ ଭର୍ତ୍ତି ପ୍ୟାକେଟ ଓ ଖାଲି ପ୍ୟାକେଟ ଜବତ କରିଛି ସ୍ଥାନୀୟ ପୁଲିସ। ଏଥିସହ ଏହି ମାମଲାରେ ପୁଲିସ୍ ଦୁଇ ଜଣଙ୍କୁ ଅଟକ ରଖିଛି। ଏକ ଘରୋଇ କମ୍ପାନୀର ବ୍ରାଣ୍ଡେଡ ପ୍ୟାକେଟରେ ନିମ୍ନମାନର ଚାଉଳ ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା। ଏହାପରେ ରାଉରକେଲାର କେତେକ ଚାଉଳ ଗୋଦାମରେ ପୁଲିସ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ରାଉରକେଲା ଏସପି ଏକ ସ୍ୱତନ୍ତ୍ର ପୁଲିସ ଟୀମ୍ ଗଠନ କର ଡେଲି ମାର୍କେଟ୍‌ର ଦୀନାନାଥ ଲେନ୍‌ରେ କିଛି ଚାଉଳ ଗୋଦାମ ଓ ଖୁଚୁରା ଦୋକାନରେ ଚଢ଼ାଉ କରିଥିଲେ। ଦୁଇ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା ପରେ ନକଲି ବ୍ରାଣ୍ଡ ପ୍ରସ୍ତୁତି ର‍ୟାକେଟ ଚାଲିଥିବା ଘଟଣା ସାମ୍ନାକୁ ଆସିଥିଲା। ତେବେ ଏହି ବ୍ୟବସାୟ କେବଳ ରାଜ୍ୟ ଭିତରେ ଚାଲିଛି ନା ରାଜ୍ୟ ବାହାରେ ମଧ୍ୟ ଏହାର ଚୋର ରହିଛି, ତା' ଜାଣିବା ସକାଶେ ଅଧିକ ତଦନ୍ତ ଚାଲିଥିବା ରାଉରକେଲା ଏସପି କହିଛନ୍ତି।

ଚମାଖଣ୍ଡି ଛକରେ ସିରିଜ ଦୁର୍ଘଟଣା, ମୃତ୍ୟୁସଂଖ୍ୟା ୩କୁ ବୃଦ୍ଧି

ଛତ୍ରପୁର,୧୫।୧୦(ସଂଚାର ବ୍ୟୁରୋ): ଗଞ୍ଜାମ ଜିଲ୍ଲା ଚମାଖଣ୍ଡି ଥାନା ଅନ୍ତର୍ଗତ ଚମାଖଣ୍ଡି ଛକରେ ଗତକାଲି ସନ୍ଧ୍ୟାରେ ଘଟିଥିବା ସିରିଜ୍ ଦୁର୍ଘଟଣାରେ ମୋଟ ମୃତ୍ୟୁସଂଖ୍ୟା ୩ରେ ପହଞ୍ଚିଛି। କାରଣ ଏହି ଘଟଣାରେ ଆହତ ହୋଇଥିବା ଲୋକଙ୍କ ମଧ୍ୟରୁ ଆଜି ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ସେମାନେ ହେଲେ ନାଉଳି ଗାଁର ଲକ୍ଷ୍ମୀଧର ଗୌଡ଼ (୪୫) ଓ ଉତ୍ତରପ୍ରଦେଶ କାନପୁରର ବିନୋଦ କୁମାର (୪୦) ଏବଂ ସେମାନଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଗତକାଲି ଏହି ଦୁର୍ଘଟଣାରେ ବ୍ରହ୍ମପୁରର ରୋଜାଲିନ ରାଣୀ ମିଶ୍ରଙ୍କର ମୃତ୍ୟୁ ଘଟିଥିଲା। ସେ ଛତ୍ରପୁରସ୍ଥିତ ଟ୍ରେଜେରୀ କାର୍ଯ୍ୟାଳୟରେ କିରାଣୀ ଭାବେ କାର୍ଯ୍ୟ କରୁଥିଲେ।

ସୂଚନାଯୋଗ୍ୟ ଯେ ୧୬ ନମ୍ବର ଜାତୀୟ ରାଜପଥ ଚମାଖଣ୍ଡି ଛକ ନିକଟରେ ଗୋଟିଏ କାର ୟୁ-ଟର୍ଣ୍ଣ କରୁଥିବା ବେଳେ କିଛି ଦୁଇଚକିଆ ଯାନ ସେଠାରେ ଅଟକି ରହିଥିଲେ। ଛତ୍ରପୁରଠାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ଏକ ଟ୍ରକ ଦ୍ରୁତ ଗତିରେ ଆସି ସେଠାରେ ଥିବା କାର୍ ସମେତ ୫/୬ଟି ଦୁଇଚକିଆ ଯାନ ଓ ସାଇକେଲକୁ

ଧକ୍କା ଦେଇଥିଲା। ଏହି ଘଟଣାରେ ୧୦ରୁ ଊର୍ଦ୍ଧ୍ୱ ଗୁରୁତର ଭାବେ ଆହତ ହୋଇ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସେମାନେ ଚିକିତ୍ସାଧୀନ ରହିଥିବା ବେଳେ ଆଜି ସକାଳେ ଆଉ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି।

ଦୁଇ ଦାଦନ ଶ୍ରମିକଙ୍କ ମୃତ୍ୟୁ

● ମୃତଦେହ ଫେରାଇ ଆଣିବାକୁ ପ୍ରଶାସନକୁ ଗୁହାରି

ରାୟଗଡ଼ା,୧୫।୧୦(ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲାରୁ ଆସିଛି ଏକ ଦୁଃଖଦ ଖବର। ରାୟଗଡ଼ା ଜିଲ୍ଲାର ଦୁଇ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ବେଳେ ସେମାନଙ୍କ ମୃତଦେହ ଫେରାଇ ଆଣିବା ସକାଶେ ପ୍ରଶାସନ ନିକଟରେ ଗୁହାରି କରାଯାଇଛି। ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍‌ର ଦୁଇ ଦାଦନ ଶ୍ରମିକଙ୍କର ପୃଥକ୍ ସ୍ଥାନରେ ମୃତ୍ୟୁ ହୋଇଛି। ଏହି ଦୁଃଖଦ ଘଟଣା ନେଇ ଦୁଇ ମୃତକଙ୍କ ପରିବାରରେ ଶୋକର ଛାୟା ଖେଳିଯାଇଛି।

ମିଳିଥିବା ସୂଚନାନୁଯାୟୀ, କୋଡ଼ିପାରି ପଞ୍ଚାୟତ ଅନ୍ତର୍ଗତ ଅଡ଼ାଜାଲ ଗ୍ରାମର ଜୟରାମ ମାଝୀ ତେଲଙ୍ଗାନାରେ ଏକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଛନ୍ତି। ସେହିପରି ମାଇକାଞ୍ଚ ପଞ୍ଚାୟତ ଅନ୍ତର୍ଗତ ନୂଆଗାଁର ରଞ୍ଜିତ ନାୟକ ଦୀର୍ଘଦିନ ଧରି ଅସୁସ୍ଥ ଥିବା ବେଳେ ଗତକାଲି ତାଙ୍କର ମୃତ୍ୟୁ ହୋଇଛି। ତେବେ ସେମାନଙ୍କ ପରିବାର ପକ୍ଷରେ ମୃତଦେହ ଆଣିବା ସମ୍ଭବପର ନଥିବାରୁ ଉଭୟ ପରିବାର ଏ ଦିଗରେ ସହାୟତା କରିବା ସକାଶେ ସ୍ଥାନୀୟ ପ୍ରଶାସନକୁ ନିବେଦନ କରାଯାଇଛି। ତେଣୁ ଏ ଦିଗରେ ପଦକ୍ଷେପ ନେବା ସକାଶେ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

● ଦୁଇ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲା

ଦୋଷୀକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡ

କଟକ,୧୫।୧୦(ସଂଚାର ବ୍ୟୁରୋ): ଦୁଇ ଜଣ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ ଅଭିଯୁକ୍ତ ବିଶୁ ଓରଫ ବିଶ୍ୱନାଥ ସାହୁ (୫୫)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି କଟକ ଆଡ୍ ହକ୍ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍‌ସୋ ଅଦାଲତ। ଦୋଷୀକୁ ୨୦ ବର୍ଷର ସଶ୍ରମ କାରାଦଣ୍ଡାଦେଶ ସହ ୧୦ ହଜାର ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ପାଇଁ ନିର୍ଦ୍ଦେଶ ରହିଛି। ଗତ ଫେବ୍ରୁଆରୀ ୨୧ ତାରିଖରେ କଟକ ସହର ମଧ୍ୟରେ ଏହି ଦୁଷ୍କର୍ମ ଘଟଣା ଘଟିଥିଲା। ନାବାଳିକା ଦୁଇ ଜଣଙ୍କ ବୟସ ୭ ବର୍ଷ ଓ ୧୦ ବର୍ଷ। ଦୁହେଁ ସହରର ଏକ ପ୍ରତିଷ୍ଠିତ ସ୍କୁଲରେ ପ୍ରଥମ ଓ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସେମାନେ ଏକ ଟ୍ରାଭେଲର ଗାଡ଼ିରେ ନିୟମିତ ସହରର ସେହି ପ୍ରତିଷ୍ଠିତ ସ୍କୁଲକୁ ଯି ବ । ଆ ସି ବ । କରୁଥିଲେ। ଘଟଣା ଦିନ ଗାଡ଼ିର ଡ୍ରାଇଭର ଦୁଇ ନାବାଳିକାଙ୍କୁ ଗାଡ଼ି ଭିତରକୁ ନେଇ ଦୁର୍ବ୍ୟବହାର କରିଥିଲା। ବାହାରୁ କିଏ କାଳେ ଦେଖିଦେବ, ସେଥିପାଇଁ ଗାଡ଼ିର କାଚରେ ଖବରକାଗଜ ଲଗାଇଦେଇଥିଲା। ପରେ ଡ୍ରାଇଭର ବିଶୁ ଉଭୟଙ୍କୁ ଚକୋଲେଟ, ବିସ୍କୁଟ, ଜେଲି ଦେଇ ଘଟଣା ସମ୍ପର୍କରେ କାହାକୁ ନ କହିବାକୁ କହିଥିଲା। ନାବାଳିକା ଦୁଇ ଜଣଙ୍କ ମା'ମାନେ ଏ ସମ୍ପର୍କରେ ଜାଣିବା ପରେ ଥାନାରେ ଅଭିଯୋଗ କରିବାରୁ ଗତ ଫେବ୍ରୁଆରୀ ୨୪ ତାରିଖରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତାର ଧାରା ୬୪(୨)(ଏମ୍), ୬୫(୨) ସହ ପୋକ୍‌ସୋ ଆଇନର ଧାରା ୬ ଅନୁଯାୟୀ ଚାର୍ଜସିଟ୍ ଦାଖଲ ହୋଇଥିଲା। ଏପ୍ରିଲ ୨୩ ତାରିଖରେ ଅଦାଲତରେ ଚାର୍ଜସିଟ ଦାଖଲ ହୋଇଥିଲା। ମେ' ୧୩ରେ ଅଭିଯୁକ୍ତ ବିରୋଧରେ ଚାର୍ଜଫ୍ରେମ ହେବା ସହ ଜୁନ ୧୧ ତାରିଖରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ ହୋଇଥିଲା। ମାମଲାରେ ଅଦାଲତ ୨୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରିଥିଲେ।

ଦୁଇ ନାବାଳିକାଙ୍କ ବୟାନ, ମାଜିଷ୍ଟ୍ରେଟଙ୍କ ସମ୍ମୁଖରେ ଦିଆଯାଇଥିବା ବୟାନ ଓ ଅନ୍ୟ ପ୍ରମୁଖ ସାକ୍ଷୀଙ୍କ ସାକ୍ଷ୍ୟ ଅଭିଯୋଗ ପକ୍ଷର ମାମଲାକୁ ସମର୍ଥନ କରୁଥିବା କୋର୍ଟ ଦର୍ଶାଇଛନ୍ତି। ଗତ ୫ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ରାୟ ସଂରକ୍ଷିତ ରହିଥିଲା। ଆଜି ରାୟ ପ୍ରକାଶ କରି ପୋକ୍ସୋ ଆଇନର ଧାରା ୬ ଅନୁଯାୟୀ ନିର୍ଦ୍ଧାରିତ ସର୍ବନିମ୍ନ ଦଣ୍ଡରୁ କମ୍ ଦଣ୍ଡ ଦେବାର ସୁଯୋଗ ନ ଥିବାରୁ ଅଭିଯୁକ୍ତଙ୍କୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଓଡ଼ିଶା ପୀଡ଼ିତା କ୍ଷତିପୂରଣ ଯୋଜନା ଅନୁଯାୟୀ ୭ ବର୍ଷୀୟା ପୀଡ଼ିତାକୁ ୫ ଲକ୍ଷ ଟଙ୍କା ଓ ୧୦ ବର୍ଷୀୟା ପୀଡ଼ିତାକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ କୋର୍ଟ କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ ସୁପାରିସ କରିଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ଶୁଭ ନାରାୟଣ ଦାସ ମାମଲା ପରିଚାଳନା କରୁଥିଲେ।

ବାର୍‌ହା ଜଗିବାକୁ ଯାଇ ନଦୀରେ ବୁଡି ୨ ମୃତ

ନୟାଗଡ଼,୧୫।୧୦(ସଂଚାର ବ୍ୟୁରୋ): ଫସଲକୁ ବାର୍‌ହା ଦାଉରୁ ରକ୍ଷା କରିବା ପାଇଁ ଜଗିବାକୁ ରାତିରେ ଯାଇଥିଲେ। କିନ୍ତୁ ସକାଳେ କୁସୁମୀ ନଦୀରୁ ୨ ଜଣଙ୍କ ମୃତଦେହ ମିଳିଛି। ନୟାଗଡ଼ ଜିଲ୍ଲା ଓଡ଼ଗାଁ ଥାନା ରାବେରା ଗ୍ରାମ ନିକଟସ୍ଥ କୁସୁମୀ ନଦୀରୁ ମୃତଦେହ ଉଦ୍ଧାର କରାଯାଇଛି। ମୃତକଦ୍ୱୟ ହେଲେ ରାବେରା ଗ୍ରାମର ତ୍ରିନାଥ ମହାପାତ୍ର ଓ ନରସିଂହ ମହାପାତ୍ର। ସେମାନେ ଗତକାଲି ସନ୍ଧ୍ୟାରେ ବାର୍‌ହା ଜଗିବାକୁ ଜମି ନିକଟକୁ ଯାଇଥିଲେ। କିନ୍ତୁ ଆଜି ସକାଳେ ନଦୀ ପାଣିରେ ତ୍ରିନାଥଙ୍କ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ପରେ ବହୁ ଖୋଜାଖୋଜି କରିବା ପରେ ନରସିଂହଙ୍କ ମୃତଦେହ ମଧ୍ୟ କିଛି ଦୂରରେ ନଦୀ ପାଣିରୁ ମିଳିଥିଲା। ପୁଲିସ ଦୁଇଟି ମୃତଦେହ ଜବତ କରି ପୋଷ୍ଟମର୍ଟମ ପାଇଁ ଓଡ଼ଗାଁ ମେଡିକାଲକୁ ପଠାଇବା ସହ ତଦନ୍ତ ଆରମ୍ଭ କରିଛି। ତେବେ ଉଭୟ ପାଣିକୁ କିଭଳି ଗଲେ ଓ ସେମାନଙ୍କର କିଭଳି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ।

ପୋଖରୀରୁ ମିଳିଲା ମୃତଦେହ

ପୁରୀ,୧୫।୧୦(ସଂଚାର ବ୍ୟୁରୋ): ପୁଣି ପୁରୀରେ ହତ୍ୟାକାଣ୍ଡ। ସମଙ୍ଗ ଜଳଭଣ୍ଡାର ନିକଟସ୍ଥ ପୋଖରୀରୁ ଏକ ମୃତଦେହ ଉଦ୍ଧାର କରାଯାଇଛି। କେହି ହତ୍ୟା କରି ପୋଖରୀରେ ମୃତଦେହ ଫିଙ୍ଗିଦେଇଥିବା ସନ୍ଦେହ କରାଯାଉଛି। ପୋଖରୀରୁ ଏହି ମୃତଦେହକୁ ଉଦ୍ଧାର କରିଛନ୍ତି ଅଗ୍ନିଶମ ବିଭାଗ କର୍ମଚାରୀ। ମୃତ ବ୍ୟକ୍ତି ଜଣଙ୍କ ବାସେଳୀ ସାହି ଭଙ୍ଗ ଜାଗାର ନିଖିଳ ଦାଶ ବୋଲି ଜଣାପଡ଼ିଛି। ଗତ ମଙ୍ଗଳବାରଠାରୁ ସେ ନିଖୋଜ ଥିବା ବେଳେ ମୃତଦେହ ଉଦ୍ଧାର କରି ସଦର ଥାନା ପୁଲିସ ତଦନ୍ତ ଆରମ୍ଭ କରିଛି। କିଏ ଓ କାହିଁକି ଏପରି ହତ୍ୟାକାଣ୍ଡ ଭିଆଇଛି, ସେନେଇ ପୁଲିସ୍ ତଦନ୍ତ ଜାରି ରଖିଥିଲେ ବି ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସେନେଇ ବିଶେଷ କିଛି ଜଣାପଡ଼ିନାହିଁ। ପୁଲିସ୍‌ର ତଦନ୍ତ ସରିବା ପରେ ହିଁ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ। କିନ୍ତୁ ପୁରୀରେ ଏହି ଘଟଣାକୁ ନେଇ ଚର୍ଚ୍ଚା ଜୋର ଧରିଥିବା ବେଳେ ପୁଲିସର ତଦନ୍ତ ଉପରେ ସମସ୍ତଙ୍କ ନଜର ରହିଛି।

ଦୁର୍ଗାପୂଜା ପୂର୍ବରୁ ପୌରାଞ୍ଚଳର ପ୍ରସ୍ତୁତି ସମୀକ୍ଷା

ପାର୍ବଣରେ ସହରକୁ ସ୍ୱଚ୍ଛ ରଖିବାକୁ ତାଗିଦ

ଭୁବନେଶ୍ୱର,୧୫।୧୦(ସଂଚାର ବ୍ୟୁରୋ): ଆଗାମୀ ଦୁର୍ଗାପୂଜା ସମୟରେ ସହରଗୁଡ଼ିକୁ ସ୍ୱଚ୍ଛ, ସୁରକ୍ଷିତ ଓ ସୁବ୍ୟବସ୍ଥିତ ରଖିବା ସହ ଜନସାଧାରଣ ଯେପରି ସୁସ୍ଥ ଓ ଆନନ୍ଦମୟ ପରିବେଶରେ ପର୍ବ ପାଳନ କରିପାରିବେ ଏଥିନିମନ୍ତେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡ। କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ମଧ୍ୟ ଉପସ୍ଥିତ ଥିଲେ।

ନଗର ଉନ୍ନୟନ ମନ୍ତ୍ରୀ ଓ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସମସ୍ତ ପୌରାଞ୍ଚଳକୁ ପ୍ରସ୍ତୁତିର ନିୟମିତ ତଦାରଖ, ସମୟୋଚିତ ପଦକ୍ଷେପ ଓ ଦାୟିତ୍ୱର ସୁଚାରୁ କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଇଥିଲେ। ସହରର ପରିମଳ ଓ ସ୍ୱଚ୍ଛତା ଉପରେ ବିଶେଷ ଧ୍ୟାନ ଦିଆଯାଇଥିଲା। ପର୍ବ ସମୟରେ ସହରଗୁଡ଼ିକୁ ସ୍ୱଚ୍ଛ ରଖିବା ଓ

ଆବଶ୍ୟକ ପରିମଳ ବ୍ୟବସ୍ଥା ସୁନିଶ୍ଚିତ କରିବାକୁ କୁହାଯାଇଥିଲା। ଏଥିସହ ଡ୍ରେନେଜ୍ ବ୍ୟବସ୍ଥାକୁ ସୁଦୃଢ଼ ରଖିବା ଓ ନିମ୍ନଚାପଜନିତ ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ଜଳବନ୍ଦୀ ରୋକିବା ପାଇଁ ଆଗୁଆ ପ୍ରତିଷେଧକ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପୂଜା ମଣ୍ଡପ ଓ ସର୍ବସାଧାରଣ ସ୍ଥାନରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ଦେଇଥିଲେ। ପୂଜା ସମୟରେ ଶ୍ରଦ୍ଧାଳୁଙ୍କ ସୁରକ୍ଷା ପାଇଁ ଆବଶ୍ୟକ ସତର୍କତା ଓ ନିରାପତ୍ତା ବ୍ୟବସ୍ଥା ସୁନିଶ୍ଚିତ କରିବାର ଆବଶ୍ୟକତା ଉପରେ ବିଭାଗୀୟ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ଏହାବ୍ୟତୀତ ସୁରକ୍ଷିତ ପାନୀୟ ଜଳ ଯୋଗାଣ, ରାସ୍ତାର ମରାମତି ଓ ଆଲୋକ ବ୍ୟବସ୍ଥାର ସୁଚାରୁ ପରିଚାଳନା ଆଦି ବିଷୟରେ ମଧ୍ୟ ସମୀକ୍ଷା କରାଯାଇଥିଲା। ସମସ୍ତ ନାଗରିକ ସେବା ଯେପରି ସୁଚାରୁ ଭାବେ ଉପଲବ୍ଧ ହୁଏ, ସେଥିପାଇଁ ସଂପୃକ୍ତ ବିଭାଗ ଓ ସଂସ୍ଥା ମଧ୍ୟରେ ସମନ୍ୱୟ ରକ୍ଷା କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। ନଗର ଉନ୍ନୟନ ମନ୍ତ୍ରୀ କହିଥିଲେ ଯେ ଜନସୁରକ୍ଷା ଓ ସ୍ୱଚ୍ଛତା ଆମର ସର୍ବୋଚ୍ଚ ପ୍ରାଥମିକତା ହେବା ଆବଶ୍ୟକ। ପ୍ରତ୍ୟେକ ନାଗରିକ ଯେପରି ସୁରକ୍ଷିତ, ସ୍ୱଚ୍ଛ ଓ ସୁସ୍ଥ ପରିବେଶରେ ଦୁର୍ଗାପୂଜା ପାଳନ କରିପାରିବେ, ତାହା ଆମର ଲକ୍ଷ୍ୟ। ଆନନ୍ଦମୟ ଓ ସମସ୍ୟାମୁକ୍ତ କରିବା ପାଇଁ ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା ପ୍ରସ୍ତୁତ, ତତ୍ପର ଓ ସମନ୍ୱିତ ଭାବେ କାର୍ଯ୍ୟ କରିବା ଆବଶ୍ୟକ।

ସତ୍ୟବାଦୀରେ ରାଜନୈତିକ ଉଷ୍ମତା ଜାରି

ଦ୍ୱିତୀୟ ଦିନରେ ବିଜେଡି ଧାରଣା; ଥାନା ଘେରିଲା ବିଜେପି

ସତ୍ୟବାଦୀ,୧୫।୧୦(ସଂଚାର ବ୍ୟୁରୋ): ସତ୍ୟବାଦୀ ବ୍ଲକ୍ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟରେ ଭଙ୍ଗାରୁଜା ଘଟଣାକୁ ନେଇ ସତ୍ୟବାଦୀରେ ରାଜନୈତିକ ଉଷ୍ମତା ଜାରି ରହିଛି। ଘଟଣାକୁ ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ ନ ଥିବା ଅଭିଯୋଗ କରି ବିଜେଡି ପକ୍ଷରୁ ଦ୍ୱିତୀୟ ଦିନରେ ମଧ୍ୟ ଧାରଣା ଜାରି ରହିଛି। ଅନ୍ୟପକ୍ଷରେ ବିଧାୟକ ଓମପ୍ରକାଶ ମିଶ୍ରଙ୍କୁ ଗାଳିଗୁଲଜ ଓ ହତ୍ୟା ଧମକ ଦିଆଯାଇଥିବା ଅଭିଯୋଗରେ ବିଜେଡି ନେତା ଉମାକାନ୍ତ ସାମନ୍ତରାୟଙ୍କ ଗିରଫ ଦାବି କରି ବିଜେପି କର୍ମୀମାନେ ସତ୍ୟବାଦୀ ଥାନା ସମ୍ମୁଖରେ ଧାରଣା ଦେଇଛନ୍ତି। ବିଜେଡି ନେତା ତଥା ପୂର୍ବତନ

ବିଧାୟକ ଉମାକାନ୍ତ ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ ସରକାରୀ ଚାପରେ ପୁଲିସ ଭଙ୍ଗାରୁଜା ଘଟଣାରେ ସଠିକ୍ କାର୍ଯ୍ୟାନୁଷ୍ଠାନ ନେଉନାହିଁ। ବ୍ଲକ୍ ବିଜେଡି ସଭାପତି ପ୍ରମୋଦ ରାଉତରାୟ ମଧ୍ୟ ଭଙ୍ଗାରୁଜାର ଭିଡିଓ ଫୁଟେଜ୍ ସା

ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର। ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୪୮,୨୬୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୩୫,୯୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୪୮,୨୬୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୩୫,୯୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୪୮,୨୬୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୩୫,୯୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୪୮,୪୧୦ ଟଙ୍କା ଓ ୨୨ କ୍ୟାରଟେ ୧,୩୬,୦୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୪୮,୨୬୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୩୫,୯୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୪୮,୨୬୦ ଓ ୨୨ କ୍ୟାରେଟ ମୂଲ୍ୟ ଦର ୧,୩୫,୯୦୦ ଟଙ୍କା ରହିଛି। ଅନ୍ୟପଟେ ରୂପା ମୂଲ୍ୟ କିଲୋ ପିଛା ୨,୩୫,୦୦୦ ଟଙ୍କା ହୋଇଛି।

ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୧ଟଙ୍କା ୨୧ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୭ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି। ପ୍ରତ୍ୟେକ ଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ୍ ଦାମରେ ପରିବର୍ତ୍ତନ ହୋଇଥାଏ।

ଟାଟା ପ୍ଲେର ନୂଆ ଆପ୍ ଲଞ୍ଚ

ଟିଭିରେ ଦେଖିପାରିବେ ୫୦୦ରୁ ଅଧିକ ଲାଇଭ୍ ଚ୍ୟାନେଲ୍

ନୂଆଦିଲ୍ଲୀ,୧୫।୧୦: ଏବେ ଟିଭିରେ ଚ୍ୟାନେଲ୍ ଦେଖିବା ପାଇଁ କେବୁଲ୍ କିମ୍ବା ଡିଟିଏଚ୍ ସଂଯୋଗର ଆବଶ୍ୟକତା ପଡ଼ିବ ନାହିଁ। ଟାଟା ପ୍ଲେ ଭାରତରେ ଏକ ନୂଆ ଆପ୍ 'ଟାଟା ପ୍ଲେ ସ୍ମାର୍ଟ' ଲଞ୍ଚ୍ କରିଛି। ଏହି ଆପ୍ ମାଧ୍ୟମରେ ଗ୍ରାହକ ୫୦୦ରୁ ଅଧିକ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିପାରିବେ। ଏଥିରେ ଖବର, କ୍ରୀଡ଼ା, ସିନେମା, ଟିଭି ସୋ' ସମେତ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଦେଖିବାର ସୁବିଧା ରହିଛି। ଟାଟା ପ୍ଲେ ସ୍ମାର୍ଟ ଆପ୍‌ର ମାସିକ ପ୍ଲାନ୍ ୧୯୯ ଟଙ୍କାରୁ ଆରମ୍ଭ ହେଉଛି। ଏହି ଆପ୍‌ରେ ଇଂରାଜୀ, ହିନ୍ଦୀ, ବଙ୍ଗଳା, କନ୍ନଡ଼, ମାଲାୟଲମ୍, ମରାଠୀ, ତାମିଲ ଓ ତେଲୁଗୁ ଭାଷାରେ କାର୍ଯ୍ୟକ୍ରମ ଦେଖିବାର ସୁବିଧା ରହିଛି।

ଏହି ଆପ୍ ସାମସଙ୍ଗ ସ୍ମାର୍ଟ ଟିଭି, ଆଣ୍ଡ୍ରଏଡ୍ ଟିଭି, ଗୁଗଲ୍ ଟିଭି, ଫାୟାର ଟିଭି ଓ ଭିଡା (VIDAA) ପ୍ଲାଟ୍‌ଫର୍ମରେ ଉପଲବ୍ଧ। ଏହାବ୍ୟତୀତ ଆଣ୍ଡ୍ରଏଡ୍ ଓ ଆଇଓଏସ୍ ମୋବାଇଲ୍ ଫୋନ୍ ଏବଂ ଟାବଲେଟ୍‌ରେ ମଧ୍ୟ ଏହି ଆପ୍ ବ୍ୟବହାର କରିହେବ।

ଏହି ଆପ୍‌ର ସବୁଠାରୁ ବଡ଼ ବିଶେଷତା ହେଉଛି, ଏହାକୁ ବ୍ୟବହାର କରିବା ପାଇଁ ଡିସ୍ ଆଣ୍ଟେନା, ସେଟ୍-ଟପ୍ ବକ୍ସ କିମ୍ବା କେବୁଲ୍ ତାରର ଆବଶ୍ୟକତା ନାହିଁ। ଗ୍ରାହକ ନିଜ ସ୍ମାର୍ଟ ଟିଭିର ଆପ୍ ଷ୍ଟୋରରୁ ଏହାକୁ ଡାଉନ୍‌ଲୋଡ୍ କରିପାରିବେ। ଏହାପରେ ଇଣ୍ଟରନେଟ୍ ସଂଯୋଗ ମାଧ୍ୟମରେ ଲାଇଭ୍ ଟିଭି ଚ୍ୟାନେଲ୍ ଦେଖିପାରିବେ।

ଏଥିପାଇଁ ଅଲଗା ଭାବେ ଡିଟିଏଚ୍ କିମ୍ବା କେବୁଲ୍ ଟିଭି ସଂଯୋଗ ନେବାକୁ ପଡ଼ିବ ନାହିଁ। ତେବେ ଆପ୍‌ର ସେବା ବ୍ୟବହାର କରିବା ପାଇଁ ସକ୍ରିୟ ଇଣ୍ଟରନେଟ୍ ସଂଯୋଗ ଓ ଉପଯୁକ୍ତ ସବ୍‌ସ୍କ୍ରିପସନ୍ ଆବଶ୍ୟକ।

ସ୍ମାର୍ଟ ଟିଭିରେ ଏହି ଆପ୍ ବ୍ୟବହାର କଲେ ଚ୍ୟାନେଲ୍ ନମ୍ବର, କାର୍ଯ୍ୟକ୍ରମ ଗାଇଡ୍ ଓ ରିମୋଟ୍ ମାଧ୍ୟମରେ ଚ୍ୟାନେଲ୍ ବଦଳାଇବାର ସୁବିଧା ମିଳିବ। ଏହାସହ କିଛି ଚ୍ୟାନେଲ୍‌ର କାର୍ଯ୍ୟକ୍ରମ ପ୍ରସାରଣ ପରେ ପୁଣିଥରେ ଦେଖିବାର ସୁବିଧା ମଧ୍ୟ ମିଳିପାରେ। ତେବେ ଏହା ଚ୍ୟାନେଲ୍ ଓ କାର୍ଯ୍ୟକ୍ରମ ଉପରେ ନିର୍ଭର କରିବ।

ମୋଟାମୋଟି ଭାବେ, ଟାଟା ପ୍ଲେ ସ୍ମାର୍ଟ ଆପ୍ ଇଣ୍ଟରନେଟ୍ ମାଧ୍ୟମରେ ଟିଭି ଦେଖିବାର ଏକ ବିକଳ୍ପ ଦେଉଛି। ଏହାଦ୍ୱାରା ଗ୍ରାହକ ନିଜ ପସନ୍ଦର ଭାଷାରେ ବିଭିନ୍ନ ଚ୍ୟାନେଲ୍ ଓ କାର୍ଯ୍ୟକ୍ରମ ଦେଖିପାରିବେ।



ୟୁପିଆଇ ଉପରେ ଲାଗୁ ହେବନି ଏମଡିଆର ଚାର୍ଜ

ନୂଆଦିଲ୍ଲୀ,୧୫।୧୦: ଡିଜିଟାଲ୍ ପେମେଣ୍ଟକୁ ନେଇ ବଡ଼ ଖବର ସାମ୍ନାକୁ ଆସିଛି। ୟୁପିଆଇ ପେମେଣ୍ଟ୍ ଉପରେ ନୂଆ ଚାର୍ଜ ଲାଗୁ କରିବା ନିଷ୍ପତ୍ତିକୁ ଦୀପାବଳି ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ନ୍ୟାସନାଲ୍ ପେମେଣ୍ଟ୍ସ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ପକ୍ଷରୁ ଏନେଇ ଅକ୍ଟୋବର ୧୩ରେ ଏକ ପ୍ରେସ୍ ନୋଟ୍ ଜାରି ସୂଚନା ଦିଆଯାଇଛି। ରିପୋର୍ଟ ଅନୁସାରେ, ୨,୦୦୦ରୁ ଅଧିକ ମୂଲ୍ୟର କେତେକ ବ୍ୟବସାୟିକ ୟୁପିଆଇ ଟ୍ରାଞ୍ଜାକ୍ସନ୍ ଉପରେ ୦.୪ ପ୍ରତିଶତ ମର୍ଚ୍ଚାଣ୍ଟ ଡିସ୍‌କାଉଣ୍ଟ୍ ରେଟ୍ (ଏମଡିଆର) ଲାଗୁ କରିବା ଯୋଜନା ଥିଲା। ଏହା ଚଳିତ ସପ୍ତାହର ଗୁରୁବାରଠାରୁ ଲାଗୁ ହେବାର ଥିଲା। କିନ୍ତୁ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଏହାକୁ ଦୀପାବଳି ପର୍ଯ୍ୟନ୍ତ ଘୁଞ୍ଚାଇ ଦିଆଯାଇଛି। ନୂଆ ତାରିଖ ପରବର୍ତ୍ତି ସମୟରେ ଘୋଷଣା କରାଯିବ ବୋଲି କୁହାଯାଇଛି। ଏହି ଚାର୍ଜକୁ ନେଇ ବ୍ୟବସାୟୀ ସଂଗଠନ ଓ ଫିନ୍‌ଟେକ୍ କମ୍ପାନୀଗୁଡ଼ିକ ଆପତ୍ତି ଉଠାଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ପାର୍ବଣ ସମୟରେ ଅତିରିକ୍ତ ଖର୍ଚ୍ଚ ବଢ଼ିଲେ ବ୍ୟବସାୟୀଙ୍କ ଲାଭ କମିବା ସହ ଏହାର ପ୍ରଭାବ ଗ୍ରାହକଙ୍କ ଉପରେ ମଧ୍ୟ ପଡ଼ିପାରେ। ଏହି କାରଣରୁ ଚାର୍ଜ ଲାଗୁ କରିବା ନିଷ୍ପତ୍ତିକୁ ସାମୟିକ ଭାବେ ଟାଳିବାକୁ ବିଚାର କରାଯାଇଥିବା କୁହାଯାଉଛି। ଯଦି ୦.୪ ପ୍ରତିଶତ MDR ଲାଗୁ ହୁଏ, ତେବେ ୧୦,୦୦୦ର ବ୍ୟବସାୟିକ ଟ୍ରାଞ୍ଜାକ୍ସନ୍ ଉପରେ ୪୦ ଚାର୍ଜ ହିସାବ ହେବ। ଏହି ଫି' ସାଧାରଣତଃ ପେମେଣ୍ଟ୍ ପ୍ରକ୍ରିୟାକରଣ ପାଇଁ ବ୍ୟବସାୟୀଙ୍କଠାରୁ ନିଆଯାଏ। ନୂଆ ଚାର୍ଜ କେବେଠାରୁ ଲାଗୁ ହେବ, ସେନେଇ ଚୂଡ଼ାନ୍ତ ତାରିଖ ଘୋଷଣା ହୋଇନଥିବା ରିପୋର୍ଟରେ କୁହାଯାଇଛି। ତେଣୁ ବ୍ୟବସାୟୀ ଓ ଡିଜିଟାଲ୍ ପେମେଣ୍ଟ୍ କ୍ଷେତ୍ରରେ ଏହି ନିଷ୍ପତ୍ତିକୁ ନେଇ ଆଗାମୀ ଘୋଷଣା ଉପରେ ନଜର ରହିଛି।

୨୦୨୭ରେ ଅର୍ଥନୀତିରେ ଜାପାନକୁ ପଛରେ ପକାଇବ ଭାରତ

ନୂଆଦିଲ୍ଲୀ,୧୫।୧୦: ବିଶ୍ୱ ଅର୍ଥନୀତିରେ ଭାରତ ଆଉ ଗୋଟେ ପାଦ ଆଗରେ । ଆସନ୍ତା ୨୦୨୭ ମସିହାରେ ଭାରତ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଭାବେ ଉଭା ହେବ ବୋଲି ଆକଳନ କରିଛି ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍)। ଆଇଏମ୍‌ଏଫ୍ର ଆକଳନ ଅନୁଯାୟୀ, ୨୦୨୭ରେ ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ୪.୫୨ ଟ୍ରିଲିୟନ ଆମେରିକୀୟ ଡଲାରରେ ପହଞ୍ଚିପାରେ। ଏହା ଫଳରେ ଜାପାନ ସହ ବ୍ରିଟେନକୁ ମଧ୍ୟ ପଛରେ ପକାଇବ ଭାରତ। ଗତ କିଛି ବର୍ଷ ଧରି ବିଶ୍ୱ ଅର୍ଥନୀତିରେ ଅନେକ ସମସ୍ୟା ଦେଖା ଦେଇଛି । ଅନେକ ଅସୁବିଧା ସତ୍ତ୍ୱେ ମଧ୍ୟ ଭାରତର ଅର୍ଥନୈତିକ ଅଭିବୃଦ୍ଧି ଦୃଢ଼ ରହିଛି। ଚଳିତ ୨୦୨୬ ବର୍ଷ ପାଇଁ ଭାରତର ଅଭିବୃଦ୍ଧି ହାର ଆକଳନକୁ ବଢ଼ାଇ ୭ ପ୍ରତିଶତ କରିଛି ଆଇଏମ୍‌ଏଫ୍। ଏହି ଆକଳନ ଭାରତର ଅର୍ଥନୀତି ଅଗ୍ରଗତି ପ୍ରତି ରହିଥିବା ଆଶାକୁ ଆହୁରି ଦୃଢ଼ କରିଛି। ଅନ୍ୟପଟେ, ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ଭାବେ ରହିଥିବା ଜାପାନ ଏବେ ଅନେକ ଆର୍ଥିକ ଓ ଜନସାଂଖ୍ୟିକ ସମସ୍ୟାର ସାମ୍ନା କରୁଛି। ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି, ଶ୍ରମଶକ୍ତି ହ୍ରାସ ଓ ଅର୍ଥନୈତିକ ଅଭିବୃଦ୍ଧିରେ ମନ୍ଥରତା ଦେଶର ଅର୍ଥନୀତି ଉପରେ ପ୍ରବଳ ଚାପ ପକାଉଛି। ଆଇଏମ୍‌ଏଫ୍ର ଆକଳନ ଅନୁସାରେ, ୨୦୨୬ରେ ଜାପାନର ଅଭିବୃଦ୍ଧି ହାର ମାତ୍ର ୦.୭ ପ୍ରତିଶତ ରହିପାରେ।

ଆମେରିକା ,ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଶକ୍ତି ଓ ଇନ୍ଧନ ମୂଲ୍ୟକୁ ନେଇ ଚାପ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଭାରତ ତୁଳନାତ୍ମକ ଭାବେ ଦୃଢ଼ ଆର୍ଥିକ ସ୍ଥିତିରୁ ଏହି ସଙ୍କଟର ସାମ୍ନା କରୁଛି ବୋଲି ଆଇଏମ୍‌ଏଫ୍ର ଏସିଆ ଓ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ନିର୍ଦ୍ଦେଶକ କୃଷ୍ଣା ଶ୍ରୀନିବାସନ କହିଛନ୍ତି। ତାଙ୍କ ମତରେ, ଭାରତର ଦୃଢ଼ ଅର୍ଥନୈତିକ ଭିତ୍ତିଭୂମି, ଆର୍ଥିକ ଶୃଙ୍ଖଳା ଏବଂ ବିଦେଶୀ ମୁଦ୍ରା ଭଣ୍ଡାର ଏଭଳି ସଙ୍କଟର ମୁକାବିଲା କରିବାରେ ସହାୟକ ହୋଇଛି। ଜାପାନର ଅର୍ଥନୀତି ଏବେ ଏକାଧିକ ସମସ୍ୟାର ସାମ୍ନା କରୁଛି। ଇନ୍ଧନ ଦର ବୃଦ୍ଧି ସହ ଦେଶରେ ମୁଦ୍ରାସ୍ଫୀତି ବଢ଼ିବା ଯୋଗୁଁ ସାଧାରଣ ଲୋକଙ୍କ ଉପରେ ମଧ୍ୟ ଆର୍ଥିକ ଚାପ ବଢ଼ିଛି। ଦୀର୍ଘ ସମୟ ଧରି ମୁଦ୍ରାସ୍ଫୀତିର ଅଭାବ ବା ଦରଦାମ୍ ସ୍ଥିର ରହିବା ସମସ୍ୟା ସହ ଲଢୁଥିବା ଜାପାନରେ ୨୦୨୨ ମସିହା ଠାରୁ ଉପଭୋକ୍ତା ମୂଲ୍ୟରେ ନିରନ୍ତର ବୃଦ୍ଧି ଦେଖାଦେଇଛି। ଏହା ସହ ଆମେରିକୀୟ ଡଲାର ତୁଳନାରେ ଜାପାନର ମୁଦ୍ରା ୟେନ୍ର ମୂଲ୍ୟ ହ୍ରାସ ପାଇବା ଯୋଗୁଁ ଆମଦାନୀ ଖର୍ଚ୍ଚ ବଢ଼ିଛି। ଶକ୍ତି ମୂଲ୍ୟ ବୃଦ୍ଧି ଓ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ଲାଗି ଜାପାନର କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ବଢ଼ାଇଛି। ଏହା ପ୍ରାୟ ତିନି ଦଶନ୍ଧି ମଧ୍ୟରେ ସର୍ବୋଚ୍ଚ ସ୍ତରରେ ପହଞ୍ଚିଥିବା ରିପୋର୍ଟରେ କୁହାଯାଇଛି। ବିଶ୍ୱର ସର୍ବବୃହତ୍ ଅର୍ଥନୀତି ଭାବେ ଆମେରିକା ନିଜର ସ୍ଥାନ ବଜାୟ ରଖିଥିବା ବେଳେ ଚୀନ୍ ଦ୍ୱିତୀୟ ଏବଂ ଜର୍ମାନୀ ତୃତୀୟ ସ୍ଥାନରେ ରହିଛି। ଆଇଏମ୍‌ଏଫ୍ର ଆକଳନ ସତ ହେଲେ, ୨୦୨୭ରେ ଭାରତ ଚତୁର୍ଥ ସ୍ଥାନକୁ ଉଠିବ ଏବଂ ଜାପାନ ଷଷ୍ଠ ସ୍ଥାନକୁ ଖସିଯିବ।

ଏପଟେ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ଷେତ୍ରରେ ବିଶ୍ୱବ୍ୟାପୀ ନିବେଶ ବଢୁଥିବାରୁ ଜାପାନର ଅର୍ଥନୀତିକୁ ମଧ୍ୟ କିଛି ଲାଭ ମିଳୁଛି। କିନ୍ତୁ ଏହାର ଲାଭ ଅନ୍ୟ ଏସୀୟ ଦେଶଗୁଡ଼ିକ ତୁଳନାରେ କମ୍ ବୋଲି ଆଇଏମ୍‌ଏଫ୍ର ଏସିଆ ନିର୍ଦ୍ଦେଶକ କହିଛନ୍ତି। ଗୁରୁବାର ଦିନ ଟୋକିଓର ନିକେଇ ଷ୍ଟକ୍ ସୂଚକାଙ୍କ ପ୍ରାୟ ୫ ପ୍ରତିଶତ ହ୍ରାସ ପାଇଥିଲା। ଏଆଇ କ୍ଷେତ୍ରରେ ନିବେଶରୁ ପ୍ରକୃତ ଲାଭ ମିଳିବ କି ନାହିଁ, ସେନେଇ ସନ୍ଦେହ ବଢ଼ିବାରୁ ପ୍ରଯୁକ୍ତି କମ୍ପାନୀଗୁଡ଼ିକର ସେୟାର ମୂଲ୍ୟ ହ୍ରାସ ପାଇଥିଲା। ମୋଟାମୋଟି ଭାବେ, ଭାରତର ଦ୍ରୁତ ଅଭିବୃଦ୍ଧି ଏବଂ ଜାପାନର ମନ୍ଥର ଅର୍ଥନୀତି ବିଶ୍ୱ ଅର୍ଥନୈତିକ ମାନଚିତ୍ରରେ ଏକ ବଡ଼ ପରିବର୍ତ୍ତନର ସଙ୍କେତ ଦେଉଛି। ତେବେ ଭାରତ ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୀତି ହେବାର ଲକ୍ଷ୍ୟ ଏବେ ମଧ୍ୟ ଏକ ଆକଳନ; ଏହାର ବାସ୍ତବ ରୂପ ଆଗାମୀ ଦିନର ଅର୍ଥନୈତିକ ପରିସ୍ଥିତି ଉପରେ ନିର୍ଭର କରିବ।

ଅଡୁଆରେ ବ୍ୟାଙ୍କ ଅଫ୍ ବରୋଦା

୧.୪୪ ଲକ୍ଷ କୋଟି ଟଙ୍କାର ମାମଲା କଲେ ବ୍ୟବସାୟୀ

ନୂଆଦିଲ୍ଲୀ, ୧୫।୧୦: ଏନଏମସି ହେଲ୍ଥକେୟାର ଗ୍ରୁପ୍ ଏବଂ ୟୁଏଇ ଏକ୍ସଚେଞ୍ଜର ପ୍ରତିଷ୍ଠାତା ବି. ଆର୍ ସେଟ୍ଟି ବ୍ୟାଙ୍କ୍ ଅଫ୍ ବରୋଦା ବିରୋଧରେ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହାସହ ସେ ୧୫ ଅରବ ଡଲାର ବା ୧.୪୪ ଲକ୍ଷ କୋଟି ଟଙ୍କାର କ୍ଷତିପୂରଣ ମଧ୍ୟ ମାଗିଛନ୍ତି। ସେଟ୍ଟିଙ୍କ ଅଭିଯୋଗ ଅନୁସାରେ, ସରକାରୀ ବ୍ୟାଙ୍କ୍ ବିଓବି ଏବଂ ଏହାର କିଛି ଅଧିକାରୀ ଠକେଇରେ ସାମିଲ ଅଛନ୍ତି।

ଅଧିକାରୀମାନେ ସେଟ୍ଟିଙ୍କ କମ୍ପାନୀ ସହ ଜଡିତ ଏକ ଠକେଇ ମାମଲାରେ ସାହାଯ୍ୟ କରିଛନ୍ତି। ଏପରିକି ଫେକ୍ ଦସ୍ତଖତରେ ଲୋନ୍ ପ୍ରଦାନ କରିଛନ୍ତି। ସେ ନିଜେ ଅନେକ କାଗଜପତ୍ରରେ କେବେହେଲେ ଦସ୍ତଖତ କରି ନାହାଁନ୍ତି। ହେଲେ ତାଙ୍କର ଜାଲ୍ ଦସ୍ତଖତରେ ଲୋନ୍ ପ୍ରଦାନ କରାଯାଇଛି। କୋର୍ଟରେ ଦାଖଲ ହୋଇଥିବା ଆବେଦନରେ ଦର୍ଶାଯାଇଛି ଯେ, ୨୦୧୯ ଯାଏଁ ବ୍ୟାଙ୍କ୍ ଅଫ୍ ବରୋଦା ଏନଏମସିର ମୁଖ୍ୟ ବ୍ୟାଙ୍କର ଥିଲା। ଏହି ସମୟରେ ଟ୍ରାଞ୍ଜାକସନ୍ ପ୍ରୋସେସ ସହ ସିଷ୍ଟମେଟିକ୍ ମ୍ୟାନେଜମେଣ୍ଟ୍ ରୂପରେ ଅନେକ ଫଣ୍ଡ୍ ହେରଫେର୍ କରାଯାଇଛି। ଫଳରେ ଏନଏମସି ଗ୍ରୁପର ବଭିନ୍ନ କମ୍ପାନୀରୁ ବେଆଇନ ଭାବେ ଟଙ୍କା ଉଠାଯାଇ ପୂର୍ବତନ ସିଇଓ ପ୍ରଶାନ୍ତ ମଙ୍ଗାତଙ୍କ ସେଲ୍ କମ୍ପାନୀକୁ ଟ୍ରାନ୍ସଫର୍ କରାଯାଇଛି। ବ୍ୟାଙ୍କ୍ ଉପରେ ଅଭିଯୋଗ ହୋଇଛି ଯେ, ୨୦୧୭ରୁ ୨୦୧୯ ମଧ୍ୟରେ ବି. ଆର୍ ସେଟ୍ଟିଙ୍କ ଅଜାଣତରେ ତାଙ୍କ ନାଁରେ ନ୍ୟାଶନାଲ ବ୍ୟାଙ୍କ୍ ଅଫ୍ ଫୁଜେରାହରେ ଦୁଇଟି ଫେକ୍ ଆକାଉଣ୍ଟ ଖୋଲା ଯାଇଥିଲା। ଏହା ସାହାଯ୍ୟରେ କମ୍ପାନୀରୁ ବେଆଇନ ଟଙ୍କା ଉଠାଣ କରାଯାଇଥିଲା। କିପରି ପ୍ରମାଣକୁ ଲୁଚାଯାଇପାରିବ ଏବଂ ଡକ୍ୟୁମେଣ୍ଟରେ ଚଞ୍ଚକତା କରାଯିବ ସେନେଇ ମଧ୍ୟ ବ୍ୟାଙ୍କର କିଛି କର୍ମଚାରୀ ଯୋଜନା କରିଥିଲେ। ବ୍ୟାଙ୍କ୍ ଅଫ୍ ବରୋଦା ବ୍ୟତୀତ କମ୍ପାନୀର ୨୫ ଜଣ ପୂର୍ବତନ କର୍ମଚାରୀଙ୍କ ବିରୋଧରେ ମଧ୍ୟ ସେଟ୍ଟି ମାମଲା କରିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ୨୦୨୦ରେ କମ୍ପାନୀରେ ଆର୍ଥିକ ସଙ୍କଟ ଆସିଥିଲା। ଠକେଇର ଖୁଲାସା ହୋଇଥିଲା। କିନ୍ତୁ ବ୍ୟାଙ୍କ୍ ନିଜ ଭୁଲ ଲୁଚାଇ ଓଲଟା ତାଙ୍କ ବିରୋଧରେ ସରକାରୀ ସଂସ୍ଥା ଜରିଆରେ ଲୁକ୍ ଆଉଟ୍ ନୋଟିସ ଜାରି କରିଥିଲା। ଫଳରେ ତାଙ୍କ ସନ୍ଧାନରେ ଆଞ୍ଚ ଆସିଛି। ଏଥିପାଇଁ ସେ ୧୫ ଅରବ ଡଲାରର କ୍ଷତିପୂରଣ ମାଗିଛନ୍ତି। ଏହାମଧ୍ୟରୁ ୫ ଅରବ ଡଲାର ବା ୪୮ ହଜାର କୋଟି ଟଙ୍କା କେବଳ ମାନହାନୀ ପାଇଁ ସେ ଦାବି କରିଛନ୍ତି।

ଗୁଜରାଟରୁ ଡିଜିଟାଲ୍ ଭାରତ ପର୍ଯ୍ୟନ୍ତ ରିଲାଏନ୍ସର ସଫଳ ଯାତ୍ରା

ଅହମଦାବାଦ,୧୫।୧୦: ଧୀରୁଭାଇ ଅମ୍ବାନୀଙ୍କ ଶିଳ୍ପ ପ୍ରତିଷ୍ଠାର ସ୍ୱପ୍ନରୁ ଆରମ୍ଭ ହୋଇଥିବା ରିଲାଏନ୍ସର ଯାତ୍ରା ଆଜି ଡିଜିଟାଲ୍ ଭାରତରେ ପ୍ରଯୁକ୍ତିର ନୂଆ ଦିଗରେ ଆଗକୁ ବଢୁଛି। ତିନି ପିଢ଼ି ଧରି ଏହି ପରିବାର ଭାରତର ଶିଳ୍ପ, ଶକ୍ତି, ଟେଲିକମ୍ ଓ ଡିଜିଟାଲ୍ କ୍ଷେତ୍ରରେ ନିଜର ପ୍ରଭାବ ବଢ଼ାଇଛି। ଏବେ ତୃତୀୟ ପିଢ଼ିର ଆକାଶ ଅମ୍ବାନୀଙ୍କ ନେତୃତ୍ୱରେ ଜିଓ ନୂଆ ପ୍ରଯୁକ୍ତି ଓ ଡିଜିଟାଲ୍ ସେବା ଉପରେ ଗୁରୁତ୍ୱ ଦେଉଛି।

୧୯୭୭ରେ ଧୀରୁଭାଇ ଅମ୍ବାନୀ ରିଲାଏନ୍ସକୁ ପୁଞ୍ଜି ବଜାରକୁ ଆଣିଥିଲେ। ସାଧାରଣ ନିବେଶକଙ୍କୁ ଶିଳ୍ପ ବିକାଶର ଅଂଶୀଦାର କରିବା ତାଙ୍କ ଦୃଷ୍ଟିକୋଣର ଏକ ପ୍ରମୁଖ ଅଂଶ ଥିଲା। ପରବର୍ତ୍ତୀ ସମୟରେ ମୁକେଶ ଅମ୍ବାନୀଙ୍କ ନେତୃତ୍ୱରେ କମ୍ପାନି ଶକ୍ତି, ରିଟେଲ୍, ଟେଲିକମ୍ ଓ ଡିଜିଟାଲ୍ ସେବା କ୍ଷେତ୍ରରେ ସଂପ୍ରସାରିତ ହୋଇଥିଲା। ଜିଓର ବିକାଶ ଗୁଜରାଟର ଡିଜିଟାଲ୍ ପରିବର୍ତ୍ତନ ସହ ମଧ୍ୟ ଜଡ଼ିତ ରହିଛି। ୨୦୨୨ ଶେଷ ଭାଗରେ ଜିଓ ଗୁଜରାଟର ସମସ୍ତ ୩୩ଟି ଜିଲ୍ଲା ମୁଖ୍ୟାଳୟରେ ୫ଜି ସେବା ପହଞ୍ଚାଇଥିବା ଦାବି କରିଥିଲା। ଏହା ଛାତ୍ରଛାତ୍ରୀ, କୃଷକ, ଉଦ୍ୟୋଗୀ ଓ ଛୋଟ ବ୍ୟବସାୟୀଙ୍କ ପାଇଁ ଡିଜିଟାଲ୍ ସୁଯୋଗ ବଢ଼ାଇବାର ଲକ୍ଷ୍ୟ ରଖିଛି। ଜିଓ ଏବେ କେବଳ ଟେଲିକମ୍ କମ୍ପାନି ଭାବେ ସୀମିତ ନାହିଁ। କୃତ୍ରିମ ବୁଦ୍ଧିମତ୍ତା, କ୍ଲାଉଡ୍ ସେବା, ଡିଜିଟାଲ୍ ପ

ଜିଲ୍ଲାର ସରକାରୀ ବିଦ୍ୟାଳୟରେ ସଂଶୋଧିତ ପାଠ୍ୟପୁସ୍ତକ ବିତରଣ

ମାଲକାନଗିରି,୧୫।୧୦ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ପ୍ରାଥମିକ ତଥା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ସଂଶୋଧିତ ତଥା ତ୍ରୁଟିମୁକ୍ତ ନୂତନ ପାଠ୍ୟପୁସ୍ତକ ବଣ୍ଟନ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି। ରାଜ୍ୟ ପାଠ୍ୟପୁସ୍ତକ ମୁଦ୍ରଣ ଓ ବିତରଣ ନିର୍ଦ୍ଦେଶାଳୟରୁ ଜିଲ୍ଲାସ୍ତରୀୟ ଡିପୋକୁ ଆବଶ୍ୟକୀୟ ପାଠ୍ୟପୁସ୍ତକ ପହଞ୍ଚିବା ପରେ, ଜିଲ୍ଲା ପ୍ରକଳ୍ପ ସଂଯୋଜକ (ସମଗ୍ର ଶିକ୍ଷା) ତଥା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ୭ଟି ବ୍ଲକକୁ ବହି ଯୋଗାଣ ପ୍ରକ୍ରିୟା ତ୍ୱରାନ୍ୱିତ କରାଯାଇଛି। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀ ନିଜେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଆଶୀର୍ବାଦ କଲୋନୀ (ମାଲକାନଗିରି ପୌରାଞ୍ଚଳ) ପରିସରରେ ଉପସ୍ଥିତ ରହି ପ୍ରାଥମିକ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କୁ ନୂତନ ସଂଶୋଧିତ ପୁସ୍ତକ ବଣ୍ଟନ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବ୍ଲକ୍‌ସ୍ତରରୁ ଦୁର୍ଗମ ଓ ଉପାନ୍ତ ଅଞ୍ଚଳର ବିଦ୍ୟାଳୟଗୁଡ଼ିକୁ ପୁସ୍ତକ ସୁଚାରୁରୂପେ ପଠାଇବା ପାଇଁ ସମସ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ କ୍ଲଷ୍ଟର ସମ୍ବଳ କେନ୍ଦ୍ର ସଂଯୋଜକ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଶେଷ କରି ସ୍ୱାଭିମାନ ଅଞ୍ଚଳ, ଚିତ୍ରକୋଣ୍ଡା, ମାଥିଲି, ପଡ଼ିଆ, କାଲିମେଳା, ଖଇରପୁଟ ଓ କୋରୁକୋଣ୍ଡା ଭଳି ବ୍ଲକ୍‌ଗୁଡ଼ିକର ଶେଷ ସୀମାନ୍ତରେ ଥିବା ବିଦ୍ୟାଳୟଗୁଡ଼ିକରେ ଯେପରି କୌଣସି ଛାତ୍ରଛାତ୍ରୀ ପାଠ୍ୟପୁସ୍ତକରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବିଶେଷ ଗୁରୁତ୍ୱ ଦିଆଯାଇଛି। ଚଳିତ ଶିକ୍ଷାବର୍ଷରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାର୍ଥୀମାନେ ନୂତନ ଓ ପରିମାର୍ଜିତ ବିଷୟବସ୍ତୁ ସହିତ ସଠିକ୍ ପାଠ୍ୟପୁସ୍ତକ ପଢ଼ିବାର ସୁଯୋଗ ପାଇବେ। ବିଷୟଗତ ତ୍ରୁଟି ସଂଶୋଧନ ହୋଇଥିବାରୁ ଏହା ଶ୍ରେଣୀଗୃହ ଶିକ୍ଷାଦାନକୁ ଅଧିକ ସହଜ, ସରଳ ଓ ପ୍ରଭାବଶାଳୀ କରିବ। ସରକାରଙ୍କ ଏହି ସମୟୋପଯୋଗୀ ପଦକ୍ଷେପ ଯୋଗୁଁ ଜିଲ୍ଲାର ଅଭିଭାବକ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି।

କର୍କଟ ରୋଗୀଙ୍କ ପୁନର୍ବାସ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ

୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କଲା ସୋଆ

ଭୁବନେଶ୍ୱର,୧୫।୧୦ (ସଂଚାର ବ୍ୟୁରୋ): କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେବା ସହ ସେମାନଙ୍କ ଥଇଥାନ, ମାନସିକ ଓ ସାମାଜିକ ସହଯୋଗ ଏବଂ ରୋଗୀଙ୍କ କଲ୍ୟାଣ କ୍ଷେତ୍ରରେ ନିଃସ୍ୱାର୍ଥପର ସେବା ପାଇଁ ୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନକୁ ସମ୍ମାନିତ କରିଛି ଶିକ୍ଷା 'ଓ' ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟ। ସୋଆ କ୍ୟାମ୍ପସ୍‌ରେ ଶନିବାର 'ଚାମ୍ପିଅନ୍ସ ଅଫ୍ ହୋପ୍ ୨୦୨୬' କାର୍ଯ୍ୟକ୍ରମରେ କର୍କଟ ରୋଗୀଙ୍କ ପୁନର୍ବାସ ଓ ରୋଗମୁକ୍ତ ଜୀବନ ସମ୍ପର୍କିତ ଏକ ଜାତୀୟ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ କାର୍ଯ୍ୟରତ ୪୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ସଂଗଠନ ଯୋଗ ଦେଇଥିଲେ।

ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍ କ୍ୟାମ୍ପସ -୧ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର, ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ପୁଷ୍କରାଜ ସାମନ୍ତସିଂହାର, ଆଇଏମ୍‌ଏସ୍ ଓ ସମ୍ ହସ୍ପିଟାଲ କ୍ୟାମ୍ପସ -୨ର ମେଡିକାଲ୍ ସୁପରିଟେଣ୍ଡେଂଟ ଡାକ୍ତର ରାଜେଶ କୁମାର ଲେଙ୍କା ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନ୍ସେସ୍‌ର ଡିନ୍ ଡାକ୍ତର ରୁଚି ଭୂୟାଁ ଯୋଗ ଦେଇଥିଲେ। ସୋଆର କର୍ପୋରେଟ୍ ସୋସିଆଲ୍ ରେସପନ୍ସିବିଲିଟି (ସିଏସ୍‌ଆର୍), ଦକ୍ଷତା ବିକାଶ ଓ ଉଦ୍ୟୋଗ ବିଭାଗର ଉପନିର୍ଦ୍ଦେଶକ ଶ୍ରୀ ଅଶୋକ କୁମାର ନାୟକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

ଏହି ଅବସରରେ ପ୍ରଫେସର ନନ୍ଦ କର୍କଟ ରୋଗୀ ଓ ସେମାନଙ୍କ ପରିବାରକୁ ସହାୟତା ଯୋଗାଇ ଦେଉଥିବା ସଂଗଠନଗୁଡ଼ିକର ଉଦ୍ୟମକୁ ପ୍ରଶଂସା କରିବା ସହ ସେମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏକ ସୁସ୍ଥ, ଯନ୍ତ୍ରଣାମୁକ୍ତ ଓ କର୍କଟ ରୋଗ ସମ୍ପର୍କରେ ସଚେତନ ଭାରତ ଗଠନ ପାଇଁ ସମସ୍ତଙ୍କର ମିଳିତ ପ୍ରୟାସ ଆବଶ୍ୟକ ବୋଲି ସେ କହିଥିଲେ। ଡାକ୍ତର ସାମନ୍ତସିଂହାର କର୍କଟ ରୋଗର କଠିନ ଯାତ୍ରାରେ ରୋଗୀ ଓ ସେମାନଙ୍କ ପରିବାରକୁ ସହଯୋଗ କରିବାରେ ଆଶ୍ୱାସନା ଦେଇଥିଲେ। ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକର ଭୂମିକାକୁ ଗୁରୁତ୍ୱ ଦେଇଥିବା ବେଳେ ପ୍ରଫେସର ମିଶ୍ର କର୍କଟ ପ୍ରଭାବିତ ପରିବାରଗୁଡ଼ିକ ମୁହଁରେ ହସ ଫୁଟାଇବା ଓ ସେମାନଙ୍କ ମନରେ ଆତ୍ମବିଶ୍ୱାସ ଜାଗ୍ରତ କରିବାରେ ସଂଗଠନଗୁଡ଼ିକର ଅବଦାନକୁ ପ୍ରଶଂସା କରିଥିଲେ। ଡାକ୍ତର ଭୂୟାଁ ତମାଖୁ ସେବନ ସହ ଜଡ଼ିତ ମୁଖଗହ୍ୱର କର୍କଟ ସମ୍ପର୍କରେ ଜନସଚେତନତା ବୃଦ୍ଧି କରିବାକୁ ସଂଗଠନଗୁଡ଼ିକୁ ଆହ୍ୱାନ ଦେବା ସହ ଏ କ୍ଷେତ୍ରରେ ଅନୁଷ୍ଠାନ ପକ୍ଷରୁ ସହଯୋଗର ଆଶ୍ୱାସନା ଦେଇଥିଲେ।

ଅନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ପାଳିତ

ବାଲିଅନ୍ତା,୧୫।୧୦ (ସଂଚାର ବ୍ୟୁରୋ): ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ ଅଧୀନସ୍ଥ 'ମାଇ ଭାରତ' (ଗଣ ଈକ୍ଷବକ୍ସବକ୍ସ), ଖୋର୍ଦ୍ଧା ପକ୍ଷରୁ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ପ୍ରତାପ ଶାସନ ଗ୍ରାମ ପଞ୍ଚାୟତର ପ୍ରତିଭା କୋଚିଂ ପରିସରରେ ଆନ୍ତର୍ଜାତୀୟ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ମଙ୍ଗଳବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଯୁବ ସମାଜସେବୀ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ବିଶିଷ୍ଟ ଶିକ୍ଷାବିତ୍ ବିଧୁଭୂଷଣ ପଟ୍ଟନାୟକ, ନାରାୟଣ ବେହେରା, ଯୁବ ସମାଜସେବୀ ବ୍ରହ୍ମାନନ୍ଦ ସ୍ୱାଇଁ, ପରିବେଶବିତ୍ ଦିନବନ୍ଧୁ ଭୋଇ ଏବଂ ପ୍ରତିଭା କୋଚିଂର ମୁଖ୍ୟ ଚିତ୍ତରଞ୍ଜନ ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶତାଧିକ ଯୁବକ ଓ ଯୁବତୀ ଯୋଗଦେଇ ବିପର୍ଯ୍ୟୟର ବିପଦ ହ୍ରାସ, ପୂର୍ବ ପ୍ରସ୍ତୁତି ଏବଂ ଜନସଚେତନତା ସମ୍ପର୍କରେ ଆଲୋଚନା କରିଥିଲେ। ଯୁବପିଢ଼ିଙ୍କ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ସଚେତନତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏକ ବକ୍ତୃତା ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୫୦୦ ଟଙ୍କା, ଦ୍ୱିତୀୟ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୩୦୦ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାରୀଙ୍କୁ ମାନପତ୍ର ସହ ୨୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ବିପର୍ଯ୍ୟୟ ସମୟରେ ଧନଜୀବନର ସୁରକ୍ଷା, ପୂର୍ବରୁ ସତର୍କତା ଅବଲମ୍ବନ ଏବଂ ସମାଜରେ ସଚେତନତା ସୃଷ୍ଟି କରିବା ଦିଗରେ ଯୁବପିଢ଼ିଙ୍କ ଭୂମିକାକୁ ଗୁରୁତ୍ୱ ଦେଇ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଜୁନାଗଡ଼ରେ ବିସିଜେଡିର ବାଜିମାତ୍ ସଭାପତି ସମେତ ୪ ପଦବୀ ପୋଛିନେଲେ

ଭବାନୀପାଟଣା,୧୫।୧୦ (ସଂଚାର ବ୍ୟୁରୋ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ପ୍ରିୟ ଦର୍ଶିନୀ ଇନ୍ଦିରା(ପିଆଇ) ଡିଗ୍ରୀ କଲେଜରେ ଅନୁଷ୍ଠିତ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ବାଜିମାତ୍ କରିଛି। ସଭାପତି ସମେତ ୪ଟି ପଦବୀ ପୋଛି ନେଇଛି ବିସିଜେଡି। ତାହା ପୁଣି ବିପୁଳ ଭୋଟରେ ଏବିଭିପି ପ୍ରାର୍ଥୀଙ୍କୁ ପରାସ୍ତ କରି। ସଭାପତି ଭାବେ ଇନ୍ଦ୍ରାଶିଶ ବେହେରା, ଉପସଭାପତି ଅଞ୍ଜଳି ନାୟକ, ସଂଘ ସମ୍ପାଦକ ଅମିତ ବାଗ ଓ ସହକାରୀ ସମ୍ପାଦକ ଭାବେ ଯୋଗେଶ କୁମାର ନିର୍ବାଚିତ ହୋଇଛନ୍ତି। ଜୁନାଗଡ଼ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ବଳିଷ୍ଠ ନେତୃତ୍ୱ ସହ ବିଜେଡି କାର୍ଯ୍ୟକର୍ତ୍ତାଙ୍କ ସଙ୍ଘର୍ଷ ଯୋଗୁ ଏହି ସଫଳତା ମିଳିଥିବା ଜଣାପଡିଛି।

ଜିଲ୍ଲାସ୍ତରୀୟ ଦୁଇ ଦିନିଆ କବାଡ଼ି ପ୍ରତିଯୋଗିତା

ଧର୍ମଶାଳା,୧୫।୧୦ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲା ସ୍ତରୀୟ ଦୁଇ ଦିନିଆ କବାଡି ପ୍ରତିଯୋଗିତା ରସୁଲପୁର ବ୍ଲକ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟ, କଲଣ ଠାରେ ଆରମ୍ଭ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୃଷ୍ଣାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ମୀନତି ସାହୁ ଯୋଗଦେଇ ଖେଳ ପତାକା ଉଡାଇ ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ମୁଖ୍ୟ ବକ୍ତା ଭାବେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ପ୍ରାକ୍ତନ ପ୍ରଧାନ ଶିକ୍ଷକ ବିଦ୍ୟାଧର ସାହୁ ଯୋଗ ଦେଇଥିଲେ।ବିଶେଷ ଅତିଥି ଭାବେ ପ୍ରୋ-କବାଡି ଖେଳାଳି ଅରବିନ୍ଦ ଖୁଣ୍ଟିଆ, ସୁଜିତ ମହାରଣା, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ମୋହନ ଟୁଡୁ ଓ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସବିତା ନାୟକ ଯୋଗ ଦେଇଥିଲେ।ସମ୍ମାନିତ ଅତିଥି ଭାବେ ବରିଷ୍ଠ ଶିକ୍ଷାବିତ୍ ବିଦ୍ୟାଧର ସାହୁ, ପୁରାତନ ଛାତ୍ର ସଂସଦ ସଭାପତି ଡ. ବସନ୍ତ କୁମାର ଶତପଥୀ, ପୂର୍ବତନ ପ୍ରଧାନ ଶିକ୍ଷକ କୁଶମଣି ପଣ୍ଡା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଗୋଲେଖ ଚନ୍ଦ୍ର ମଲ୍ଲିକ, ପୂର୍ବତନ ଶିକ୍ଷା ପ୍ରଶାସକ ଶରତ ଚନ୍ଦ୍ର ଦାସ, ଯାଜପୁର କବାଡି ଆସୋସିଏସନର ଉପସଭାପତି କୃଷ୍ଣକାନ୍ତ ପଣ୍ଡା, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମହେନ୍ଦ୍ର କୁମାର ସାହୁ, ଗୁରୁକୁଳ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ନାଏକ ଓ ଖଣ୍ଡିତର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନନ୍ଦ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରତିଯୋଗିତାରେ ଜିଲ୍ଲାର ୧୦ଟି ବ୍ଲକରୁ ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ୍ ବାଳକ-ବାଳିକା ବର୍ଗରେ ମୋଟ ୬୦୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୫୦ ଜଣ କ୍ରୀଡା ଶିକ୍ଷକ ପ୍ରତିଯୋଗିତା ପରିଚାଳନାରେ ସହଯୋଗ କରୁଛନ୍ତି।

ବିଭିନ୍ନ ଦାବି ନେଇ ଜିଲାପାଳଙ୍କୁ ଭେଟିଲା ବରିଷ୍ଠ ନାଗରିକ ଫୋରମ୍

ଦେବଗଡ଼,୧୫।୧୦ (ସଂଚାର ବ୍ୟୁରୋ): ଦେବଗଡ଼ ଜିଲ୍ଲା ଏକ ଶିଳ୍ପ ବିହୀନ ଜିଲ୍ଲା ଓ ଜିଲ୍ଲାର ଅଧିକାଂଶ ଲୋକ ମୁଖ୍ୟତଃ ଚାଷ ଉପରେ ନିର୍ଭର କରୁଥିବାରୁ ଜିଲ୍ଲାରେ ଏକ କୃଷି ବିଶ୍ୱବିଦ୍ୟାଳୟ, ପଶୁ ସମ୍ବଦ ବିଶ୍ୱବିଦ୍ୟାଳୟ କିମ୍ବା ଫରେଷ୍ଟ୍ରିର ଏକ କଲେଜ/ଶାଖା ସ୍ଥାପନ ସମେତ ବିଭିନ୍ନ ଦାବିରେ ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ୍ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ଦେବଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ଫୋରମ୍ ପକ୍ଷରୁ ଫୋରମ୍‌ର ସଭାପତି ରାମଚନ୍ଦ୍ର ମହାପାତ୍ର, ଦିଲ୍ଲୀପ କୁମାର ଗୁରୁ, କାମାକ୍ଷା ଗଙ୍ଗଦେବ ଓ ସନ୍ତୋଷ ସାହୁ ଦେବଗଡ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କୁ ତାଙ୍କ କାର୍ଯ୍ୟାଳୟ ପରିସରସ୍ଥ ବିକାଶ ଭବନରେ ସାକ୍ଷାତ କରି ଉପରୋକ୍ତ ଦାବିପତ୍ର ପ୍ରଦାନ କରିଥିଲେ। ଉକ୍ତ ପତ୍ରରେ ଜିଲ୍ଲାର ଏକ ମାତ୍ର ସରକାରୀ ପଲିଟେକନିକ୍ କଲେଜର ଅପ୍‌ଗ୍ରେଡେଶନ କରି ଡିଗ୍ରୀ କଲେଜର ମାନ୍ୟତା ପ୍ରଦାନ, ଜିଲ୍ଲା ସଦର ମହକୁମାରେ ମହାତ୍ମା ଗାନ୍ଧୀଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ, ସହରର ସଂସ୍କୃତି ଭବନ ନିକଟରେ ଥିବା ଭଙ୍ଗାଘରକୁ ଭାଙ୍ଗି ସେଠାରେ ମଞ୍ଚ କଳାକାରମାନଙ୍କ ନିମନ୍ତେ ଏକ ରଙ୍ଗ ମଞ୍ଚ ନିର୍ମାଣ ଏବଂ ସହରର ସମସ୍ତ ଛକଗୁଡ଼ିକରେ ନାମଫଳକ ସ୍ଥାପନ ଆଦି ଦାବି ଅନ୍ତର୍ଭୁକ୍ତ ଥିବା ଜଣାପଡ଼ିଛି।

ବିଦ୍ୟାଳୟର ସଂସ୍କୃତ ସପ୍ତାହ ସମାରୋହ

ନୀଳଗିରି,୧୫।୧୦(ସଂଚାର ବ୍ୟୁରୋ) ପି.ଏମ୍. ଶ୍ରୀ କେ.ସି. ସରକାରୀ ଉଚ୍ଚ ବିଦ୍ୟାଳୟ, ନୀଳଗିରିଠାରେ ସଂସ୍କୃତ ସପ୍ତାହ ସମାରୋହ ଆନନ୍ଦ ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ଏହି ଉତ୍ସବରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ଲକ୍ଷ୍ମୀପ୍ରିୟା ମହାନ୍ତି ମହୋଦୟା ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ରୂପେ ଡ. କୁମାର ଚନ୍ଦ୍ର ମିଶ୍ର ଯୋଗଦେଇ ସଂସ୍କୃତ ଭାଷାର ମହତ୍ତ୍ୱ, ଏହାର ପ୍ରାଚୀନତା ତଥା ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏହାର ଅବଦାନ ସମ୍ପର୍କରେ ନିଜର ମୂଲ୍ୟବାନ ମତ ରଖିଥିଲେ। ମୁଖ୍ୟ ଅତିଥି ଭାବେ ଶ୍ରୀଯୁକ୍ତ ସୋରଜ କୁମାର ରାଉତ ମହୋଦୟ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଶ୍ରୀଯୁକ୍ତ ଦୀପକ କୁମାର ଦାସ ମହୋଦୟ ଯୋଗଦେଇଥିଲେ। ଏହି ଅବସରରେ ଛାତ୍ର ସଂସଦର ସଭାପତି ସୁରଞ୍ଜନ ମହାପାତ୍ର ମହୋଦୟ ଓ ସମ୍ପାଦକ ଶ୍ରୀଯୁକ୍ତ ସୁଶାନ୍ତ ମହାପାତ୍ର ମହୋଦୟ ଉପସ୍ଥିତ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ଶ୍ରୀମତୀ ରେଣୁବାଳା ମହୋଦୟା ଓ ବରିଷ୍ଠ ସଂସ୍କୃତ ଶିକ୍ଷୟିତ୍ରୀ ଶ୍ରୀମତୀ ସୁଚିସ୍ମିତା ଦାସମହୋଦୟା ମଧ୍ୟ ଉତ୍ସବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ସ୍ୱାଗତ ନୃତ୍ୟ ପରିବେଷଣ କରି ଅତିଥିମାନଙ୍କୁ ଭାବପୂର୍ଣ୍ଣ ସ୍ୱାଗତ ଜଣାଇଥିଲେ। ଏହା ସହିତ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପରିବେଷଣ ଉତ୍ସବକୁ ଆକର୍ଷଣୀୟ କରିଥିଲା। ସଂସ୍କୃତ ଭାଷାର ପ୍ରଚାର, ପ୍ରସାର ଓ ଏହାର ଗୌରବମୟ ପରମ୍ପରାକୁ ନୂତନ ପିଢ଼ି ମଧ୍ୟରେ ଉଜ୍ଜୀବିତ କରିବା ଏହି ସମାରୋହର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଶେଷରେ ବିଦ୍ୟାଳୟର ସଂସ୍କୃତ ଶିକ୍ଷୟିତ୍ରୀ ପ୍ରତିମା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହାପରେ ଶାନ୍ତିପାଠ ସହିତ ସମାରୋହର ସମାପନ ହୋଇଥିଲା। ସଂସ୍କୃତ ଭାଷାର ଗୌରବ ଓ ମହତ୍ତ୍ୱକୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରସାର କରିବା ସହ ଭାରତୀୟ ସଂସ୍କୃତି ପ୍ରତି ସମ୍ମାନ ଓ ଆଗ୍ରହ ସୃଷ୍ଟି କରିବାରେ ଏହି ସଂସ୍କୃତ ସପ୍ତାହ ସମାରୋହ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଥିଲା।

କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ

ବାଲିଆପାଳ,୧୫।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ସୁରେନ୍ଦ୍ରନାଥ ଭୂୟାଁ ସହୋଯୋଗ ନିଖିରେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଖିରା କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରାମଚନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ନିଖିରା କ୍ଲଷ୍ଟରୁ ୧୫ଟି ବିଦ୍ୟାଳୟରୁ ଉଭୟ କନିଷ୍ଠ ଏବଂ ବରିଷ୍ଠ ବର୍ଗର ୨୫୦ ପ୍ରତିଯୋଗୀ ପ୍ରତିଯୋଗିତା ଅଂଶ ଗ୍ରହଣ କରିଥିଲେ। କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ବ୍ଲକସ୍ତରୀୟ ପ୍ରତିଯୋଗିତାକୁ ମନୋନୀତ କରାଯାଇଛି। ସିଆରସିସିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ନିଖିରା ପଞ୍ଚାୟତର

ସରପଞ୍ଚ ଅଞ୍ଜନ କୁମାର ଗିରି, ମୁଖ୍ୟ ବକ୍ତା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତ୍ରୀଲୋଚନ ନାୟକ, ବରେଣ୍ୟ ଅତିଥି ଶିକ୍ଷକ ସମନ୍ୱୟ ସମିତିର ସଭାପତି ବିଶ୍ୱମ୍ବର ପାତ୍ର, ସମ୍ମାନିତ ଅତିଥି ପ୍ରାଥମିକ ବିଦ୍ୟାଳୟର ପ

SANCHAR
ସଂଚାର
ଶୁକ୍ରବାର ୧୬ ଅକ୍ଟୋବର ୨୦୨୬

ସ୍ୱାସ୍ଥ୍ୟ

ଫାଇବର ଶରୀର ପାଇଁ ନିହାତି ଆବଶ୍ୟକ

ସୁସ୍ଥ ରହିବା ପାଇଁ ବହୁ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି। ଫାଇବରର ଅଭାବ ଶରୀର ପାଇଁ କେତେ କ୍ଷତିକାରକ? ଏହା ଓଜନ କମାଇବାଠାରୁ ଆରମ୍ଭ କରି ହୃଦୟ ରୋଗରୁ ରକ୍ଷା କରିବା ଯାଏ ବହୁତ କିଛିରେ ସହାୟକ ହୋଇଥାଏ।

ବାସ୍ତବରେ କହିବାକୁ ଗଲେ ଫାଇବର ହେଉଛି, ଆମେ ଯାହା ଖାଉଛେ ସେସବୁକୁ ଠିକ୍ ଭାବେ ହଜମ କରିବାରେ ଫାଇବର ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଶରୀରକୁ ସିଧାସଳଖ ଭାବେ କୌଣସି ପୋଷକ ତତ୍ତ୍ୱ ଯୋଗାଇ ନଥାଏ, କିନ୍ତୁ ସୁସ୍ଥ ଜୀବନଶୈଳୀ ପାଇଁ ଡାଏଟ୍‌ରେ ଏହାକୁ ସାମିଲ୍ କରିବ ଖୁବ୍ ଜରୁରି। ଏହା ସାହାଯ୍ୟରେ ହିଁ ବ୍ୟକ୍ତି ଅଧିକ ସମୟ ଯାଏ ଭୋକ ଅନୁଭବ କରି ନଥାଏ। ଏହା ଓଭର ଇଟିଙ୍ଗ୍‌ଠାରୁ ରକ୍ଷା କରିବା ସହ ଓଜନ କମାଇବାରେ ସହଯୋଗ କରିଥାଏ। ଚାଲନ୍ତୁ ଜାଣିବା ଫାଇବର କ'ଣ? ଶରୀରରେ ଏହାର ଆବଶ୍ୟକତା ଓ ଅଭାବରୁ ହେଉଥିବା କ୍ଷତି ବିଷୟରେ ଜାଣିବା। ଫାଇବର ଏକ ପ୍ରକାର କାର୍ବୋ ହାଇଡ୍ରେଟ୍। ଏହା ହଜମ ପ୍ରକ୍ରିୟାକୁ ସୁଚାରୁ ରୂପେ ନିୟନ୍ତ୍ରିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ଦୁଇପ୍ରକାରର ହୋଇଥାଏ। ପ୍ରଥମତଃ ଘୂର୍ଣ୍ଣନଶୀଳ ଓ ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର। ଘୂର୍ଣ୍ଣନଶୀଳ ଫାଇବର ଦ୍ୱାରା ଖାଦ୍ୟ ସହଜରେ ପାଣିରେ ମିଶିଯାଇଥାଏ। ଏହା ଶରୀରରେ ତରଳ ପଦାର୍ଥ ଭାବେ ରୂପାନ୍ତରିତ ହୋଇ କୋଲେଷ୍ଟେରଲ୍‌କୁ ନିୟନ୍ତ୍ରିତ କରିବାରେ ସହଯୋଗ କରିଥାଏ। ସେହିପାଇଁ ମଧୁମେହ ଓ ରକ୍ତଚାପ ରୋଗୀଙ୍କୁ ଡାଏଟ୍‌ରେ ଅଧିକ ଘୂର୍ଣ୍ଣନଶୀଳ ଫାଇବର ନେବାକୁ ପରାମର୍ଶ ଦିଆଯାଇଥାଏ। ଦ୍ୱିତୀୟତଃ ଅଘୂର୍ଣ୍ଣନଶୀଳ ଫାଇବର ଓଜନ କମାଇବାକୁ ଚାହୁଁଥିବା ଲୋକଙ୍କ ପାଇଁ ଖୁବ୍ ସହାୟକ ହୋଇଥାଏ। ଏହା ଶରୀରରେ ଥିବା ଅଦରକାରୀ ଖାଦ୍ୟକୁ ସଫା କରିବାରେ ସାହାଯ୍ୟ କରିଥାଏ।

ଫାଇବରଯୁକ୍ତ ଖାଦ୍ୟ ଖାଇବା ଦ୍ୱାରା କେତେକ ରୋଗରୁ ମୁକ୍ତି ମିଳିଥାଏ। ଫାଇବର ଗହମ ଅଟା, ସବୁଜ ପତ୍ରଯୁକ୍ତ ପରିବା, ସାଲାଡ, ଟମାଟୋ, ପିଆଜ, ଚୋପାଯୁକ୍ତ ଡାଲି, ଶାକରକନ୍ଦ, ସୁଜି, ବେସନ, ଦଲିଆ, ଅଙ୍ଗୁର ଓ ସେଓ ଆଦିରୁ ଭରପୂର ମାତ୍ରାରେ ମିଳିଥାଏ। ଯଦି ବ୍ୟକ୍ତିଠାରେ ମଧୁମେହ କିମ୍ବା ମୋଟାପଣ ସମସ୍ୟା ରହିଥାଏ, ତେବେ ଏସବୁ ଖାଦ୍ୟକୁ ଡାଏଟ୍‌ରେ ସାମିଲ୍ କରିବା ଆବଶ୍ୟକ।

ଶରୀରକୁ ଆବଶ୍ୟକ ପର୍ଯ୍ୟାପ୍ତ ମାତ୍ରାର ଫାଇବର ନ ମିଳିବା ଦ୍ୱାରା ପାଚନ ତନ୍ତ୍ର ବିଗିଡ଼ି ଯାଇଥାଏ। ଫଳରେ ପେଟ ସମସ୍ୟା, ମୁହଁରେ ବ୍ରଣ, ପାଟିରେ ଅଲସର୍ ପରି ସମସ୍ୟା ଦେଖା ଦେଇଥାଏ। ଏହାବ୍ୟତୀତ ଫାଇବର ଅଭାବରୁ ଗ୍ୟାସ୍, କବ୍ଜ, ବଦ୍‌ହଜମୀ ଓ ଏସିଡିଟି ପରି ସମସ୍ୟାମାନ ଉପୁଜିଥାଏ। ସେହିପରି ହୃଦୟଜନିତ ସମସ୍ୟା, ଅନ୍ତଃନଳୀ କର୍କଟ ଇତ୍ୟାଦି ସମସ୍ୟା ମଧ୍ୟ ଆସିପାରେ।

ରାତିରେ କିପରି ଦୂର କରିବେ ପାଦ ଯନ୍ତ୍ରଣା?

ରାତିରେ ଖଟ ଉପରେ ପଡିବା ପରେ ପାଦରେ ଅଜବ ପ୍ରକାରର ସମସ୍ୟା ଅନୁଭବ ହେଉଛି କି? ଚଲାବୁଲା କରିବା ପରେ ପାଦକୁ ଆରାମ ମିଳୁଛି? ଯଦି ହଁ, ତେବେ ଏହା ଆଦୌ ସାମାନ୍ୟ ସମସ୍ୟା ନୁହେଁ। ବରଂ ଏହା ରେଷ୍ଟଲେସ୍ ଲେଗ୍ ସିଣ୍ଡ୍ରୋମ୍‌ର ଲକ୍ଷଣ। ନ୍ୟୁରୋଲୋଜିଷ୍ଟ ଡାକ୍ତର ଭୂପେଶ କୁମାର ମନସୁଖାନିଙ୍କ ଅନୁସାରେ... ଏହି ଲକ୍ଷଣ ନ୍ୟୁରୋଲୋଜିକାଲ୍ ବ୍ୟବସ୍ଥା ସହ ଜଡ଼ିତ। ଆମ ଶରୀରର ସମସ୍ତ ଗତିବିଧିକୁ ମସ୍ତିଷ୍କ ଓ ଶିରାପ୍ରଶିରା ନିୟନ୍ତ୍ରଣ କରିଥାନ୍ତି। ମସ୍ତିଷ୍କରେ ଡୋପାମାଇନ୍ ନାମକ ଏକ କେମିକାଲ୍ ରହିଥାଏ, ଯାହା ମାଂସପେଶୀର ପ୍ରତି କାମକୁ ଉପଯୁକ୍ତ ଢଙ୍ଗରେ କରିବାକୁ ସହାୟତା କରିଥାଏ। ଯେତେବେଳେ ମସ୍ତିଷ୍କରେ ଏହି ରସାୟନର ସନ୍ତୁଳନ ବିଗିଡ଼ିଯାଏ ତେବେ ପାଦରେ ଅନିୟନ୍ତ୍ରିତ କାର୍ଯ୍ୟକଳାପ ଓ ବ୍ୟସ୍ତତା ଅନୁଭବ ହୋଇଥାଏ। ଅନେକ ସମୟରେ ଏପରି ସମସ୍ୟା ମଧ୍ୟ ଅନ୍ୟ କେତେକ ସ୍ଥିତିର ଲକ୍ଷଣ ହୋଇପାରେ। ଡାକ୍ତରଙ୍କ ମତରେ ଏହା ପାର୍କିନସନ୍ ରୋଗ ସହ ଜଡ଼ିତ ହୋଇଥାଇପାରେ। କାରଣ ଏହି ରୋଗ ମଧ୍ୟ ଡୋପାମାଇନ୍ ଅଭାବରୁ ହୋଇଥାଏ। ଏହାବ୍ୟତୀତ ଅନ୍ୟାନ୍ୟ କେତେକ କାରଣରୁ ମଧ୍ୟ ପାଦ ସମସ୍ୟା ସୃଷ୍ଟି ହୋଇଥାଏ। ଯେପରିକି ଶରୀରରେ ଆଇରନ୍‌ର ଅଭାବ। ନ୍ୟୁରୋପାଥି ସମସ୍ୟା। ମେରୁଦଣ୍ଡ ହାଡ଼ ସମସ୍ୟା।

ପାଦର ଏପରି ସମସ୍ୟା ଯୋଗୁ ବ୍ୟକ୍ତି ରାତିରେ ଶାନ୍ତିରେ ଶୋଇପାରି ନଥାଏ। ଠିକ୍ ଭାବେ ନିଦ ନ ହେବା ଦ୍ୱାରା ଅନେକ ସମସ୍ୟା ସୃଷ୍ଟି ହୋଇଥାଏ। ଫଳରେ ଦିନରେ ଶରୀର ଥକ୍କାପଣ ଅନୁଭବ କରିବା, ସ୍ୱଭାବରେ ଚିଡଚିଡାପଣ ଆସିବା ଓ କୌଣସି କାମରେ ଧ୍ୟାନ ଦେଇ ନପାରିବା ପରି ସମସ୍ୟାମାନ ଉପୁଜିଥାଏ। ଯଦି ଏଭଳି ସମସ୍ୟା ବାରମ୍ବାର ଲାଗି ରହୁଥାଏ, ତେବେ ଡେରି ନ କରି ତୁରନ୍ତ ଡାକ୍ତର ପରାମର୍ଶ କରାଇ ନିଅନ୍ତୁ। ପାଦର ଏହି ସମସ୍ୟାକୁ ଅଣଦେଖା କରନ୍ତୁନି। ଏହି ଲକ୍ଷଣ ଜଣାଇଥାଏ ଯେ ଶରୀରର ସ୍ନାୟୁତନ୍ତ୍ରର ବିଶେଷ ଯତ୍ନ ନେବା ଜରୁରି। ସମୟରେ ଏହାର ଚିକିତ୍ସା କରାଗଲେ ରୋଗକୁ ନିୟନ୍ତ୍ରଣ କରିବା ସହଜ ହୋଇଥାଏ।

ଦାନ୍ତର ଯତ୍ନ ନେବା ନିହାତି ଜରୁରୀ

ଦାନ୍ତ ଆମକୁ ଖାଦ୍ୟ ଚୋବାଇବାରେ ସାହାଯ୍ୟ କରିଥାଏ । ଏହା ଆମ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ। ଏହାର ଯଦି ଆମେ ଠିକ୍ ଭାବରେ ଯତ୍ନ ନ ନେବା ତେବେ ପରବର୍ତ୍ତୀ ସମୟରେ ତାହା ସମସ୍ୟା ସୃଷ୍ଟି କରିବ। ଆଉ ଠିକ୍ ସମୟରେ ତାହାର ଉପଚାର କରା ନ ଗଲେ,ଏହି ସମସ୍ୟା ଗମ୍ଭୀର ଆକାର ଧାରଣ କରିଥାଏ। ତେବେ ଦାନ୍ତକୁ ସୁସ୍ଥ ରଖିବା କ୍ଷେତ୍ରରେ ଦନ୍ତ ଚିକିତ୍ସକଙ୍କ ଭୂମିକା ଗୁରତ୍ୱପୂର୍ଣ୍ଣ। ତେଣୁ ପ୍ରତିବର୍ଷ ମାର୍ଚ୍ଚ ୬ ତାରିଖକୁ 'ଜାତୀୟ ଦନ୍ତ ଚିକିତ୍ସକ ଦିବସ' ଭାବରେ ପାଳନ କରାଯାଇ ଆସୁଅଛି। ଏହି ଦିବସ ଅବସରରେ ଚଳିତବର୍ଷର ପ୍ରସଙ୍ଗ ରହିଛି 'ସୁସ୍ଥ ପାଟି ଆତ୍ମବିଶ୍ୱାସ ଆଣିଥାଏ ଏବଂ ଉତ୍ତମ ଜୀବନଯାପନରେ ସହୟକ ହୋଇଥାଏ।' ଯଦି ଆପଣଙ୍କର ଦାନ୍ତଜନିତ ସମସ୍ୟା ରହିଛି, ତେବେ ବିଳମ୍ବ ନ କରି ଅଭିଜ୍ଞ ଦନ୍ତ ଚିକିତ୍ସକଙ୍କ ସହ ପରାମର୍ଶ କରନ୍ତୁ। ଯେହେତୁ ଖାଦ୍ୟକୁ ଭଲ ଭାବରେ ଚୋବାଇ ଖାଇବାରେ ଦାନ୍ତ ସାହାଯ୍ୟ କରିଥାଏ, ତେଣୁ ଦାନ୍ତ କିପରି ସୁସ୍ଥ ତଥା ଦୃଢ଼ ରହିବ ସେନେଇ ଯତ୍ନବାନ ହେବା ନିହାତି ଆବଶ୍ୟକ। କେବଳ ସକାଳେ ବିଛଣାରୁ ଉଠିବା ପରେ ନୁହେଁ, ରାତ୍ର ଭୋଜନ ପରେ ଭଲ ଭାବରେ ଦାନ୍ତ ଘଷିବା ଦରକାର। କାରଣ ଦାନ୍ତ ସନ୍ଧିରେ ଯଦି ଖାଦ୍ୟପଦାର୍ଥର ଅବଶିଷ୍ଟାଂଶ ରହିଗଲା, ତେବେ ତାହା ଦାନ୍ତଜନିତ ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଭଲ ଭାବରେ ଦାନ୍ତ ଘଷିବା ସହ ଏଭଳି ସମସ୍ୟାର କୌଣସି ଲକ୍ଷଣ ଜାଣିବାକୁ ପାଇଲେ ବିଳମ୍ବ ନ କରି ତାହାର ଚିକିତ୍ସା କରାନ୍ତୁ। ଦାନ୍ତ ରୋଗ ନିରୂପଣ ସମୟରେ ଦନ୍ତ ଚିକିତ୍ସକ ପ୍ରେସ୍‌କ୍ରିପ୍‌ସନରେ ଉଲ୍ଲେଖ କରିଥିବା ପାଥୋଲୋଜିକାଲ ଟେଷ୍ଟ କରାଇ ନିଅନ୍ତୁ। ନିଜେ ସତର୍କ ରହିଲେ ଆମେ ଦାନ୍ତଜନିତ ସମସ୍ୟାଠାରୁ ନିଜକୁ କେତେକାଂଶରେ ଦୂରେଇ ରଖିପାରିବା।

ଅଧିକ ସମୟ ଭିଡିଓ ଗେମ୍ ଖେଳିବା ମନା

ଭିଡିଓ ଗେମ ଖେଳିବାରେ କେବଳ ଛୋଟ ପିଲାମାନେ ନୁହନ୍ତି ବରଂ ଏଥିରେ ଯୁବପିଢ଼ି ବି ପଛରେ ପଡିନାହାନ୍ତି। ଏହା ମନକୁ ସାମୟିକ ଆନନ୍ଦ ଦେଇଥାଏ ସତ ହେଲେ, ପରୋକ୍ଷରେ ଏହା ଆମର ଅନେକ କ୍ଷତିସାଧନ କରିଥାଏ। ଅନେଙ୍କର ଏହା ଏବେ ଅଭ୍ୟାସରେ ପଡିଯାଇଛି। ଏହାଦ୍ୱାରା ନିଜର ଅନ୍ୟ କାମ ବି ପ୍ରଭାବିତ ହୋଇଥାଏ । ଅଧିକ ସମୟ ଭିଡିଓଗେମ୍ ଖେଳିଲେ ତାହାର ପ୍ରଭାବ ମସ୍ତିଷ୍କର କାର୍ଯ୍ୟଧାରା ଉପରେ ପଡିଥାଏ ଓ କାର୍ଯ୍ୟ କରିବାର ଆଗ୍ରହ ମଧ୍ୟ ଏଥିଯୋଗୁ କମିଯାଏ । 'ଭିଡିଓଗେମ୍ ଏବଂ ମସ୍ତିଷ୍କର କାର୍ଯ୍ୟଧାରା' ବିଷୟକୁ ନେଇ କାଲିଫର୍ନିଆ ୟୁନିଭର୍ସିଟିର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ । ଅଧିକ ସମୟ ଭିଡିଓଗେମ୍ ଖେଳୁଥିବା ପିଲାମାନଙ୍କର ମସ୍ତିଷ୍କର କାର୍ଯ୍ୟାଧାରା ଏହା ଦ୍ୱାରା ପ୍ରଭାବିତ ହେଉଥିବା ଏକ ସର୍ଭେ ରିପୋର୍ଟରେ ସେମାନେ ଉଲ୍ଲେଖ କରିଥିଲେ।

କିଡ୍‌ନୀ ଖରାପ ହେବା ପୂର୍ବରୁ ଦେଖାଦେଇଥାଏ ଏହି ଲକ୍ଷଣ

ସୁସ୍ଥ ଶରୀର ପାଇଁ ପ୍ରତ୍ୟେକ ଅଙ୍ଗ ଠିକ୍ ରହିବା ଜରୁରୀ। ଯଦି କୌଣସି ଗୋଟିଏ ଅଙ୍ଗରେ ସମସ୍ଯା ଦେଖାଦିଏ ତେବେ ତାହା ପୁରା ଶରୀର ଉପରେ ପ୍ରଭାବ ପକାଇଥାଏ। ତେବେ ଶରୀରର ସବୁଠାରୁ ମହତ୍ୱପୂର୍ଣ୍ଣ ଅଙ୍ଗ ହେଉଛି କିଡନୀ। ଯାହା ରକ୍ତକୁ ସଫା କରିବା ସହ ଶରୀରରେ ଥିବା ସମସ୍ତ ଖରାପ ପଦାର୍ଥକୁ ବାହାର କରିବାରେ ସହାୟକ କରିଥାଏ। କିନ୍ତୁ ଆମର କିଛି ଭୁଲ୍ ଅଭ୍ୟାସ ଯୋଗୁଁ କିଡନୀ ଉପରେ କୁପ୍ରଭାବ ପଡିଥାଏ। ଯାହାଦ୍ୱାରା ଆମ କିଡ଼ନୀକୁ ଧୀରେ ଧୀରେ ଆହୁରି ଖରାପ କରି ଦେଇଥାଏ। କେବଳ ସେତିକି ନୁହେଁ କିଛି ରୋଗ ହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଆମେ ଔଷଧ ଖାଇଦେଇଥାଉ। ଯାହାର ପ୍ରଭାବ ସିଧାସଳଖ ଭାବେ ଆମ କିଡନୀ ଉପରେ ପଡିଥାଏ। ଆମ କିଡ଼ନୀ ଖରାପ ହେବ ପୂର୍ବରୁ ଶରୀରରେ କିଛି ଲକ୍ଷଣ ଦେଖାଦେଇଥାଏ। ଯାହାକୁ ଆମେ ଅଜାଣତରେ ଅଣଦେଖା କରିଦେଇଥାଉ। ତେବେ ଆଜି ଆମେ ଆପଣଙ୍କୁ କିଡନୀ ଖରାପ ହେବାର ଲକ୍ଷଣ ଏବଂ ଏହାର ଉପଚାର ବିଷୟରେ ଜଣାଇବୁ। ଯାହା ଆପଣଙ୍କୁ ବିପଦ ମୁଖରୁ ରକ୍ଷା କରିବାରେ ସାହାଯ୍ୟ କରିବ।

ଲକ୍ଷଣଃ କିଡନୀ ଖରାପ ହେବାରୁ ସବୁଠାରୁ ପ୍ରଥମ ଲକ୍ଷଣ ହେଉଛି ମୁହଁରୁ ଗନ୍ଧ ଆସିବା। ରକ୍ତରେ ୟୁରିଆ କମ୍ ହେଲେ ପାଟିରୁ ଦୁର୍ଗନ୍ଧ ଆସିଥାଏ। ଏହା ସହ ଜିଭର ସ୍ୱାଦ ମଧ୍ୟ ଖରାପ ହେବାକୁ ଲାଗିଥାଏ। ସେହିପରି କିଡନୀ ଖରାପ ହେବା ପୂର୍ବରୁ ପାଦ ଫୁଲିବା ଏବଂ ଦରଜ ହେବା ଆରମ୍ଭ ହୋଇଥାଏ। ଯାହାର କାରଣ ହେଉଛି ଏଡିମା। ଶରୀରର କୋଷରେ ପାଣି ଭରିଯାଏ ଏବଂ କିଡନୀ ଏହି ପାଣିକୁ ବାହାର କରିପାରିନଥାଏ। ଯାହା ଫଳରେ ଶରୀରର ଫୁଲିବା ଆରମ୍ଭ ହୋଇଯାଇଥାଏ। କମ୍ ପରିଶ୍ରା କିମ୍ବା କମ୍ ଥର ପରିଶ୍ରା ହେବା, ପରିଶ୍ରାରେ ଫେଣ ହେବା ବା ଗନ୍ଧ ଆସିବା। ଏସବୁ କିଡନୀ ଖରାପ ହେବାର ଲକ୍ଷଣ। ଯଦି ଆପଣଙ୍କ ସହ ଏପରି ହେଉଛି ତେବେ ତୁରନ୍ତ ଡାକ୍ତରଙ୍କୁ ଦେଖା କରନ୍ତୁ। ଆପଣଙ୍କ ପରିଶ୍ରାରେ ରକ୍ତ ପଡିଲେ ଏହାକୁ ହାଲକାରେ ନନେଇ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରନ୍ତୁ। ଏହା କିଡନୀ ଖରାପ ହେବାର ଲକ୍ଷଣ ହୋଇପାରେ। ଛୋଟ ଛୋଟ କାମକରିବା ଦ୍ୱାରା ଦୂର୍ବଳ ଲାଗିବା। ଥକି ପଡିବା ଇତ୍ୟାଦି କିଡନୀ ଖରାପ ହେବାର ଲକ୍ଷଣ ଅଟେ ତେଣୁ ତୁରନ୍ତ ଡାକ୍ତରଙ୍କୁ ପରାମର୍ଶ କରିବା ଆବଶ୍ୟକ। ଯଦି ପିଠିର ଗୋଟିଏ ପଟରେ କଷ୍ଟ ହୋଇ ଏହା ଧୀରେ ଧୀରେ ଶରୀରର ଅନ୍ୟ ଅଙ୍ଗ ଆଡକୁ ଯାଉଛି ତେବେ ଜାଣନ୍ତୁ ଆପଣଙ୍କ କିଡନୀ ଖରାପ ହେଲାଣି।

ଉପଚାରଃ କିଡନୀ ସମସ୍ୟାକୁ ରୋକିବା ପାଇଁ ଚାହୁଁଥିଲେ ଚା ଏବଂ ଚିନିଠାରୁ ଦୂରରେ ରୁହନ୍ତୁ। ପ୍ରତିଦିନ ୧୦ରୁ ୧୨ ଗ୍ଲାସ ପାଣି ପିଇବା ଅତ୍ୟନ୍ତ ଆବଶ୍ୟକ। ଅଧିକ ମାତ୍ରାରେ ପାଣି ପିଇବା ଦ୍ୱାରା ଶରୀର ମଧ୍ୟରେ ଥିବା ବିଷାକ୍ତ ପଦାର୍ଥ ବାହାରକୁ ନିଷ୍କାସନ ହୋଇଥାଏ। ଯାହାଫଳରେ ଆପଣଙ୍କର ସ୍ୱାସ୍ଥ୍ୟ ଭଲ ରହିବା ସହ କିଡନୀ ରୋଗ ହୋଇ ନଥାଏ। ୪୦ ବର୍ଷ ବୟସ ଅତିକ୍ରମ କଲାପରେ ନିୟମିତ ଭାବରେ ଆପଣଙ୍କୁ କିଡନୀର ଯାଂଚ କରିବା ଜରୁରୀ ଅଟେ। ଆପଣଙ୍କ କିଡନୀକୁ ସୁସ୍ଥ ରଖିବାକୁ ହେଲେ ଆପଣ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଇବା ଅତ୍ୟନ୍ତ ଜରୁରୀ। ଏଥିପାଇଁ ଆପଣଙ୍କ ଖାଦ୍ୟରେ ବିଭିନ୍ନ ପନିପରିବା ସମେତ ସତେଜ ଫଳକୁ ସାମିଲ କରିବା ଉଚିତ।

ଏଥିସହିତ ଏହି ୩ ଟି ଖାଦ୍ୟଠାରୁ ଦୂରେଇ ରହିବ ଆବଶ୍ୟକ। ଆଜିକାଲିର ଲୋକମାନଙ୍କୁ ଜଙ୍କ୍ ଫୁଡ ଖାଇବାର ଖରାପ ଅଭ୍ୟାସ ରହିଛି। ଜଙ୍କ୍ ଫୁଡରେ ଫସଫରସ ଏବଂ ସୋଡିୟମର ଅଧିକ ମାତ୍ରା ହେବା କାରଣରୁ କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ଯାହା ଦ୍ୱାରା କିଡନୀ ଧିରେ ଧିରେ ଦୁର୍ବଳ ହୋଇ ନଷ୍ଟ ହୋଇଯାଇଥାଏ। ଅଧିକାଂଶ ଲୋକ ମାଛ, ମାଂସ, ଏବଂ ଚିକେନକୁ ଅଧିକ ମାତ୍ରାରେ ଖାଇଥାନ୍ତି। ଏହି ଜିନିଷରୁ ଆନିମାଲ ପ୍ରୋଟିନ ମିଳିଥାଏ। ଯାହା ଶରୀର ପାଇଁ ଲାଭଦାୟକ ହୋଇଥାଏ। କିନ୍ତୁ ମାଂସ, ମାଛ ଏବଂ ଚିକେନକୁ ଅଧିକ ଖାଇବା ଦ୍ୱାରା ଶରୀରରେ ଆନିମାଲ ପ୍ରୋଟିନର ମାତ୍ରା ବଢ଼ିଯାଇଥାଏ। ଯାହା କିଡନୀ ଉପରେ ଖରାପ ପ୍ରଭାବ ପକାଇଥାଏ। ତେଣୁ ସୀମିତ ମାତ୍ରାରେ ମାଂସ ଆହାର କରିବା ଉଚିତ। ସନ୍ତୁଳିତ ଭାବରେ ପରିବା ଏବଂ ଫଳ ଖାଇବା ଅବଶ୍ୟକ।

ଛାତ୍ର ସଂସଦ ନିର୍ବାଚନ ସ୍ଥଗିତ, ଛାତ୍ରଛାତ୍ରୀଙ୍କ ଅସନ୍ତୋଷ

କଲେଜ ଗେଟ୍ ସମ୍ମୁଖରେ ବିକ୍ଷୋଭ, ନିର୍ବାଚନ ସ୍ଥଗିତର କାରଣକୁ ନେଇ ପ୍ରଶ୍ନ

ମ. ରାମପୁର,୧୫।୧୦ (ସଂଚାର ବ୍ୟୁରୋ): ମଦନପୁର ରାମପୁର କଲେଜରେ ଛାତ୍ର ସଂସଦ ନିର୍ବାଚନ ସ୍ଥଗିତ ହେବାକୁ ନେଇ ଆଜି କିଛି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ଦ୍ଧାରିତ ଦିନ ନିର୍ବାଚନ ହେବାକୁ ଥିବାବେଳେ, ଏହାର ପୂର୍ବଦିନ ସନ୍ଧ୍ୟାରେ କଲେଜ କର୍ତ୍ତୃପକ୍ଷ ଚିଠି ନମ୍ବର ୭୯୨ ଅନୁସାରେ ନିର୍ବାଚନ ସ୍ଥଗିତ ସମ୍ପର୍କରେ ସୂଚନା ଦେବା ସହ ସାଇନ୍ ଡାଏ ଘୋଷଣା କରିଥିବା ଜଣାପଡ଼ିଛି। ଏହି ନିଷ୍ପତ୍ତି ପରେ କିଛି ଛାତ୍ରଛାତ୍ରୀ କଲେଜ ଗେଟ୍ ସମ୍ମୁଖରେ ଏକତ୍ରିତ ହୋଇ ପ୍ରତିବାଦ କରିଥିଲେ। ଏହି ସମୟରେ ସେମାନେ ଜିଲ୍ଲାପ୍ରଶାସନ ଓ ରାଜ୍ୟ ଶିକ୍ଷାମନ୍ତ୍ରୀଙ୍କ ବିରୋଧରେ ନାରାବାଜି କରିଥିବା ଜଣାପଡ଼ିଛି। ବିଶେଷକରି ବିସିଜେଡି ସମର୍ଥିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ନିଷ୍ପତ୍ତିକୁ ନେଇ ଅସନ୍ତୋଷ ଥିବା ସୂଚନା ମିଳିଛି।ତେବେ ନିର୍ବାଚନ ସ୍ଥଗିତ ରଖିବାର ପ୍ରକୃତ କାରଣ କ'ଣ ଏବଂ କେଉଁ ଆଧାରରେ ଏହି ନିଷ୍ପତ୍ତି ନିଆଗଲା, ସେ ସମ୍ପର୍କରେ ସ୍ପଷ୍ଟ ତଥ୍ୟ ମିଳିପାରିନାହିଁ। ଏହାକୁ ନେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଥିବାବେଳେ, ନିର୍ବାଚନ ସ୍ଥଗିତ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷ ଓ ପ୍ରଶାସନ ପକ୍ଷରୁ ସ୍ପଷ୍ଟୀକରଣ ଆସିବା ଉପରେ ନଜର ରହିଛି।ଏହି ଘଟଣା ପରେ କଲେଜରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ଚର୍ଚ୍ଚା ଜୋର ଧରିଛି। ନିର୍ବାଚନ ସ୍ଥଗିତର କାରଣ ଏବଂ ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ କଲେଜ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

ଲକ୍ଷ୍ମୀଯୋରରେ ବ୍ରିଜ୍ ନିର୍ମାଣକୁ ଅନୁମୋଦନ

୬ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟ ଅଟକଳ

କର୍ଲାମୁଣ୍ଡା,୧୫।୧୦ (ସଂଚାର ବ୍ୟୁରୋ): ଦୀର୍ଘଦିନର ପ୍ରତୀକ୍ଷା ପରେ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ବୋରପଦର ପଞ୍ଚାୟତ ଯମୁନାପୁର, ତେଲିସରାବାହାଲି ରାସ୍ତାର ଲକ୍ଷ୍ମୀଯୋର ଠାରେ ବ୍ରିଜ ନିର୍ମାଣ ପାଇଁ ଅନୁମୋଦନ ମିଳିଛି। ଓଡ଼ିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏନେଇ ଅନୁମୋଦନ ଜାରି ହେବା ପରେ ଅଞ୍ଚଳବାସୀଙ୍କ ମନରେ ଖୁସିର ଲହରି ଖେଳିଯାଇଛି। ବିଭାଗୀୟ ଯନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ବ୍ରିଜ ସହ ରାସ୍ତା ନିର୍ମାଣ ପାଇଁ ମୋଟ୍ ୧୬୦୦ ମିଟର ଦୈର୍ଘ୍ୟର କାର୍ଯ୍ୟ ନିମନ୍ତେ ୬ କୋଟି ୧୪ ଲକ୍ଷ ୭୩ ହଜାର ୪୨୬ ଟଙ୍କାର ଅଟକଳ ରଖାଯାଇଛି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ସୁଧାର ଆସିବା ସହ ଲୋକଙ୍କ ଯାତାୟାତ ଅଧିକ ସୁଗମ ହେବ ବୋଲି ଆଶା କରାଯାଉଛି। ବ୍ରିଜ ନିର୍ମାଣ ହେଲେ ଛାତ୍ରୀଛାତ୍ର, ଚାଷୀ, ବ୍ୟବସାୟୀ ଓ ଦୈନନ୍ଦିନ କାର୍ଯ୍ୟରେ ଯାତାୟାତ କରୁଥିବା ଲୋକେ ଉପକୃତ ହେବେ। ବିଶେଷକରି ବର୍ଷାଦିନେ ଯାତାୟାତରେ ସମସ୍ୟା ଉପୁଜୁଥିଲା, ଏହି ବ୍ରିଜ ନିର୍ମାଣ ତାହାର ସମାଧାନରେ ସହାୟକ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି। ଏହି ପ୍ରକଳ୍ପର ଅନୁମୋଦନକୁ ଅଞ୍ଚଳର ଗମନାଗମନ ଓ ଗ୍ରାମ୍ୟ ଉନ୍ନୟନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି। ଏବେ ଅଞ୍ଚଳବାସୀଙ୍କ ନଜର ରହିଛି ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ କେତେ ଶୀଘ୍ର ଏହା ସମ୍ପୂର୍ଣ୍ଣ ହେବ। ପ୍ରକାଶଥାଉକି, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ ଏହି ବ୍ରିଜ୍ ନିର୍ମାଣ ପାଇଁ ବାରମ୍ବାର ପ୍ରଶାସନ ନିକଟରେ ପ୍ରସ୍ତାବ ଦେଇଥିଲେ ଏବେ ପ୍ରଶାସନ ଅନୁମୋଦନ କରିଥିବାରୁ ସେ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବାରମ୍ବାର ଅବକାରୀ ଚଢ଼ାଉ ପରେ ବି ଚାଲିଛି ମଦ ରନ୍ଧା

ବୈଶିଙ୍ଗା,୧୫।୧୦ (ସଂଚାର ବ୍ୟୁରୋ): ଦେଶୀ ମଦ ର ପ୍ରଚୁର ବ୍ୟବହାର ସହିତ ଚୋରା ମଦ ପ୍ରସ୍ତୁତ ବନ୍ଦ ହେଉନାହିଁ। ଏଥିପାଇଁ ଅବକାରୀ ବିଭାଗର ଅପରିଣାମଦର୍ଶିତା କାର୍ଯ୍ୟକ୍ରମ ଉପରେ ପ୍ରଶ୍ନବାଚା ସୃଷ୍ଟି କରିଛି। ପ୍ରତି ମାସ ବିଭିନ୍ନ ସ୍ଥାନରେ ଚଢାଉ କରି ଡ୍ରମ୍ ଡ୍ରମ୍ ପୋଚ ସହିତ ରନ୍ଧା ମଦ ନଷ୍ଟ କରାଯାଉଛି ସତ ମାତ୍ର କାହାରିକୁ ଗିରଫ କରାଯାଉନାହିଁ। ଏହାର କାରଣ ବିଭାଗୀୟ କର୍ମଚାରୀ ଙ୍କ ସହିତ ଚୋରା ମଦ ପ୍ରସ୍ତୁତକାରୀ ଙ୍କ ନିବିଡ ସମ୍ପର୍କ ରହିଥିବାର ଆଶା କରା ଯାଏ। ବୁଧବାର ପୂର୍ବାହ୍ନରେ ବୈଶିଙ୍ଗା ଥାନା ଅଧିନ ବାମଡା ଏବଂ ଭିତର ଶୋଳ ଗ୍ରାମରେ ଚଢ଼ାଉ କରି ୫୬୦୦ କିଗ୍ରା : ପୋଚ ଏବଂ ୪୬୦ ଲିଟର ରନ୍ଧା ମଦ ଜବତ କରିଥିବା ବେଳେ କାହାରିକୁ ଗିରଫ କରାଯାଇନାହିଁ। ଠିକ୍ ଏକ ମାସ ପୂର୍ବରୁ ଏହି ଦୁଇଟି ସ୍ଥାନରେ ଆଠ ହଜାର କିଗ୍ରା : ପୋଚ ଏବଂ ସାତ ଶହ ଲିଟର ରନ୍ଧା ମଦ ଜବତ କରି ନଷ୍ଟ କରି ଦିଆଯାଇଥିଲା। ଏହି ଭଳି ବାରମ୍ବାର ଚଢାଉ ପରେ ମଧ୍ୟ ବିଷାକ୍ତ ମଦ ପ୍ରସୁତ କରି ବାହାର ଜିଲ୍ଲାକୁ ଚାଲାଣ କରାଯାଉଥିବାର ଅଭିଯୋଗ ହେଉଛି।ଏହି ମଦ ପିଇ ବହୁ ସଂଖ୍ୟକ ଲୋକ ମରିବା ସହିତ ଅସାମାଜିକ କାର୍ଯ୍ୟ ବଢ଼ି ଚାଲୁଛି। ଏଥିପାଇଁ ପ୍ରତ୍ୟେକ ଥାନାରେ କେଶ୍ ପରେ କେଶ୍ ବଢ଼ି ଚାଲିଛି। ଅବକାରୀ ବିଭାଗ ଏଥିପାଇଁ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିବା ଆବଶ୍ୟକତା ହୋଇପଡ଼ିଛି।

ବ୍ରାହ୍ମଣୀ ଆରଆଇ ସର୍କଲର ଅତିରିକ୍ତ ରାଜସ୍ୱ ନିରୀକ୍ଷକଙ୍କ ଆତ୍ମହତ୍ୟା

ସୁବର୍ଣ୍ଣପୁର,୧୫।୧୦ (ସଂଚାର ବ୍ୟୁରୋ): ସୋନପୁର ସହରର ଘୋଡ଼ଘାଟପଡ଼ା ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଘୋଡ଼ଘାଟପଡ଼ା ମୂଳ ନିବାସୀ ଯୁବକ ତଥା ବର୍ତ୍ତମାନ ତରଭା ତହସିଲ ଅଧୀନରେ କାର୍ଯ୍ୟରତ ତରୁଣାନନ୍ଦ ସାହୁ (ମୁନା) ୪୪ ବର୍ଷ ନିଜ ବାସଭବନରେ ଗତକଲି ରାତି ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୁନା ପ୍ରଥମେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରେ ବିନିକା ତହସିଲ ଅଧୀନରେ ଦୀର୍ଘବର୍ଷ ଧରି କାର୍ଯ୍ୟ କରୁଥିବା ବେଳେ ସେ ତାଙ୍କ ବିନିକା ସ୍ଥିତ ସରକାରୀ ବାସଭବନରେ ରହୁଥିଲେ। ଚଳିତ ମାସ ଜିଲ୍ଲାର ତରଭା ତହସିଲକୁ ବଦଳି ହୋଇ ବ୍ରାହ୍ମଣୀ ଆର .ଆଇ ସର୍କଲ ରେ ଏଆରଆଇ ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ତାଙ୍କ ବିବାହିତ ଭଉଣୀ ସୋନପୁର ମୂଳ ଘରେ ରହୁଥିବା ବେଳେ ସେ ୧୦ ଦିନ ହେବ ତାଙ୍କ ବାସଭବନକୁ ଆସି ରହୁଥିଲେ। ଅତ୍ମହତ୍ୟାର ମୁଖ୍ୟ କାରଣ ମାନସିକ ଚାପ। ପୂର୍ବରୁ ମୁନା ତାଙ୍କ ପରିବାର ବର୍ଗଙ୍କ ସହ ସମ୍ପର୍କରେ ମଧ୍ୟ ନ ଥିବା ଓ ସାହି ପଡ଼ିଶା ତଥା ବନ୍ଧୁଙ୍କ ସହ ମଧ୍ୟ ବହୁତ୍ କମ୍ କଥାବାର୍ତ୍ତା କରୁଥିବା ସ୍ଥାନିୟ ବାସିନ୍ଦାଙ୍କ ଠାରୁ ଜଣାପଡ଼ିଛି। ମୋଟାମୋଟି ଶାନ୍ତ ସ୍ୱଭାବ ର ଥିଲେ ମୁନା। ସୂଚନା ଅନୁଯାୟୀ ମୁନା ରାୟଗଡ଼ା ଜିଲ୍ଲା ମୁନିଗୁଡା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କ ସ୍ତ୍ରୀ ମୁନା ସହିତ ଝଗଡ଼ା କରି ପରେ ତାଙ୍କ ଛୋଟ ଝିଅକୁ ଧରି ତାଙ୍କ ମା ଘର ମୁନିଗୁଡ଼ା ପଳାଇଥିଲେ। ପରେ ଆଇନର ଆଶ୍ରୟ ନେଇ ତାଙ୍କ ସ୍ତ୍ରୀ ପ୍ରାୟ ମାସକୁ ୧୮, ୫୦୦ ଟଙ୍କା ଭରଣ ପୋଷଣ ବାବଦକୁ ମୁନାଙ୍କ ମୂଳ ଦରମାରୁ ପାଉଛନ୍ତି।

ଧାମନଗର କଲେଜରେ ଏବିଭିପିର ଏକ ତରଫା ବିଜୟ ; ଧରାଶାୟୀ ବିସିଜେଡି

ଧାମନଗର,୧୫।୧୦(ସଂଚାର ବ୍ୟୁରୋ): ଧାମନଗର ମହାବିଦ୍ୟାଳୟ ଛାତ୍ର ସଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ଏହାର ଦମଦାର୍ ପ୍ରଦର୍ଶନ ବଳରେ ବିଜୟର ଐତିହାସିକ ଇତିହାସ ରଚିଛି। ମହାବିଦ୍ୟାଳୟର ସମସ୍ତ ପଦକୁ ଏବିଭିପି ସମ୍ପୂର୍ଣ୍ଣ ଭାବେ ଅକ୍ତିଆର କରି ନେଇଛି। ଆଜି ଅନୁଷ୍ଠିତ ଭୋଟଗ୍ରହଣ ଏବଂ ଫଳାଫଳ ଅନୁଯାୟୀ, ସଭାପତି ପଦ ପାଇଁ ଏବିଭିପିର ଜଗନ୍ନାଥ ମାଝି ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ବିସିଜେଡି ପ୍ରାର୍ଥିନୀ ସ୍ମୃତିରେଖା ବେହେରାଙ୍କୁ ୧୦୨ ଖଣ୍ଡ ଭୋଟ୍‌ରେ ପରାସ୍ତ କରି ବିଜୟୀ ହୋଇଛନ୍ତି। ଜଗନ୍ନାଥ ୨୯୯ ଖଣ୍ଡ ଭୋଟ୍ ପାଇଥିବାବେଳେ ସ୍ମୃତିରେଖା ୧୯୭ ଖଣ୍ଡ ଭୋଟ୍ ପାଇଥିଲେ ଏବଂ ୪ଟି ଭୋଟ୍ ନାକଚ ହୋଇଥିଲା। ସେହିପରି ଉପସଭାପତି ଭାବେ ବିଭୁଦତ୍ତ ସାହୁ ୩୨୩ ଖଣ୍ଡ ଭୋଟ୍ ପାଇ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଜ୍ୟୋତିରଞ୍ଜନ ସାହୁଙ୍କୁ ୧୭୪ ଖଣ୍ଡ ଭୋଟ୍‌ର ବିଶ୍ୱାସଜନକ ବ୍ୟବଧାନରେ ହରାଇଛନ୍ତି। ଛାତ୍ର ସଂସଦ ସାଧାରଣ ସଂପାଦକ ଭାବେ ଚିନ୍ମୟ ପାତ୍ର ୨୭୮ ଖଣ୍ଡ ଭୋଟ୍ ପାଇ ନିର୍ବାଚିତ ହୋଇଥିବା ବେଳେ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ କଲ୍ପନା ସାହୁ ୨୨୦ ଖଣ୍ଡ ଭୋଟ ପାଇ ପରାଜୟ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନାଟ୍ୟ ସଂସଦ ସଂପାଦିକା ଭାବେ ରାଜଲକ୍ଷ୍ମୀ ସ୍ୱାଇଁ, ନାଟ୍ୟ ସଂସଦ ସହ ସଂପାଦିକା ଭାବେ ପୁଷ୍ପାଞ୍ଜଳି ସାହୁ, କ୍ରୀଡ଼ା ସଂସଦ ସଂପାଦକ ଭାବେ ତୁଷାର ଲେଙ୍କା, କ୍ରୀଡ଼ା ସଂସଦ ସହ ସଂପାଦକ ଖଗେଶ୍ୱର ବାରିକ, ଏସଏସଜି ସଂପାଦକ ଭାବେ ମନୋଜ ସାହୁ ଏବଂ କମନ ରୁମ୍ ସଂପାଦକ ଭାବେ ଲୋପାମୁଦ୍ରା ସ୍ୱାଇଁ ନିର୍ବାଚିତ ହୋଇଛନ୍ତି।ଚଳିତ ବର୍ଷ ଧାମନଗର ମହାବିଦ୍ୟାଳୟରେ ସଭାପତି, ଉପ-ସଭାପତି, ସାଧାରଣ ସଂପାଦକଙ୍କ ସମେତ ମୋଟ୍ ୨୩ଟି ପଦବୀ ପାଇଁ ନିର୍ବାଚନ ଘୋଷଣା କରାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଅକ୍ଟୋବର ୯ ତାରିଖ ନାମାଙ୍କନ ଦାଖଲ ଦିନ ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ୧୨ଟି ପଦରେ କୌଣସି ପ୍ରାର୍ଥୀ ଦିଆଯାଇ ନଥିଲା। ଫଳରେ ସେହିସବୁ ପଦଗୁଡ଼ିକରେ ଏବିଭିପି ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିଲେ।

ସିମୁଳିଆ କ୍ଲଷ୍ଟରରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଆପାଳ,୧୫।୧୦ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ସିମୁଳିଆ କ୍ଲଷ୍ଟରରେ ସୁରଭି - ୨୦୨୬ ଅନୁଷ୍ଠିତ ହୋଇ ଯାଇଛି। ସିଆରସିସି ଯଶୋବନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ବାଲିଆପାଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମା ରାଣୀ ସେଠୀ, ସମାଜ ସେବୀ ଲମ୍ବୋଦର ମହନା, ପଞ୍ଚାୟତ ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ, ସମାଜ ସେବୀ ମୁରଲୀ ମୋହନ ସାହୁ, ଉଦୟ ନାରାୟଣ ହାଇ ସ୍କୁଲର ପ୍ରଧାନ ଶିକ୍ଷକ ରାଜ ରୋଶନ ବାଗ, ହାସିମପୁର ସରକାରୀ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସଞ୍ଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ସାହୁ, ପୀତାମ୍ବର ସାହୁ, ହରେକୃଷ୍ଣ ରାଉତ ପ୍ରମୁଖ ଯୋଗ ଦେଇ ସୁରଭି କାର୍ଯ୍ୟକ୍ରମ ଛତ୍ରଛାତ୍ରୀମାନଙ୍କର ଲୁକ୍କାୟିତ ପ୍ରତିଭା ବିକାଶରେ ସହାୟକ ହୋଇଥାଏ ବୋଲି ମତ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ପିଲାଙ୍କ ମଧ୍ୟରେ ନୃତ୍ୟ, ସଙ୍ଗୀତ, ଚିତ୍ରାଙ୍କନ, କୁଇଜ୍, ରଚନା, ଶିଳ୍ପକଳା, ସୃଜନଶୀଳ ଲିଖନ ଇତ୍ୟାଦି ପ୍ରତିଯୋଗିତା କରା ଯାଇ କୃତୀ ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ପୁରସ୍କାର ବଣ୍ଟନ କରାଯାଇ ଥିଲା। ଶିକ୍ଷକ ନିତାଇ ଚରଣ ରାଉଳ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଧନଞ୍ଜୟ ଚରଣ ଦେ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ପରମାନନ୍ଦ ସାହୁ, ତନ୍ମୟ କୁମାର ସାମଲ, ଅଜିତ କୁମାର ସାହୁ, ଅଜିତ କୁମାର ବାରିକ, ମନୋରଞ୍ଜନ ପ୍ରଧାନ, ବବିତା ରାଣୀ ମହାପାତ୍ର, ସୁଲୋଚନା ଗିରି, ପ୍ରଦୀପ କୁମାର ପଣ୍ଡା, ଦିଲ୍ଲୀପ କୁମାର ସାହୁ, ଜ୍ୟୋତି ପ୍ରକାଶ ଜେନା, ପ୍ରକାଶ ମଞ୍ଜଳ, ଶିଶିର କୁମାର ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ମିଶନ ବାତ୍ସଲ୍ୟ ଯୋଜନାରେ ପୃଷ୍ଠପୋଷକତା ଆର୍ଥିକ ସହାୟତା ପ୍ରଦାନ

ସୁବର୍ଣ୍ଣପୁର,୧୫।୧୦ (ସଂଚାର ବ୍ୟୁରୋ): ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଦ୍ୱାରା ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ରେ ଜିଲ୍ଲାପାଳ ଶ୍ରୀ ଦେବାଶିଷ ସିଂ ଦଶ ଜଣ ପିତୃମାତୃହିନ ଶିଶୁ ଙ୍କୁ ମିଶନ ବାତ୍ସଲ୍ୟ ଯୋଜନା ରେ ପୃଷ୍ଠପୋଷକତା ଆର୍ଥିକ ସହାୟତା ପ୍ରତ୍ୟେକଙ୍କୁ ୨୦୦୦୦(କୋଡ଼ିଏ ହଜାର) ଟଙ୍କା ର ଚେକ୍ ପ୍ରଦାନ କରିଅଛନ୍ତି। ଏହି ଅବସରରେ ୬ ଗୋଟି ବ୍ଲକ ରୁ ୧୬୧ ଜଣ ଶିଶୁଙ୍କୁ ମୋଟ ୩୨, ୨୦୦(ବତିଶି ଲକ୍ଷ କୋଡିଏ ହଜାର) ଟଙ୍କା ର ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି। ତରଭା ବ୍ଲକ୍ ର ସିଭାଂଶ ଅଗ୍ରୱାଲ, ଅନୁଭବ ଷଡ଼ଙ୍ଗୀ, ବୀରମହାରାଜପୁର ବ୍ଲକ୍ ର ଉଦିତ ଏକ୍କା, ସୋନପୁର ବ୍ଲକ୍ ର ଶ୍ରଦ୍ଧା କୁଶଲ, ଲକ୍ଷ୍ମୀପ୍ରିୟା ସାହୁ, ଶୁଭଶ୍ରୀ ପୋଢ଼, ଅଲିମା ବାଘ, ଲକ୍ଷ୍ମୀପ୍ରିୟା ସାହୁ, ଡୁଙ୍ଗୁରିପାଲି ବ୍ଲକ୍ ର ଡଲି ବେହେରା, ପ୍ରତ୍ୟାଶା ପ୍ରଧାନ ଆଦି ନିଜ, ନିଜ ଅଭିଭାବକ ଙ୍କ ସହିତ ଉପସ୍ଥିତ ରହି ଜିଲ୍ଲାପାଳ ଙ୍କ ଠାରୁ ଆର୍ଥିକ ସହାୟତା ଚେକ୍ ଗ୍ରହଣ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତୀ ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଉପସ୍ଥିତ ରହିଥିଲେ।

ଦ୍ୱିତୀୟ ଦିନରେ ୧୪ବର୍ଷରୁ କମ୍ ବାଳକ ଫୁଟବଲ ପ୍ରତିଯୋଗିତା

ସୁବର୍ଣ୍ଣପୁର,୧୫।୧୦ (ସଂଚାର ବ୍ୟୁରୋ): ସୁବର୍ଣ୍ଣପୁରଠାରେ ଚାଲିଥିବା ପ୍ରଥମ ଓଡିଶା ରାଜ୍ୟସ୍ତରୀୟ ୧୪ବର୍ଷରୁ କମ ବାଳକ ବିଦ୍ୟାଳୟ ସମୂହ ଫୁଟବଲ ପ୍ରତିଯୋଗିତାର ପ୍ରଥମ ଦିନର ଖେଳରେ ୨୦ଟି ଶିକ୍ଷାଜିଲ୍ଲାର ଫୁଟବଲ ଦଳ ଗାନ୍ଧୀ ଷ୍ଟାଡିୟମ, ରିଜର୍ଭ ପୋଲିସ ପଡ଼ିଆ ଓ ରାମେଶ୍ୱର ଷ୍ଟାଡିୟମ ଖେଳ ପଡ଼ିଆରେ ପ୍ରତିପକ୍ଷଙ୍କ ସହ ଖେଳିଛନ୍ତି। ଏହି କ୍ରମରେ ପ୍ରଥମ ଦିନ ରେ ପୁଲ ଏ ରୁ ଭଦ୍ରକ, ନୂଆଁପଡା, ପୁଲ ବି ରୁ ନବରଙ୍ଗପୁର, ସମ୍ବଲପୁର ପୁଲ ସି ରୁ ଝାରସୁଗୁଡା ଓ କେନ୍ଦ୍ରାପଡା ଏବଂ ପୁଲ ଡି ରୁ ଢେଙ୍କାନାଳ, ସୁବର୍ଣ୍ଣପୁର ବିଜୟୀ ହୋଇ ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଥିଲେ। ଠିକ ସେହିପରି, ପୁଲ ଇ ରୁ ଦେବଗଡ଼, ଜଗତସିଂହପୁର ପୁଲ ଏଫ ରୁ ବଲାଙ୍ଗୀର, ମୟୁରଭଞ୍ଜ ପୁଲ ଜି ରୁ ସୁନ୍ଦରଗଡ଼ ଓ ଖୋର୍ଦ୍ଧା ବିଜୟୀ ହୋଇଥିଲେ। ଦ୍ୱିତୀୟ ଦିନ ନକ୍ ଆଉଟ୍ ପର୍ଯ୍ୟାୟ ମେତ ମାନ ଗାନ୍ଧୀ ଷ୍ଟାଡିୟମ ଓ ରାମେଶ୍ୱର ଷ୍ଟାଡିୟମ ଠାରେ ପୂର୍ବାହ୍ନ ଓ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଗାନ୍ଧୀ ଷ୍ଟାଡିୟମ ଠାରେ ଆୟୋଜିତ ପୂର୍ବାହ୍ନ ମ୍ୟାଚ ରେ ଓଡ଼ିଶାର ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶିକା ଯୁଗଲେଶ୍ୱରୀ ଦାଶ ଅତିଥି ଭାବରେ ଯୋଗଦାନ କରି ଖେଳାଳୀ ମାନଙ୍କୁ ଉତ୍ସାହିତ କରିଥିଲେ।

● କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି ଉଦଯାପିତ

ବିହାରକୁ ହରାଇ ଓଡିଶା ବିଜୟୀ

ବଲାଙ୍ଗିର,୧୫।୧୦ (ସଂଚାର ବ୍ୟୁରୋ): ସ୍ଥାନୀୟ ଗାନ୍ଧିଷ୍ଟାଡିୟମ ବଲାଙ୍ଗୀରଠାରେ କର୍ଣ୍ଣେଲ ସି କେ ନାଇଡୁ ଟ୍ରଫି ଉଦଯାପିତ ହୋଇଯାଇଛି। ଜିଲ୍ଲା କ୍ରୀଡା ସଂସଦ ବଲାଙ୍ଗିର ଓ ଓଡିଶା କ୍ରିକେଟ ଆସୋସିଏସନ ମିଳିତ ଆୟୋଜନରେ ଓଡିଶା ଦଳ ବିହାର ଦଳକୁ ହରାଇ ବିଜୟ ହାସଲ କରିଛି। ଉଦ୍ଯାପନି ସମାରୋହ ରେ ଜିଲ୍ଲା କ୍ରୀଡା ସଂସଦ ର ସଭାପତି ଶ୍ରୀକର ମିଶ୍ର ଙ୍କ ଅଧ୍ୟକ୍ଷତା ରେ ପୌରାଧ୍ୟକ୍ଷା ଶ୍ରୀମତୀ ଲିକା ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଜିଲ୍ଲା କ୍ରୀଡା ସଂସଦ ର ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଅନୁଷ୍ଠିତ ଖେଳରେ ସଂସଦର ଉପସଭାପତି ଡକ୍ଟର ପ୍ରହଲ୍ଲାଦ ଶତପଥି ସାଧାରଣ ସମ୍ପାଦକ ହରିନାରାୟଣ ପୁଜାରୀ ସହସମ୍ପାଦକ ପଦ୍ମଚରଣ ଆଚାର୍ଯ୍ୟ, ଶତ୍ରୁଘନ ସିଂ, କୋଷାଧ୍ୟକ୍ଷ ହେମନ୍ତ କୁମାର ବେହେରା କ୍ରିକେଟ ସମ୍ପାଦକ ଓମ ପ୍ରକାଶ ଚାନ୍ଦ ଫୁଟବଲ ସମ୍ପାଦକ ଶରତ କୁମାର ନନ୍ଦ କ୍ରିଡା ସମ୍ପାଦକ ବିଭୁତି ଭୂଷଣ ପଣ୍ଡା, କାଉନସିଲ ସଭ୍ୟ ପ୍ରଭାତ କୁମାର ମିଶ୍ର, ଗୌର ପ୍ରଧାନ, ରବିନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। କ୍ରିକେଟ କୋଚ